ଆଜି - ଶୁକ୍ରବାର
ତାରିଖ - ୧୭ ଜୁଲାଇ ୨୦୨୬
ମାସ - କର୍କଟ, ଦିନ - ୦୧
ତିଥି - ଦ୍ୱିତୀୟା, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଚତୁର୍ଥୀ କ୍ଷୟ, ମଘା, ସିଂହ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୦: ୦୦
ସୂର୍ଯ୍ୟାସ୍ତ - ୬ : ୨୫: ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com



ଜୟ ଜଗନ୍ନାଥ ସ୍ୱାମୀ, ନୟନ ପଥଗାମୀ ଭବ ତୁମେ ।

E-News : www.Ajikali epaper.com

Vol.- 41 ISSUE- 94 R.N.I. REGD. No. 44026/86 ବାଲେଶ୍ୱର ୧୭ ଜୁଲାଇ ୨୦୨୬ ଶୁକ୍ରବାର BALASORE 17 JULY 2026 FRIDAY “REGISTERED” REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

# ମାଉସୀ ମା’ ମନ୍ଦିର ଅଭିମୁଖେ ତିନି ରଥ






## ବାଟରେ ଅଟକିଲେ ତିନି ଠାକୁର; ଆଜି ପୁଣି ରଥ ଟଣା



ପୁରୀ: ମହାପ୍ରଭୁଙ୍କ ରଥଟଣା କାର୍ଯ୍ୟ ଆଜି ପାଇଁ ବନ୍ଦ ହୋଇଛି । ସନ୍ଧ୍ୟା ୫ଟାରୁ ଆରମ୍ଭ ହୋଇଥିବା ରଥଟଣା କାର୍ଯ୍ୟ ରାତି ପ୍ରାୟ ୭ଟା ୨୫ରେ ବନ୍ଦ କରାଯାଇଛି । ବଳଭଦ୍ରଙ୍କ ତାଳଧ୍ୱଜ ମାର୍କେଟ ଛକ ଏବଂ ସୁଭଦ୍ରାଙ୍କ ଦର୍ପଦଳନ ମରୀଚିକୋଟରେ ପହଂଚିଛି । ନନ୍ଦିଘୋଷ ରଥ ଅକ୍ସବାଟ ଗଲା ପରେ ଅଟକିଛି । ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୯ଟାରେ ପୁଣି ଥରେ ତିନି ରଥଙ୍କୁ ଭକ୍ତମାନେ ଟାଣିବାର ସୁଯୋଗ ପାଇବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି । ଆଜି ଶୃଙ୍ଖଳିତ ଭାବେ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଛି । ବର୍ଷା ଯୋଗୁଁ କିଛି ନୀତିକାନ୍ତି ବିଳମ୍ବ ହୋଇଥିଲା । ତେଣୁ ଶ୍ରୀଜୀଉଙ୍କ ଆସନ୍ତାକାଲି ଆଡ଼ପ ବିଜେ ହୋଇପାରିବ ନାହିଁ । ରଥଯାତ୍ରାର ମୁଖ୍ୟ ଆକର୍ଷଣ କୁହାଯାଉଥିବା ‘ରଥ’ର ଗତି ଦେଖିବାକୁ ମିଳିଛି ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ । ଯେଉଁ ମୁହୂର୍ତ୍ତକୁ ଦେଖିବା ପାଇଁ ଭକ୍ତମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ ସେହି ଆଶା ପୂରା ହୋଇଛି । ଶରଧାବାଲି ଅଭିମୁଖେ ତିନି ରଥ ’ତାଳଧ୍ୱଜ’ ଗଡ଼ିଛି । ଘଂଟ, ଘଂଟି ଏବଂ ହରିବୋଲରେ ବଡ଼ଦାଣ୍ଡ କମ୍ପି ଉଠିଛି । ଭକ୍ତମାନେ ଶ୍ରଦ୍ଧାର ସହିତ ରଥ ଟାଣି ନେଉଛନ୍ତି । ତାଳଧ୍ୱଜ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ମଧ ଶରଧାବାଲି ଅଭିମୁଖେ ଗଡ଼ିଛି । ବଡ଼ଦାଣ୍ଡରେ ରଥ ଗଡ଼ିବା ପୂର୍ବରୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୁବର୍ଣ୍ଣ ଖଡ଼ିକାରେ ଛେରାପହଁରା ନୀତି କରିଥିଲେ । ପରମ୍ପରା ଅନୁଯାୟୀ ଗଜପତି ମହାରାଜା ତିନି ରଥରେ ବିରାଜମାନ ଚତୁର୍ଦ୍ଧାମୂର୍ତିଙ୍କ ସମ୍ମୁଖରେ ସୁବର୍ଣ୍ଣ ଖଡ଼ିକାରେ ରଥକୁ ପରିଷ୍କାର କରି ଏହି ପବିତ୍ର ନୀତି ସମ୍ପାଦନ କରିଥିଲେ । ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଶ୍ରୀଜିଉଙ୍କ ଦର୍ଶନ କରିଥିଲେ । ପାରମ୍ପରିକ ରୀତିନୀତି ଅନୁଯାୟୀ ସେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପ୍ରଣାମ ଜଣାଇ ଦେଶ ଓ ବିଶ୍ୱର ଶାନ୍ତି, ସମୃଦ୍ଧି ଏବଂ ସର୍ବଜନଙ୍କ ମଙ୍ଗଳ କାମନା କରିଥିଲେ ।

### ରାଷ୍ଟ୍ରପତିଙ୍କ ଶୁଭେଚ୍ଛା



ଘୋଷଯାତ୍ରା ଶୁଭେଚ୍ଛା ଜଣାଇ ରାଷ୍ଟ୍ରପତି କହିଛନ୍ତି, ’’ ମହାପ୍ରଭୁଙ୍କ ରଥଯାତ୍ରାର ଏହି ପବିତ୍ର ଅବସରରେ, ମୁଁ ଦେଶ ଏବଂ ବିଦେଶରେ ଥିବା ସମସ୍ତ ଶ୍ରୀଜଗନ୍ନାଥ ଭକ୍ତଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ଏହା ଏକ ଲୋକପ୍ରିୟ ବିଶ୍ୱାସ ଯେ, ପବିତ୍ର ରଥଯାତ୍ରାର ଏହି ମହାନ ପରମ୍ପରା ସମୟରେ, ମହାପ୍ରଭୁ ଶ୍ରୀଜଗନ୍ନାଥ, ଚକ୍ରରାଜ ସୁଦର୍ଶନ, ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହିତ ଭକ୍ତମାନଙ୍କୁ ସାକ୍ଷାତ କରନ୍ତି । ଭକ୍ତ ଏବଂ ପ୍ରଭୁଙ୍କ ମଧ୍ୟରେ ଏକତାର ଏହି ଭାବପ୍ରବଣ ମୁହୂର୍ତ ଅତୁଳନୀୟ । ମୋର ପ୍ରାର୍ଥନା ଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ, ଆମ ଦେଶ ଏବଂ ଏହାର ଲୋକଙ୍କ ସୁଖ ଏବଂ ସମୃଦ୍ଧିରେ ନିରନ୍ତର ବୃଦ୍ଧି ହେଉ । ଜୟ ଜଗନ୍ନାଥ !

### ଶୁଭେଚ୍ଛା ଜଣାଇଲେ ଉପ ରାଷ୍ଟ୍ରପତି



ପବିତ୍ର ରଥଯାତ୍ରା ଅବସରରେ ଶୁଭେଛା ଜଣାଇଛନ୍ତି ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ । ସେ କହିଛନ୍ତି, ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା । ପବିତ୍ର ରଥଯାତ୍ରା ବିଶ୍ୱାସ, ଭକ୍ତି, ସମାନତା ଏବଂ ସାମୂହିକ ସମନ୍ୱୟର ମୂଲ୍ୟବୋଧକୁ ପ୍ରତିଫଳିତ କରେ, ସମସ୍ତ ଭିନ୍ନତାରୁ ଉର୍ଦ୍ଧ୍ୱକୁ ଆସି ଲୋକଙ୍କୁ ଏକାଠି କରେ । ଏହା ଆମର ସମୃଦ୍ଧ ସଭ୍ୟତା ନୀତି ଏବଂ ସ୍ଥାୟୀ ଆଧାତ୍ମିକ ପରମ୍ପରାର ଏକ ସ୍ପନ୍ଦନଶୀଳ ଉତ୍ସବ । ମହାପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଆଶୀର୍ବାଦ ଆମକୁ ଧାର୍ମିକତାର ପଥରେ ଚାଲିବାକୁ, ଆମର ସାମୂହିକ ସଂକଳ୍ପକୁ ମଜବୁତ କରିବାକୁ ଏବଂ ଆମ ଦେଶରେ ଶାନ୍ତି ଏବଂ ଏକତାକୁ ବୃଦ୍ଧି କରିବାକୁ ପ୍ରେରଣା ଦେଉ ।’’

### ରଥଯାତ୍ରା ଅବସରରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ଏକ୍ସରେ ଘୋଷଯାତ୍ରାରେ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲେଖିଛନ୍ତି, ’’ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାର ପବିତ୍ର ଅବସରରେ, ମୋର କାମନା ଯେ ତାଙ୍କର ଆଶୀର୍ବାଦ ଆମ ସମସ୍ତଙ୍କ ଉପରେ ଚିରକାଳ ରହୁ । ତାଙ୍କର ଦିବ୍ୟ କୃପା ଆମ ସମସ୍ତ ଦେଶବାସୀଙ୍କ ଜୀବନରେ ନୂତନ ଶକ୍ତି ସଂଚାର କରୁ ।’’ ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ରଥଯାତ୍ରା ଅଟଳ ବିଶ୍ୱାସ, ବିଶ୍ୱାସ ଏବଂ ଭକ୍ତିର ପ୍ରତୀକ । ଏହି ପବିତ୍ର ରଥଯାତ୍ରା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରେ ଏବଂ ଦିବ୍ୟତା ପ୍ରତି ଅଖଣ୍ଡ ଶ୍ରଦ୍ଧା ପ୍ରଦର୍ଶନ କରେ ।

## ଅଳ୍ପରେ ଖବର

- ପୁରୀ ରଥଯାତ୍ରା ବେଳେ ବଡଦାଣ୍ଡରେ ଘଟିଛି ଅଘଟଣ । ଶୃଙ୍ଖଳିତ ରଥଯାତ୍ରା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ସତ୍ତ୍ୱେ ଭିଡ ଭିତରେ ୨ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି ।
- ପବିତ୍ର ରଥଯାତ୍ରା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀକ୍ଷେତ୍ର ପୁରୀ ଗସ୍ତ କରି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହେବା ସହ ଚତୁର୍ଦ୍ଧାମୂରତିଙ୍କ ଦର୍ଶନ କରିଛନ୍ତି । ଏହି ପବିତ୍ର ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ରଥଯାତ୍ରା ସମସ୍ତଙ୍କ ପାଇଁ ଏକ ପବିତ୍ର ଓ ଗୌରବମୟ ଦିନ ।
- ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ‘ଉତ୍କଳ ପ୍ରସଙ୍ଗ’, ‘ଓଡ଼ିଶା ରିଭ୍ୟୁ’ ଏବଂ ‘ପ୍ରଗତି ପ୍ରବାହ’ ପତ୍ରିକାର ଶୁଭ ଉନ୍ମୋଚନ କରାଯାଇଛି ।
- ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ଦିଲ୍ଲୀରେ ଆୟୋଜିତ ରଥଯାତ୍ରାରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗଦେଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ।

## ପୁରୀ ରଥଯାତ୍ରାରେ ସାମିଲ ହେଲେ ରାଜ୍ୟପାଳ



ଭୁବନେଶ୍ୱର : ପବିତ୍ର ରଥଯାତ୍ରା ଅବସରରେ ଗୁରୁବାର ଦିନ ପୁରୀରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତଙ୍କ ସହ ସାମିଲ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଭବ୍ୟ ରଥଯାତ୍ରାରେ ଯୋଗ ଦେଇଛନ୍ତି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି । ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି ମାନ୍ୟବର ରାଜ୍ୟପାଳ ଓଡ଼ିଶାବାସୀଙ୍କ ଶାନ୍ତି, ସମୃଦ୍ଧି ଓ ସୁଖମୟ ଜୀବନ ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ । ପବିତ୍ର ରଥଯାତ୍ରାର ଅନୁଭୂତିକୁ ଆଧାତ୍ମିକ ଓ ଉତ୍ସାହପ୍ରଦ ବୋଲି ବର୍ଣ୍ଣନା କରି ରାଜ୍ୟପାଳ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦିବ୍ୟ ଉପସ୍ଥିତିରେ ରହିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ କରିଥିଲେ । ଏହି ଅବସରରେ ସମସ୍ତ ଭକ୍ତଙ୍କୁ ରାଜ୍ୟପାଳ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ପବିତ୍ର ରଥଯାତ୍ରା ଆମ ସମସ୍ତଙ୍କ ମଧ୍ୟରେ ଆସ୍ଥା, ଏକତା, ସମାନତା, ଭାଇଚାରା ଓ ମାନବିକତାର ଭାବନାକୁ ଆହୁରି ସୁଦୃଢ଼ କରୁ ବୋଲି ପ୍ରାର୍ଥନା କରିଥିଲେ । ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ବିରାଜମାନ କରୁ ଏବଂ ମହାପ୍ରଭୁଙ୍କ ଆଶୀର୍ବାଦ ସମସ୍ତଙ୍କୁ ଶାନ୍ତି, ସଦଭାବ, କରୁଣା ଓ ଧର୍ମର ପଥରେ ଆଗେଇ ନେଉ ବୋଲି ରାଜ୍ୟପାଳ କାମନା କରିଥିଲେ ।

## ରାଜ୍ୟର ୭ଟି ଷ୍ଟେସନ ସମେତ ଦେଶର ୭୫ ଅମୃତ ଭାରତ ଷ୍ଟେସନର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟରେ ରେଳ ଭିତିଭୂମିର ଆଧୁନିକୀକରଣ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୭୫ଟି ପୁନର୍ନିର୍ମିତ ରେଳ ଷ୍ଟେସନର ଉଦ୍‌ଘାଟନ କରିବେ । ଏହି ମେଗା ପ୍ରକଳ୍ପରେ ଓଡ଼ିଶାର ୭ଟି ପ୍ରମୁଖ ଷ୍ଟେସନ ଯଥା— ବଲାଙ୍ଗୀର, ବରପାଲି, ପାରଳାଖେମୁଣ୍ଡି, ତାଳଚେର, କେସିଙ୍ଗା, ବାରିପଦା ଏବଂ ବିମଳଗଡ଼ ସାମିଲ ରହିଛି, ଯାହାର ନବକଳେବର ହୋଇଛି । କେନ୍ଦ୍ର ସରକାରଙ୍କ ’ଅମୃତ ଭାରତ ଷ୍ଟେସନ ଯୋଜନା’ ଅଧୀନରେ ଏହି ଷ୍ଟେସନ ଗୁଡ଼ିକୁ ବିଶ୍ୱସ୍ତରୀୟ, ସମାବେଶୀ ଏବଂ ଭବିଷ୍ୟତର ଆବଶ୍ୟକତାକୁ ଚାହିଁ ବିକଶିତ କରାଯାଇଛି । ଓଡ଼ିଶାର ଏହି ୭ଟି ଷ୍ଟେସନର ନବୀକରଣ ପାଇଁ ପ୍ରାୟ ୧୦୯ କୋଟି ଟଙ୍କା ବ୍ୟୟ କରାଯାଇଛି । ସ୍ଥାନୀୟ ଐତିହ୍ୟକୁ ବଜାୟ ରଖିବା ସହ ଯାତ୍ରୀମାନଙ୍କୁ



ଆଧୁନିକ ସେବା ଯୋଗାଇଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ । ଯାତ୍ରୀଙ୍କ ସୁବିଧା ପାଇଁ ଆକର୍ଷଣୀୟ ନୂଆ ଷ୍ଟେସନ ଭବନ ନିର୍ମାଣ କରାଯିବା ସହ ଗାଡ଼ି ଚଳାଚଳ ନିୟନ୍ତ୍ରଣ ପାଇଁ ପ୍ରବେଶ ପଥକୁ ପ୍ରଶସ୍ତ କରାଯାଇଛି । ଷ୍ଟେସନ ଗୁଡ଼ିକରେ ଲିଫ୍ଟ ସୁବିଧା ସହ ୧୨ ମିଟର ଚଉଡ଼ାର ପାଦଚଲା ପୋଲ ନିର୍ମାଣ କରାଯାଇଛି, ଯାହା ଦ୍ୱାରା ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ସହଜରେ ଯାତାୟାତ କରିପାରିବେ । ଯାତ୍ରୀଙ୍କ ଆରାମଦାୟକ ଯାତ୍ରା ପାଇଁ ପ୍ଲାଟଫର୍ମଗୁଡ଼ିକରେ ଉନ୍ନତ ଆଶ୍ରୟସ୍ଥଳୀ, ଅତ୍ୟାଧୁନିକ ଅପେକ୍ଷା ଗୃହ, ସ୍ୱଚ୍ଛ ଶୌଚାଳୟ ଏବଂ ଡିଜିଟାଲ୍ ଯାତ୍ରୀ ସୂଚନା ଫଳକ ଲଗାଯାଇଛି । ଏହାସହ ଷ୍ଟେସନ ବାହାରେ ଗହଳି ନିୟନ୍ତ୍ରଣ କରିବା ପାଇଁ ପାର୍କିଂ ଜାଗାକୁ ଅଧିକ ପ୍ରଶସ୍ତ ଓ ବ୍ୟବସ୍ଥିତ କରାଯାଇଛି । ଏହି ନବୀକରଣର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ଷ୍ଟେସନ ଗୁଡ଼ିକର ସୁନ୍ଦର କଳାକୃତି । ପ୍ରତ୍ୟେକ ଷ୍ଟେସନର ନିର୍ମାଣ ଶୈଳୀରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଦେଖିବାକୁ ମିଳିବ । ଏଥିରେ ସ୍ଥାନୀୟ ହସ୍ତତନ୍ତ, ପାରମ୍ପରିକ ଶିଳ୍ପ ଏବଂ ଆଦିବାସୀ କଳାର ଚିତ୍ର ସ୍ଥାନ ପାଇଛି, ଯାହା ଓଡ଼ିଶାର ଗୌରବମୟ ପରିଚୟକୁ ପ୍ରଦର୍ଶିତ କରିବ । ଏହି ସାତଟି ଷ୍ଟେସନର ପୁନଃବିକାଶ ଭାରତୀୟ ରେଳବାଇର ଓଡ଼ିଶାର ସାମଗ୍ରିକ ସାମାଜିକ-ଅର୍ଥନୈତିକ ବିକାଶରେ ଯୋଗଦାନ ଦେବା ସହିତ ନିରାପଦ, ଆଧୁନିକ, ଅନ୍ତର୍ଭୁକ୍ତ ଏବଂ ଆରାମଦାୟକ ଯାତ୍ରା ସୁବିଧା ଯୋଗାଇବା ପାଇଁ ଚାଲିଥିବା ପ୍ରୟାସରେ ଆଉ ଏକ ମାଇଲଖୁଂଟ ।

## ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା: ପୁରୀରେ ରଥ ଟାଣିଲେ ମୁଖ୍ୟମନ୍ତ୍ରୀ



ପୁରୀ: ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀକୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଛି । ଏହାରି ମଧ୍ୟରେ ପ୍ରସିଦ୍ଧ ବଲିଉଡ୍ ପ୍ଲେବ୍ୟାକ୍ ସିଙ୍ଗର ସୋନୁ ନିଗମ ମଧ ମହାପ୍ରଭୁଙ୍କ ଦର୍ଶନ ପାଇଁ ପହଂଚି ଥିଲେ । ଯିଏକି ପ୍ରଥମ ଥର ପାଇଁ ରଥଯାତ୍ରାରେ ଶ୍ରୀଜିଉଙ୍କ ଲୀଳାଖେଳା ଦେଖିବେ । ଏହି ଗସ୍ତ ସମୟରେ ସେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ପୁରୀ ସାଂସଦ ସମ୍ବିତ ପାତ୍ରଙ୍କ ସହ ମଧ ସାକ୍ଷାତ କରିଥିଲେ । ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ଏବଂ ପ୍ରଗତି ପ୍ରବାହ ସମେତ ରାଜ୍ୟ ପ୍ରକାଶନର ନୂତନ ସଂସ୍କରଣ ପ୍ରକାଶ କରିଥିଲେ । ଯାହା ବରିଷ୍ଠ କ୍ୟାବିନେଟ ମନ୍ତ୍ରୀମାନଙ୍କ ଉପସ୍ଥିତିରେ ପ୍ରକାଶିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ସିଂହଦ୍ୱାରରେ ଏକ ଟଙ୍କ ତୋରାଣି ବଂଟନ କେନ୍ଦ୍ର ମଧ ଉଦଘାଟନ କରିଥିଲେ । ଏପରିକି ଭକ୍ତ ଏବଂ ତୀର୍ଥଯାତ୍ରୀମାନଙ୍କୁ ଟଙ୍କ ତୋରାଣି ବଂଟନ କରୁଥିବା ଦେଖାଯାଇଥିଲା ।

## ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍‌ର ଶୁଭାରମ୍ଭ

### ସବୁଜ ରେଳ ପରିବହନର ନୂତନ ଅଧ୍ୟାୟ; ଧୂଆଁମୁକ୍ତ ହାଇଡ୍ରୋଜେନ୍ ଶକ୍ତିରେ ଚାଲିବ ନୂଆ ଟ୍ରେନ୍

ନୂଆଦିଲ୍ଲୀ : ଭାରତୀୟ ରେଳବାଇ ଦେଶର ପ୍ରଥମ ହାଇଡ୍ରୋଜେନ୍ ଫୁଏଲ୍ ସେଲ୍ ଟ୍ରେନର ଶୁଭାରମ୍ଭ କରିବାକୁ ଯାଉଛି । ଏହି ଟ୍ରେନ୍ ସବୁଠାରୁ ସ୍ୱଚ୍ଛ ଜାଳେଣି ଭାବେ ଜଣାଶୁଣା ହାଇଡ୍ରୋଜେନ୍ (ଉଦ୍‌ଯାନ) ବ୍ୟବହାର କରି ନିଜ ଭିତରେ ହିଁ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରିଥାଏ । ବ୍ୟବହାର ସମୟରେ ଏହା ପ୍ରାୟ ଶୂନ୍ୟ ପ୍ରଦୂଷଣ ବା ନିର୍ଗମନ କରିଥାଏ । ଏହି ମାଇଲଖୁଂଟ ଭାରତୀୟ ରେଳବାଇ କିଭଳି ଭାବେ ନିଜ ଟ୍ରେନ୍‌ଗୁଡ଼ିକୁ ଶକ୍ତି ପ୍ରଦାନ କରି ଆସିଛି, ତାର ବିବର୍ତ୍ତନରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି; ଯାହା କୋଇଲା ଓ ବାଷ୍ପରୁ ଅଧିକ ସ୍ୱଚ୍ଛ ଏବଂ ସ୍ଥାୟୀ ଶକ୍ତି ଉତ୍ସ ଆଡ଼କୁ ଭାରତର ଯାତ୍ରାକୁ ପ୍ରତିଫଳିତ କରୁଛି । ବିଗତ ୧୨ ବର୍ଷ ମଧ୍ୟରେ, ଦ୍ରୁତ ବୈଦ୍ୟୁତିକରଣ ଆମଦାନୀ ହେଉଥିବା ଡିଜେଲ ଉପରେ ନିର୍ଭରଶୀଳତାକୁ ଯଥେଷ୍ଟ ହ୍ରାସ କରିଛି, ଯାହା ସ୍ୱଚ୍ଛ ରେଳ



ଚଳାଚଳ କ୍ଷେତ୍ରରେ ପରବର୍ତୀ ବଡ଼ ପଦକ୍ଷେପ ପାଇଁ ବାଟ ଫିଟାଇଛି । ଆଜି, ୯୯% ରୁ ଅଧିକ ବ୍ରଡ୍ ଗଜ୍ ରୁଟ୍ ବୈଦ୍ୟୁତିକରଣ ହୋଇସାରିଥିବା ବେଳେ, ଭାରତୀୟ ରେଳବାଇ ଏହି ଯାତ୍ରାକୁ ଆଉ ଗୋଟିଏ ପାଦ ଆଗକୁ ନେଉଛି । ଓଭରହେଡ୍ ଲାଇନରୁ ବିଦ୍ୟୁତ୍ ଗ୍ରହଣ କରୁଥିବା ପାରମ୍ପରିକ ଇଲେକ୍ଟ୍ରିକ୍ ଟ୍ରେନ୍ ଗୁଡ଼ିକ ତୁଳନାରେ, ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍ ଟ୍ରେନସେଟ୍ ଉଦଯାନ ଏବଂ ଅମ୍ଳଜାନ ମଧ୍ୟରେ ଏକ ରାସାୟନିକ ପ୍ରତିକ୍ରିୟା କରି ନିଜ ଭିତରେ ହିଁ ବିଦ୍ୟୁତ୍ ଉତ୍ପନ୍ନ କରିଥାଏ, ଯେଉଁଥିରେ କେବଳ ଜଳୀୟ ବାଷ୍ପ ହିଁ ଏହାର ଏକମାତ୍ର ଉପଜାତ ଦ୍ରବ୍ୟ ଭାବେ ନିର୍ଗତ ହୋଇଥାଏ । ଏକ ପ୍ରକାରେ ଦେଖିବାକୁ ଗଲେ, ପୂର୍ବରୁ କୋଇଲା ଏବଂ ଡିଜେଲ ଇଞ୍ଜିନ ଭଳି ଏହି ଟ୍ରେନ୍ ମଧ ନିଜର ଶକ୍ତି ଉତ୍ସକୁ ନିଜ ସହିତ ବହନ କରିଥାଏ । କିନ୍ତୁ କୋଇଲା କିମ୍ବା ଡିଜେଲ ଭଳି ପାରମ୍ପରିକ ଜାଳେଣି ଜାଳିବା ପରିବର୍ତ୍ତେ, ହାଇଡ୍ରୋଜେନ୍ ବାୟୁମଣ୍ଡଳରୁ ଅମ୍ଳଜାନ ଗ୍ରହଣ କରି ରାସାୟନିକ ପ୍ରତିକ୍ରିୟା ମାଧ୍ୟମରେ ଟ୍ରେନ୍ ଭିତରେ ହିଁ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରିଥାଏ; ଯାହା ଦ୍ୱାରା ଦହନ ପ୍ରକ୍ରିୟାର ଆବଶ୍ୟକତା ପଡ଼େନାହିଁ ଏବଂ କୌଣସି ବାହ୍ୟ ଶକ୍ତି ଯୋଗାଣ ଉପରେ ନିର୍ଭର କରିବାକୁ ପଡ଼ିନଥାଏ ।

# ଉତ୍ସାହ ଉଦ୍ଦୀପନା ମଧ୍ୟରେ ରଥାରୂଢ଼ ମହାବାହୁଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ

ବାଲେଶ୍ୱର(ନି.ପ୍ର.) : ଉତ୍ସାହ ଉଦ୍ଦିପନା ମଧ୍ୟରେ ୨ବର୍ଷ ଧରି ଶ୍ରଦ୍ଧାଳୁ ଓ ଭଗବାନଙ୍କର ମିଳନ କାର୍ଯ୍ୟକ୍ରମ ଘୋଷଯାତ୍ରା ନିରାଡ଼ମ୍ବର ଭାବେ ପାଳିତ ହୋଇଥିଲା ବେଳେ ଚଳିତ ବର୍ଷ ଉତ୍ସାହ, ଉଦ୍ଦିପନା ମଧ୍ୟରେ ରଥାରୂଢ଼ ମହାପ୍ରଭୁଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣିଲେ । ପ୍ରବଳ ଜନସମାଗମ ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ରଥଟଣା ଶେଷ ହୋଇଛି । ଆସନ୍ତାକାଲି ମଧ୍ୟ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହେବ । ସେହିପରି ବାଲିଘାଟ, ଝାଡ଼େଶ୍ୱରମନ୍ଦିର, ବାଣ୍ଡିଆଜଗନ୍ନାଥମନ୍ଦିର, ମଣ୍ଡଳବଜାର, ପୁରାତନ ସଦରଥାନାଛକ, ମହାବାହୁ, ରେମୁଣା ଇମାମୀ ପେପରମିଲ୍, ଜାନୁଗଂଜ ଗୋଲେଇ ତଥା ଅନ୍ୟାନ୍ୟ ସ୍ଥାନରେ ରଥଟଣା ଆରମ୍ଭ ହୋଇଥିବା ବେଳେ ନୀଳଗିରିରେ ପହଣ୍ଡି, ଶୁକ୍ରବାର ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସୂଚନାଯୋଗ୍ୟଯେ, ଗତ ୨ବର୍ଷର ରୂପରେଖ୍ୟକୁ ଯଦି ଆକଳନ କରାଯାଏ, ତେବେ ଶ୍ରଦ୍ଧାଳୁମାନେ ଦୁଃଖରେ ବିଭୋର ହୋଇ ମହାପ୍ରଭୁଙ୍କ ରଥକୁ ମୁଣ୍ଡିଆ ମାରିବା ସହ ମହାପ୍ରଭୁ ହିଁ ସମସ୍ତଙ୍କୁ ସହାୟ ହେବେ ବୋଲି ସୂଚନା ଦିଆଯାଇଛି । ପ୍ରକାଶଯେ ଭାବର ଠାକୁର କାନ୍ଧରେ ଗଲେ ମାଉସୀମା ମନ୍ଦିରକୁ । ତାଙ୍କର ଲୀଳା ବଡ଼ ବିଚିତ୍ର । ସାରା ବିଶ୍ୱ ମହାମାନ୍ୟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେଉଁ ପୁରୀ ଶ୍ରୀକ୍ଷେତ୍ରରେ ପ୍ରତ୍ୟେକ ବର୍ଷ ୧୦ରୁ ୧୨ଲକ୍ଷ ଶ୍ରଦ୍ଧାଳୁ ଯୋଗ ଦିଅନ୍ତି, ବିଶ୍ୱର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାରେ । ହେଲେ ଆଜି ସବୁକିଛି ଓଲଟପାଲଟ ହୋଇଯାଇଛି । ଆଜି ସୁନ୍ଦର ଭାବେ ଅନୁକୂଳ ପାଗ ସତ୍ୱେ ଶ୍ରଦ୍ଧାଳୁଙ୍କ ମାଧ୍ୟମରେ ପହଣ୍ଡି ଠାରୁ ଆରମ୍ଭ କରି ମାଉସୀ ମା ମନ୍ଦିରରେ ରଥାରୂଢ଼ ହୋଇ ପହଂଚିଛନ୍ତି ସେ ହେଲେ ଭାବର ଠାକୁର । କାରଣ ସାରା ବିଶ୍ୱରେ କୋଟି କୋଟି







ଶ୍ରଦ୍ଧାଳୁଙ୍କୁ ଆଜିଭଳି ଏକ ମହତ୍ ଦିବସରେ ଦର୍ଶନ ଦେଇଛନ୍ତି ରଥାରୁଢ଼ ହୋଇ ବୈଦ୍ୟୁତିକ ଗଣମାଧ୍ୟମ । କାରଣ ପୋଲିସ ଜନସାଧାରଣଙ୍କର ଆସ୍ଥା ଭାଜନ ହୋଇଥିଲେ ମଧ୍ୟ ସେମାନେ ଆଜି ଅନେକ ଡ୍ୟୁଟିରେ ଥାଇ ମଧ୍ୟ ମହାପ୍ରଭୁଙ୍କ ରଥ ଦଉଡ଼ି ଧରିବେ, ମହାପ୍ରଭୁଙ୍କୁ ଟାଣିବେ, ଏ କିଛି କମ୍ ବଡ଼ କଥା ନୁହେଁ । ସେମାନେ ମଧ୍ୟ ଆଜି ଭଳି ଦିନରେ ଧୋତି ପିନ୍ଧି ମହାପ୍ରଭୁଙ୍କ ସେବା ପାଇଛନ୍ତି । ଦଇତାପତି, ଜଗତଗୁରୁ ଶଙ୍କରାଚାର୍ଯ୍ୟ, ଠାକୁରରାଜା ଦିବ୍ୟସିଂଦେବ, ସର୍ବୋପରି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଆରମ୍ଭ ଅନ୍ୟ ମନ୍ତ୍ରୀ ମଣ୍ଡଳର ମନ୍ତ୍ରୀମାନେ କେବଳ ବୈଦ୍ୟୁତିକ ଗଣମାଧ୍ୟମ ସମ୍ମୁଖରେ ଲୟତନ୍ମ ଶୋଇଯାଇ ସବୁବେଳେ ବଡ଼ ଠାକୁରଙ୍କୁ ପ୍ରାର୍ଥନା କରିଛନ୍ତି । ହେଲେ ପ୍ରତ୍ୟୁଷରୁ ପ୍ରତ୍ୟେକ ଜଗନ୍ନାଥଙ୍କ ମନ୍ଦିରରେ ଦେବନୀତି ପାଳନ କରାଯାଇ ମଇଲମ ଠାରୁ ପହଣ୍ଡି ପର୍ଯ୍ୟନ୍ତ ସବୁକିଛି କାର୍ଯ୍ୟ ଶେଷ ହୋଇଛି ମନ୍ଦିର ପରିସରରେ । ଏହାର ପ୍ରଭାବ ମଧ୍ୟ ବାଲେଶ୍ୱର ଜିଲ୍ଲାରେ ଅନୁଭୂତ ହୋଇଛି ।

ପ୍ରକାଶଯେ, ବାଲିଘାଟ ସୁରକ୍ଷା କମିଟି ଆନୁକୂଲ୍ୟରେ ରଥ କମିଟି ପକ୍ଷରୁ ୨୭ ତାରିଖ ପହଣ୍ଡି କାର୍ଯ୍ୟ ଶେଷ ହୋଇ ଶ୍ରୀ ଜୀଉମାନେ ରଥାରୂଢ଼ ହୋଇଛନ୍ତି । ଆସନ୍ତା ୨୮ ତାରିଖ ପୂର୍ବାହ୍ନରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବାଲିଘାଟ ଠାରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଅପରାହ୍ନରେ ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣି ଟାଣି ବାଲିଘାଟ ଠାରୁ ବଇଁଚା ଦୁର୍ଗାମନ୍ଦିର ଯାହାକି ମାଉସୀମା' ପୀଠସ୍ଥଳୀ କୁହାଯାଉଛି । ସେହିଠାରେ ପହଁଚିବେ ଏବଂ ସେଠାରେ ୮ଦିନ ଧରି ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ, କୀର୍ତ୍ତନ ଇତ୍ୟାଦି ପାଳନ କରାଯିବ । ସେହିପରି ୧୬ ତାରିଖ ସନ୍ଧ୍ୟାରେ ବିଚାରଗଂଜ ଫାଣ୍ଡିଛକ ଠାରେ ଝାଡ଼େଶ୍ୱର ମନ୍ଦିରର ମହାବାହୁଙ୍କ ରଥ ପହଂଚିଛି । ପ୍ରବଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ବାଲଗୋପାଳପୁର ସ୍ଥିତ ଇମାମୀ ପେପରମିଲ୍, ଜଗନ୍ନାଥ ମନ୍ଦିର ଓ ଖନ୍ତାପଡ଼ା କୁଣିଆ ଜଗନ୍ନାଥ ମନ୍ଦିରର ରଥଯାତ୍ରା କାର୍ଯ୍ୟକ୍ରମ ଉତାଳ ଜନସମୁଦ୍ର ମଧ୍ୟରେ ପାଳିତ ହୋଇଯାଇଛି ।

## ଇମାମି ନଗରରେ ଭକ୍ତିଭାବରେ ପାଳିତ ହେଲା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା





ବାଲେଶ୍ୱର, (ନି.ପ୍ର): ରେମୁଣା ବ୍ଲକ୍ ଅନ୍ତର୍ଗତ ବାଲଗୋପାଳପୁର ଶିଳ୍ପାଂଚଳର ଇମାମି ନଗର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଗୁରୁବାର ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଛି । ଶତାଧିକ ଭକ୍ତଙ୍କ ସମାଗମରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ଦିବ୍ୟ ରଥଯାତ୍ରା ଭକ୍ତିମୟ ପରିବେଶ ମଧରେ ଅନୁଷ୍ଠିତ ହୋଇଥିଲା ।ମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ରଥ ପ୍ରତିଷ୍ଠା, ଆଜ୍ଞାମାଳ ଅର୍ପଣ, ମଙ୍ଗଳାର୍ପଣ, ଧାଡ଼ିପହଣ୍ଡି ଓ ଟାହିଆଲାଗି ନୀତି ସମ୍ପନ୍ନ କରାଯାଇଥିଲା । ଇମାମିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁଶୀଳ କୁମାର ଖେତାନ ପାରମ୍ପରିକ 'ଛେରା ପହଁରା' ନୀତି ସମ୍ପାଦନ କରିଥିଲେ ।ଘ[, କାହାଳୀ, ମୃଦଙ୍ଗ ଓ ଶଙ୍ଖଧ୍ୱନି ସହ 'ଜୟ ଜଗନ୍ନାଥ' ଜୟଘୋଷରେ ସମଗ୍ର ପରିବେଶ ଆଧ୍ୟାତ୍ମିକ ଭାବରେ ଉଦ୍ବେଳିତ ହୋଇଉଠିଥିଲା । ଭକ୍ତମାନେ ଭକ୍ତିର ଦଉଡ଼ିରେ ସୁସଜ୍ଜିତ ରଥକୁ ଟାଣି ମହାପ୍ରଭୁଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରାଇଥିଲେ ।ଉଲ୍ଲେଖଯୋଗ୍ୟ ଯେ, ଇମାମି ଗ୍ରୁପର ପ୍ରତିଷ୍ଠାତା ରାଧେଶ୍ୟାମ ଅଗ୍ରୱାଲ ଓ ରାଧେଶ୍ୟାମ ଗୋଏଙ୍କାଙ୍କ ଧାର୍ମିକ ଚେତନା ଓ ସେବାଭାବର ପ୍ରତୀକ ସ୍ୱରୂପ ଏହି ଶ୍ରୀଜଗନ୍ନାଥ ମନ୍ଦିର ସ୍ଥାପିତ ହୋଇଥିବାବେଳେ ବର୍ତ୍ତମାନ ଏହା ହଜାର ହଜାର ଭକ୍ତଙ୍କ ପାଇଁ ଆଧ୍ୟାତ୍ମିକ ଆସ୍ଥାର କେନ୍ଦ୍ର ପାଲଟିଛି ।ସୁଶୀଲ ଗୋଏଙ୍କାଙ୍କ ତତ୍ତ୍ୱାବଧାନରେ ଇମାମି ପେପର ମିଲ୍ସ ଲେଡିଜ୍ କ୍ଲବ୍ ଓ ରଥଯାତ୍ରା କମିଟିର ସହଯୋଗରେ ସମଗ୍ର ଉତ୍ସବ ସୁଚାରୁ ଭାବେ ପରିଚାଳିତ ହୋଇଥିଲା । ଏହି ଅବସରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ କମ୍ପାନୀର ବରିଷ୍ଠ କର୍ମକର୍ତା ଉପସ୍ଥିତ ଥିଲେ । କମ୍ପାନୀ ପକ୍ଷରୁ ଭକ୍ତମାନଙ୍କ ପାଇଁ ମହାପ୍ରସାଦ ବିତରଣ ସହ ମାଗଣା ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କରାଯାଇଥିଲା । ନଅ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଉତ୍ସବରେ ପ୍ରତିଦିନ ସନ୍ଧ୍ୟାରେ ବୃନ୍ଦାବନର ପ୍ରଖ୍ୟାତ କଳାକାରମାନଙ୍କ ଦ୍ୱାରା ରାସଲୀଳା ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

## ଭକ୍ତିମୟ ଆଧ୍ୟାତ୍ମିକ ପରିବେଶରେ ଶ୍ରୀ ଶ୍ରୀ ପତିତ ପାବନ ମନ୍ଦିର ବିଜେ ଶ୍ରୀ ଜୀଉ ଙ୍କ ଭବ୍ୟ ରଥ ଯାତ୍ରା

ବାଲେଶ୍ୱର(ନି.ପ୍ର.) ଉତର ଓଡ଼ିଶା ର ପ୍ରସିଦ୍ଧ ଶୈବ ପୀଠ,ଦେବଗିରି ପାହାଡ ପାଦ ଦେଶରେ ଅବସ୍ଥିତ ଶ୍ରୀ ଶ୍ରୀ ପତିତ ପାବନ ମନ୍ଦିର ବିଜେ ପରମ କାରୁଣିକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ,ଶହ ଶହ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ଙ୍କ ଗହଣ ରେ

ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରଶ୍ରୀ ଶ୍ରୀ ପତିତ ପାବନ ମନ୍ଦିର ପରିସର ଭକ୍ତି, ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟର ଏକ ଅପୂର୍ବ ମିଳନ ସ୍ଥଳୀରେ ପରିଣତ ହୋଇଥିଲା । ନବଯୌବନ ବେଶ ଓ ନେତ୍ରୋତ୍ସବ ପରେ, ମଧୁସୂଦନ ନାୟକ ମୁଖ୍ୟ ସେବକ ଭାବେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ । ମଙ୍ଗଳଧୂପ ପରେ ମୁଖ୍ୟ ପୂଜକ, ସେବାୟତ ମାନଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତିଙ୍କୁ ପାରମ୍ପରିକ ଗୋଟି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା । ଘ[-ଘ[, ଶଙ୍ଖ-ମୃଦଙ୍ଗ , କୀର୍ତନ,ଆଦିବାସୀ ନୃତ୍ୟ ଓ ଜୟ ଜଗନ୍ନାଥ ଧ୍ୱନି ସହିତ ଆଲଟ-ଚାମର ସେବା ସହ ଅନୁଷ୍ଠିତ ରଥଯାତ୍ରାରେ ଭକ୍ତିମୟ ସଂକୀର୍ତନ ଓ ଜଗନ୍ନାଥ ଭଜନ ସମଗ୍ର ପରିବେଶକୁ ଆଧ୍ୟାତ୍ମିକତା ରେ ଭକ୍ତି ମୟ କରି ଦେଇ ଥିଲା । ଏହି ଅବସରରେ ଭୋଗ ଅର୍ପଣ, ଛେରାପହଁରା ଓ ରଥଟଣା



ପରମ୍ପରା ମଧ୍ଯ ବିଧି ବିଧାନ ସହିତ ସମ୍ପନ୍ନ ହୋଇଥିଲା । ତତ୍ ସହିତ ପ୍ରବଚକ ଡ.ପ୍ରଦୀପ୍ତ କୁମାର ମିଶ୍ର ଙ୍କ ତତ୍ୱ ପୂର୍ଣ୍ଣ ,ସରଳ , ସାବଲୀଳ ଭାଷା ରେ ଶ୍ରୀ ଜଗନ୍ନାଥ ଙ୍କ ଲୀଳା ବର୍ଣ୍ଣନା ରେ ଶ୍ରଦ୍ଧାଳୁ ମାନେ ଅବିଭୁତ ହୋଇ ପଡ଼ିଥିଲେ । ପଂଚଲିଙ୍ଗେଶ୍ୱର ଛକ ସ୍ଥିତ ମାଉସୀମା' ମନ୍ଦିର ଅଭିମୁଖେ ରଥଯାତ୍ରା ସମୟରେ ସାମୂହିକ ସଂକୀର୍ତନ ,ଭକ୍ତିଗୀତ ଓ ପ୍ରବଚନ ସମଗ୍ର ପରିବେଶକୁ ଏକ ଅଲୌକିକ ଭାବାବେଶ ରେ ପରିଣତ କରିଥିଲା । ପରିଶେଷରେ ଚତୁର୍ଦ୍ଧାମୂର୍ତି ଓ ପ୍ରଭୁ ସୁଦର୍ଶନଙ୍କୁ ଶ୍ରୀ ଶିରିଡି ସାଇ ମନ୍ଦିର ସ୍ଥିତ ମାଉସୀ ଶ୍ରୀଗୁଣ୍ଡିଚା ଙ୍କ ଘରେ ରେ ବିରାଜମାନ କରାଯାଇ ଭୋଗ ପ୍ରସାଦ ବ[ନ ସହ ପବିତ୍ର ଘୋଷଯାତ୍ରାର ପ୍ରଥମ ପର୍ଯ୍ୟାୟର ନୀତି କାନ୍ତି ସମ୍ପନ୍ନ କରାଯାଇଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ,ଅନ୍ୟ ମାନଙ୍କ ମଧରେ, ସର୍ବଶ୍ରୀ ବସନ୍ତ କୁମାର ରାଉଳ, ଉଷାରାଣୀ ରାଉଳ, ଶରତ ରାଉତ, ସୋମନାଥ ନାୟକ, ଚତୁର୍ଭୁଜ ସ୍ୱାଇଁ ଙ୍କ ସମେତ ମନ୍ଦିର କମିଟି ର ସମସ୍ତ ସଦସ୍ୟ/ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିବା ଦେଖା ଯାଇଛି ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର(ନି.ପ୍ର.) ନ୍ୟାୟ ଏବଂ ନୈତିକ ଆଚରଣର ପ୍ରତୀକ ଭଗବାନ ରାମ, କୋଟି କୋଟି ଭାରତୀୟଙ୍କ ଆସ୍ଥା, ସଂସ୍କୃତି ଏବଂ ନୈତିକ ଚେତନାର ପ୍ରତିନିଧିତ୍ୱ କରନ୍ତି । ଦେଶର ପ୍ରତ୍ୟେକ କୋଣ ଅନୁକୋଣରୁ ଗରିବ ପରିବାର, ଚାଷୀ, ଶ୍ରମିକ, ମହିଳା ଏବଂ ଶ୍ରଦ୍ଧାଳୁମାନେ ରାମ ମନ୍ଦିର ନିର୍ମାଣ ପାଇଁ ସେମାନଙ୍କର କଷ୍ଟଅର୍ଜିତ ସଂଚୟ, ଅଳଙ୍କାର ଏବଂ ଦାନ ସାମଗ୍ରୀ ପ୍ରଦାନ କରିଥିଲେ । ପ୍ରାୟ ତିନି ଦଶନ୍ଧି ଧରି ବିଜେପି, ଆରଏସଏସ, ବିଶ୍ୱ ହିନ୍ଦୁ ପରିଷଦ ଏବଂ ଅନ୍ୟାନ୍ୟ ସଂଘ ପରିବାର ସଂଗଠନଗୁଡ଼ିକ ଭଗବାନ ରାମଙ୍କ ନାମରେ ଚାନ୍ଦା ସଂଗ୍ରହ କରିଥିଲେ ଏବଂ ଏହି ଆନ୍ଦୋଳନ ଉପରେ ସେମାନଙ୍କର ରାଜନୈତିକ ଭାଗ୍ୟ ଗଢ଼ିଥିଲେ । ଆଜି ସେହି କୋଟି କୋଟି ଶ୍ରଦ୍ଧାଳୁ ପ୍ରଶ୍ନ କରିବାକୁ ବାଧ ହେଉଛନ୍ତି: ଭଗବାନ ରାମଙ୍କ ନାମରେ ଦିଆଯାଇଥିବା ଦାନ ଏବଂ ଭେଟିକୁ କିଏ ଲୁଟ୍ କଲା ଏବଂ କାହାର ସୁରକ୍ଷା ବଳୟ ମଧ୍ୟରେ ଏହା ଘଟିଲା ? ଏହା କେବଳ ଏକ ଆର୍ଥିକ ଦୁର୍ନୀତି ନୁହେଁ । ଏହା କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା, ବିଶ୍ୱାସ ଏବଂ ଭାବନା ପ୍ରତି ଏକ ଗୁରୁତର ବିଶ୍ୱାସଘାତକତା । ଏପର୍ଯ୍ୟନ୍ତ ସାମ୍ନାକୁ ଆସିଥିବା ତଥ୍ୟ ଅତ୍ୟନ୍ତ ଚିନ୍ତାଜନକ: ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର




ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫା 'ଧର୍ମକୁ ଆଖିଠାର' ଭାବେ ଗ୍ରହଣ କରାଯାଇସାରିଛି । ଏହା ନିଜେ ଦର୍ଶାଉଛି ଯେ ଏହି ମାମଲା କେବଳ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଏହାଠାରୁ ଢେର ଅଧିକ ଗମ୍ଭୀର ଏବଂ ଏକ ବଡ଼ ଦୁର୍ନୀତି ଆଡ଼କୁ ଇସାରା କରୁଛି । ୨୨ ଜାନୁଆରୀ ୨୦୨୪ ରେ ଅନୁଷ୍ଠିତ ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ପ୍ରାୟ ୧୧୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା, ଯେଉଁଥିରେ ପ୍ରାୟ ୮,୦୦୦ ଅତିଥି ଯୋଗ ଦେଇଥିଲେ ।ଯେତେବେଳେ କି ନିମ୍ନ ସ୍ତରର କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଟ୍ରଷ୍ଟର ସର୍ବୋଚ୍ଚ ସ୍ତରରେ ଉତରଦାୟିତ୍ୱର ସମ୍ପୂର୍ଣ୍ଣ ଅଭାବ ରହିଛି ।ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ବିଜେପି-ଆରଏସଏସ ପରିସଂସ୍ଥାନ ଭଗବାନ ରାମଙ୍କ ନାମରେ ମିଳିଥିବା ଦାନକୁ ତ ଛାଡ଼ିଲେ ନାହିଁ, ଏପରିକି ବଦ୍ରିନାଥ ଧାମରୁ ଆସିଥିବା ସମ୍ପ୍ରତି ଅଭିଯୋଗ ଅନୁଯାୟୀ ଅନ୍ୟ ପବିତ୍ର ମନ୍ଦିରର ଭେଟିକୁ ମଧ୍ୟ ଲୁଟ୍ କରାଯାଇଛି । ସିସିଟିଭି ସର୍ଭେଲାନ୍ସ ଏବଂ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସତ୍ୱେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସଂରକ୍ଷଣ ବିନା ଏଭଳି ଏକ ବଡ଼ ଦୁର୍ନୀତି ହୋଇପାରିବ ନାହିଁ, ଏହି ସତ୍ୟକୁ କୌଣସି ସାମ୍ବାଦିକ ସମ୍ମିଳନୀ ଲୁଚାଇ ପାରିବ ନାହିଁ । ଖଣ୍ଡ ବିଖଣ୍ଡିତ ଭାବେ ଇସ୍ତଫା ନେବା, କନିଷ୍ଠ କର୍ମଚାରୀଙ୍କୁ ଗିରଫ କରିବା ଏବଂ ସୀମିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କେବଳ ବଡ଼ ବଡ଼ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ପାଇଁ ଏକ ଆଖିଦୃଶିଆ ପ୍ରୟାସ ଭଳି ମନେହେଉଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ସତ୍ୟଶିବ ଦାସ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝି, ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ଆଶିଷ ପଟ୍ଟନାୟକ, କେଶବ ନାୟକ, ତୁଷାରକାନ୍ତି ତପସ୍ୱୀ, ନିଷିଥ ବାରିକ, ପଶୁପତି ଉପାଧ୍ୟାୟ ଓ କ୍ରାନ୍ତିଲାଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୁଲାଇ ୨୬ ରେ ଖୋ ଖୋ କନିଷ୍ଠ ଏବଂ ବରିଷ୍ଠ ଖେଳାଳୀ ଚୟନ ଶିବିର

ବାଲେଶ୍ୱର (ନି.ପ୍ର.)- ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ଆନୁକୁଲ୍ୟରେ ଖୋ ଖୋ କନିଷ୍ଠ ଏବଂ ବରିଷ୍ଠ ବାଳିକା ଓ ବାଳକ ଏବଂ ପୁରୁଷ ଓ ମହିଳା ଖେଳାଳୀ ମାନଙ୍କର ଏକ ଚୟନ ଶିବିର ତା- ୨୬.୦୭.୨୦୨୬ ରିଖରେ ଖ୍ରୀଷ୍ଟିଆନ ହାଇସ୍କୁଲ ପଡିଆ ଠାରେ ଅନୁଷ୍ଠିତ ହେବା । ଏହି ଚୟନ ଶିବିରରେ ଭାଗନେବାକୁ ଥିବା ଖେଳାଳି ମାନଙ୍କ ବୟସ ୧୫ ବର୍ଷ ରୁ ଅଧିକ ହୋଇଥିବା ଆବଶ୍ୟକ । ଉପରୋକ୍ତ ତାରିଖ ଦିନ ଖେଳାଳି ମାନେ ଆଧାର କାଡ ର ଅରିଜିନାଲ ଏବଂ ଜେରକ୍ସ କପି ସାଗଂରେ ନେଇ ଆସିବେ । ଆବଶ୍ୟକୀୟ ପ୍ରମାଣ ପତ୍ର ନଆଣିଲେ ଚୟନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁଯୋଗ ଦିଆଯିବ ନାହିଁ । ଆଗ୍ରହୀ ଖେଳାଳୀ ମାନେ ୨୪.୦୭.୨୦୨୬ ରିଖ ସୁଦ୍ଧା ସେମାନଙ୍କର ନାମ ଅନୁଷ୍ଠାନ ଜରିଆରେ ଜିଲ୍ଲା କ୍ରୀଡାସଂଘ କାର୍ଯ୍ୟାଳୟରେ ପିକରଣ କରାଇବେ । ଏହି ପ୍ରତିଯୋଗିତାରୁ ମନୋନିତ ହେବାକୁ ଥିବା ଖେଳଳୀ ମାନେ ରାଜ୍ୟସ୍ତରୀୟ ଖୋଖୋ



ପ୍ରତିଯୋଗିତାରେ ଜିଲ୍ଲା ତରଫଂରୁ ପ୍ରତିନିଧୀତ୍ୱ କରିବେ ବୋଲି ଜିଲ୍ଲା କ୍ରୀଡାସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର ଜଣାଇଛନ୍ତି । ଖେଳାଳି ମାନେ ଆଗ୍ରହୀ କଲେଜ,ସ୍କୁଲ ଓ ଅନୁଷ୍ଠାନ ୫ ଜଣ ଲେଖାଁଏ ବାଳକ ଏବଂ ବାଳିକା ଖେଳାଳି ପଠାଇବେ । ଖେଳାଳି ମାନେ ଉକ୍ତ ଦିନ ସକାଳ ୮.୦୦ ଘଟିକାରେ ଖ୍ରୀଷ୍ଟିଆନ ହାଇସ୍କୁଲ ପଡିଆ ଠାରେ ଉପସ୍ଥିତ ରହିବେ । ଯୁଗ୍ମ ସମ୍ପାଦକ (ଖୋଖୋ) କାର୍ତୀକ ଚନ୍ଦ୍ର ନାୟକ(୯୪୩୭୦୮୭୭୨୧),ଯୁଗ୍ମ ସମ୍ପାଦକ ଶ୍ରୀ ବୀରେନ୍ଦ୍ର କୁମାର ସ୍ୱାଇଁ(୮୧୪୪୬୮୯୪୮୫) ଏବଂ ମଳୟ ରଂଜନ ବେହେରା (୮୦୯୩୪୫୯୨୬୬)ଙ୍କ ସହିତ ଯୋଗାଯୋଗ କରିବାକୁ କାର୍ଯ୍ୟକାରୀ ସଭାପତି ଶ୍ରୀ ମହାପାତ୍ର ଜଣାଇଛନ୍ତି ।

## ବିଦ୍ୟୁଲତା ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ

ବାଲେଶ୍ୱର(ନି.ପ୍ର.) ରାଜାବଗିଚା ସ୍ଥିତ ରାଜାବଗିଚା ସ୍ଥିତ ଅବସରପ୍ରାପ୍ତ ସାମାଜିକ କର୍ମୀ ରବୀନ୍ଦ୍ର ଜେନାଙ୍କ ସହଧର୍ମିଣୀ ବିଦ୍ୟୁଲତା ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଛଯାଇଛି । କାର୍ଯ୍ୟକ୍ରମରେ ଦିବସବ୍ୟାପି ହରିନାମ ସଂକୀର୍ତନ ଏବଂ ଶ୍ରଦ୍ଧାଂଜଳି ସଭା ଇତ୍ୟାଦି ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସରକାରୀ ଅଧିକାରୀ ଓ କର୍ମଚାରୀ ସାମାଜିକ କର୍ମୀ, ଗଣମାଧ୍ୟମର ପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବିଦ୍ୟୁଲତା ଏକାଧାରରେ ଜଣେ ସମାଜସେବୀ ଓ ପରୋପକାରୀ ବ୍ୟକ୍ତି ଥିଲେ ବୋଲ ତାଙ୍କ ଏକାଦଶାହ ଶ୍ରଦ୍ଧାଂଜଳି ସଭାରେ ମତପ୍ରକାଶ ପାଇଛି ।



## ଭକ୍ତିମୟ ପରିବେଶରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଦିବ୍ୟ ଘୋଷଯାତ୍ରା ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ପରମ କାରୁଣିକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସର ଭକ୍ତି, ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟର ଏକ ଅପୂର୍ବ ସଙ୍ଗମସ୍ଥଳୀରେ ପରିଣତ ହୋଇଥିଲା । ନବଯୌବନ ବେଶ ଓ ନେତ୍ରୋତ୍ସବ ପରେ ବିଶ୍ୱବିଦ୍ୟାଳୟର ସମ୍ମାନନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ସେବକ ଭାବେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ । ମଙ୍ଗଳଧୂପ ପରେ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତିଙ୍କୁ ପାରମ୍ପରିକ ଗୋଟି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା । ଘ[-ଘ[, ଶଙ୍ଖ-ମୃଦଙ୍ଗ ର ଧ୍ୱନି ଓ ଆଲଟ-ଚାମର ସେବା ସହ ଅନୁଷ୍ଠିତ ରଥଯାତ୍ରାରେ ଭକ୍ତିମୟ



ସଂକୀର୍ତନ ଓ ଜଗନ୍ନାଥ ଭଜନ ସମଗ୍ର ପରିବେଶକୁ ଆଧ୍ୟାତ୍ମିକ ରୂପ ଦେଇଥିଲା । ଏହି ଅବସରରେ ଭୋଗ ଅର୍ପଣ, ଛେରାପହଁରା ଓ ରଥଟଣା ପରମ୍ପରା ମଧ୍ଯ ବିଧିରେ ସମ୍ପନ୍ନ ହୋଇଥିଲା । ବିଶ୍ୱବିଦ୍ୟାଳୟ ପରିସରସ୍ଥ ମାଉସୀମା' ମନ୍ଦିର ଅଭିମୁଖେ ରଥଯାତ୍ରା ସମୟରେ ସାମୂହିକ ସଂକୀର୍ତନ ଓ ଭକ୍ତିଗୀତ ସମଗ୍ର ପରିବେଶକୁ ଏକ ଅଲୌକିକ ଭାବାବେଶରେ ଭରିଦେଇଥିଲା ।

ପରିଶେଷରେ ଚତୁର୍ଦ୍ଧାମୂର୍ତି ଓ ପ୍ରଭୁ ସୁଦର୍ଶନଙ୍କୁ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିରାଜମାନ କରାଯାଇ ଭୋଗ ପ୍ରସାଦ ବ[ନ ସହ ପବିତ୍ର ଘୋଷଯାତ୍ରାର ପ୍ରଥମ ପର୍ଯ୍ୟାୟର ନୀତି କାନ୍ତି ସମ୍ପନ୍ନ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ସମସ୍ତ ପର୍ବପର୍ବାଣୀ ଓ ନୀତିକାନ୍ତି ପାରମ୍ପରିକ ବିଧିବିଧାନ ଓ ଭକ୍ତି ସହ ପାଳନ କରାଯାଇଥାଏ ।

# ଅନୁଗୋଳ ରଥଯାତ୍ରା ଉତ୍ସବରେ ସାମିଲ ହେଲେ ନବୀନ ଜିନ୍ଦଲ;



ଅନୁଗୋଳ/ପୁରୀ (ନି.ପ୍ର.) ଆସ୍ଥା, ସମାନତା ଏବଂ ସାମୂହିକ ଭକ୍ତିର ମହାପର୍ବ ରଥଯାତ୍ରା ଅବସରରେ ଆଜି ଦେବଭୂମି, ଜିନ୍ଦଲ ନଗର, ଅନୁଗୋଳରେ ଆୟୋଜିତ ବାର୍ଷିକ ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲ 'ଆଦ୍ୟ ସେବକ' ଭାବେ ଏହି ଆଧାତ୍ମିକ ଯାତ୍ରାର ନେତୃତ୍ୱ ନେଇଥିଲେ । ସେ ଭକ୍ତମାନଙ୍କ ସହ ମିଶି ରଥ ଟାଣି ସେବା ହିଁ ପ୍ରକୃତ ନେତୃତ୍ୱର ପରିଚୟ ବୋଲି ସୂଚୀତ କରିଥିଲେ ।ନିଜ ମାତା ଶ୍ରୀମତୀ ସାବିତ୍ରୀ ଜିନ୍ଦଲ ଏବଂ ପତ୍ନୀ ତଥା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ସହ ଶ୍ରୀ ନବୀନ ଜିନ୍ଦଲ ପାରମ୍ପରିକ 'ଛେରା ପହଁରା' ନୀତି ପାଳନ କରିଥିଲେ । ବଡ଼ ଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥରେ ଏହି ପବିତ୍ର 'ଛେରା ପହଁରା' ପରମ୍ପରା ପ୍ରତି ବର୍ଷ ଭଳି ଅନୁଷ୍ଠିତ ହୋଇଥିଲା ।ଏହି ଭାବପ୍ରବଣ ଏବଂ ଏକତାର ପର୍ବ ସମ୍ପର୍କରେ ନିଜର ଅନୁଭୂତି ବ୍ୟକ୍ତ କରି ଶ୍ରୀ ଜିନ୍ଦଲ କହିଥିଲେ, "ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ସମସ୍ତଙ୍କୁ ଉତମ ସ୍ୱାସ୍ଥ୍ୟ, ସୁଖ, ଶାନ୍ତି ଓ ସମୃଦ୍ଧିର ଆଶୀର୍ବାଦ ପ୍ରଦାନ କରନ୍ତୁ । ଶ୍ରଦ୍ଧାଳୁମାନଙ୍କ ସହ ପବିତ୍ର ରଥ ଟାଣିବା ଏବଂ ମହାପ୍ରଭୁଙ୍କ ଆଶୀର୍ବାଦ ପ୍ରାପ୍ତ କରିବା ଆମ ସମସ୍ତଙ୍କ ପାଇଁ ପରମ ସୌଭାଗ୍ୟର ବିଷୟ । ଜିନ୍ଦଲ ପରିବାର ପକ୍ଷରୁ ସମସ୍ତଙ୍କୁ ପବିତ୍ର ଓ ମଙ୍ଗଳମୟ ରଥଯାତ୍ରାର ଅନେକ ଶୁଭେଚ୍ଛା ।"ଏହି ଆଧାତ୍ମିକ ଭକ୍ତିକୁ ଅର୍ଥପୂର୍ଣ୍ଣ ସେବାରେ ପରିଣତ କରିବା ଉଦ୍ଦେଶ୍ୟରେ ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କ୍ରମାଗତ ୧୨ତମ ବର୍ଷ ପାଇଁ ପୁରୀରେ 'ଅନ୍ନ ସେବା' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ୧୫ ଜୁଲାଇରୁ ୨୫ ଜୁଲାଇ, ୨୦୨୬ ପର୍ଯ୍ୟନ୍ତ ୧୧ ଦିନ ଧରି ଚାଲିବାକୁ ଥିବା ଏହି ସେବା କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ତାଜା ପୁଷ୍ଟିକର ଭୋଜନ ବ[ନ କରିବା । ଅଧିକରୁ ଅଧିକ ଶ୍ରଦ୍ଧାଳୁଙ୍କ ପାଖରେ ସମ୍ମାନର ସହ ପହଂଚିବା ପାଇଁ ଫାଉଣ୍ଡେସନ ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ବସ୍ଷ୍ଟାଣ୍ଡ, ପୁରୀ ରେଳ ଷ୍ଟେସନ ସ୍କାର ଏବଂ ଷ୍ଟେସନ ରୋଡ୍? ନିକଟରେ ତିନୋଟି ରୋଷେଇ ଓ ବ[ନ କେନ୍ଦ୍ର ସ୍ଥାପନ କରାଯାଇଛି ।ଏହି କେନ୍ଦ୍ରଗୁଡ଼ିକ ୨୪ ଘ[। କାର୍ଯ୍ୟକ୍ଷମ ରହି ସମସ୍ତ ଖାଦ୍ୟ ସୁରକ୍ଷା ଏବଂ ସ୍ୱଚ୍ଛତା ନିର୍ଦ୍ଦେଶିକାକୁ କଡ଼ାକଡ଼ି ପାଳନ କରି ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ଯଥା ଭାତ, ଡାଲମା ଓ ଖଟା ପ୍ରସ୍ତୁତ କରି ପରିବେଷଣ କରୁଛନ୍ତି । ଦଶ ବର୍ଷରୁ ଅଧିକ ସମୟ ଧରି ଜିନ୍ଦଲ ଫାଉଣ୍ଡେସନର ଏହି ରଥଯାତ୍ରା ସେବା ସହାନୁଭୂତି ଏବଂ ସାମୂହିକ ଦାୟିତ୍ୱବୋଧର ଏକ ପ୍ରତୀକ ଭାବେ ପରିଚିତ । ପବିତ୍ର ରଥଯାତ୍ରା ଅବସରରେ ଯେତେବେଳେ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୁଏ, ସେତେବେଳେ କୌଣସି ଶ୍ରଦ୍ଧାଳୁ ଯେପରି ଭୋକିଲା ନ ରୁହନ୍ତି, ତାହା ସୁନିଶ୍ଚିତ କରିବା ହିଁ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ।

## ଶ୍ରୀ ଜଗନ୍ନାଥଙ୍କ ମାଉସୀ ବାଡ଼ି ନେଇ କନକାଇ ଗାଁରେ ଉତେଜନା: ପୁଲିସ ବିଭାଗର ବାରମ୍ବାର ବୈଠକ

ଜଳେଶ୍ୱର , (ନି.ପ୍ର ) ରାଇବଣିଆ ଥାନା ଅନ୍ତର୍ଗତ କନକାଇ ଗାଁରେ ମାଉସୀ ମା ମନ୍ଦିରକୁ ନେଇ ଦୁଇ ଗୋଷ୍ଠି ମଧ୍ୟରେ ଆରମ୍ଭ ହୋଇଛି ବାକବିତଣ୍ଡା ଓ ଉତୋଜନା କ୍ଷ ଆବାହନ କାଳରୁ ରଥ ଯାତ୍ରା କନକେଇ ଗାଁରେ ହୋଇ ଆସୁଥିଲା କ୍ଷ ପୂଜକ ଭାବେ ନିର୍ଦ୍ଦିଷ୍ଟ ବ୍ୟକ୍ତି ରହିଥିଲା ବେଳେ ମାଉସୀ ମା ମନ୍ଦିର ଭାବେ ସ୍ୱର୍ଗତ ସୁଦର୍ଶନ ଧର ଓ ସୁଧାଂଶୁ ଶେଖର ଦାଶ ପରିଗଣିତ ଥିଲେ କ୍ଷ ପରମ୍ପରା ଅନୁଯାୟୀ ଏ ବର୍ଷ ସୁଧାଂଶୁ ଶେଖର ଦାଶ ଘରେ ମାଉସୀ ମା ବାଡ଼ି ଅନୁଷ୍ଠିତ ହେବାର ଥିଲା । କିନ୍ତୁ କେତେକ ଗ୍ରାମବାସୀ ବ୍ୟକ୍ତିଗତ ଆକ୍ରୋଷକୁ ନେଇ ସୁଧାଂଶୁ ଶେଖର ଦାଶ ଘରେ ନ ରଖି ଗ୍ରାମ ସ୍ମଶାନ ନିକଟସ୍ଥ ଥିବା ପାଣିପମ୍ପ ଡ୍ରାଇଭର ରହିବା ଘରେ ଶ୍ରୀ ବିଗ୍ରହଙ୍କୁ ନେଇ ରଖିଛନ୍ତି କ୍ଷ ଏହା ସେବା ପୂଜା କରି ଆସୁଥିବା ସମସ୍ତ ଜଗନ୍ନାଥପ୍ରେମୀ ଭାବାବେଗକୁ ଦୁଃଖ ଦେଇଛି କ୍ଷ ଏସମ୍ପର୍କରେ ନାଗ ଭୂଷଣ ଦାଶଙ୍କ ପକ୍ଷରୁ ରାଇବଣିଆ ଥାନା ଅଧିକାରୀ, ତହସିଲଦାର ଓ ଦେବତର ବିଭାଗର କମିସନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି କ୍ଷ ଗତକାଲି ବୁଧବାର ଥାନା ଅଧିକାରୀ ଦୀର୍ଘ ୪ ଘ[। ଧରି ଦୁଇ ପକ୍ଷଙ୍କୁ ନେଇ ଗାଁରେ ବୈଠକ କରିଥିଲେ କ୍ଷ ଆଜି ଅପରାହ୍ନରେ ସେଠାରେ ରଥଯାତ୍ର ଆରମ୍ଭ ହୋଇ ଥିଲେ ମଧ୍ୟ ମାଉସୀବାଡ଼ିର ସମସ୍ୟା ସମାଧାନ ହୋଇନାହିଁ କ୍ଷ ବିଗତ ଦିନରେ ସେବାରେ ବ୍ୟାଘାତ ହୋଇଥିବା ଦର୍ଶାଇ ଗ୍ରାମବାସୀଙ୍କ ନିଷ୍ପତି କ୍ରମେ ମାଉସି ବାଡ଼ି ସ୍ଥାନାନ୍ତର ହୋଇ ଥିବା ଗ୍ରାମ୍ୟ ସଭାପତି ତପନ ଦାସ କହିଛନ୍ତି । ଅନ୍ୟ ପଟେ ଦେବତୋର ସେବାରୁ ବଂଚିତ ସେବକ ମାନେ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି କହିଛନ୍ତି ।ଏ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ଗ୍ରାମରେ ଚାପା ଉତେଜନା ଲାଗି ରହିଛି । ଗାଁରେ ଶାନ୍ତି ବଜାଇ ରଖିବା ଲାଗି ପରମାନନ୍ଦ ଚକ୍ରବର୍ତୀ, ଗୌରୀ ଶଙ୍କର ଧର, ପ୍ରଦ୍ୟୁତ କୁମାର ମହାନ୍ତି, ବିଜୟାନନ୍ଦ ଦାସ ପ୍ରମୁଖ ବହୁବ୍ୟକ୍ତି ଗାଁ ର ପରମ୍ପରା ବଜାଇ ରଖିବା ଲାଗି ନିବେଦନ କରିଛନ୍ତି ।

## ଉଦ୍‌ଯାପିତ ହେଲା ଫୁଟବଲ୍ ଦକ୍ଷତା ବୃଦ୍ଧି କର୍ମଶାଳା

ବାରିପଦା (ନି.ପ୍ର.)- ଟାଟା ଟ୍ରଷ୍ଟସ୍‌ର ସହଯୋଗରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ୍ ଏକାଡ଼େମୀ ଦ୍ୱାରା ଆୟୋଜିତ ତିନିଦିନିଆ 'ଆରମ୍ଭ' ମଲ୍ଟି-ସ୍ପୋର୍ଟସ୍ ପ୍ରୋଗ୍ରାମ ଅନ୍ତର୍ଗତ ଫୁଟବଲ୍ ଦକ୍ଷତା ବୃଦ୍ଧି କର୍ମଶାଳା ଉଦ୍?ଯାପିତ ହୋଇଯାଇଛି ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ପ୍ରଶିକ୍ଷକ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ଭବିଷ୍ୟତରେ ମୟୁରଭଞ୍ଜ ଫୁଟବଲର ପୂର୍ବ ଗୌରବ ଫେରିଆସିବ ବୋଲି ଆଶାପୋଷଣ କରିଥିଲେ ଓ ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡା ଅଧିକାରୀ ଡ଼ଃ ସୁଭାଶିଷ ନାୟକ ଓ ଓଡିଶା ଫୁଟବଲ କ୍ଲବ କୋଚ ମିର ଆସିଫ ପ୍ରମୁଖ ଉପସ୍ଥିତ ରହି ଏକାଡ଼େମୀର ବିଭିନ୍ନ କେନ୍ଦ୍ର ପାଇଁ କ୍ରୀଡ଼ା ଉପକରଣ ବ[ନ କରିବା ସହ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ନାୟକ ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ପାଇଁ ଏପରି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ତିନିଦିନିଆ ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ ସହ-ପ୍ରତିଷ୍ଠାତା ସାଇ କିରଣ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ମାଷ୍ଟର




କର୍ମଶାଳାରେ ଓଡ଼ିଶା ଏଫ୍?ସିର ପ୍ରଶିକ୍ଷକ ମୀର ଆସିଫ୍ ପ୍ରଶିକ୍ଷକମାନଙ୍କୁ ଫୁଟବଲ୍?ର ଆଧୁନିକ କୌଶଳ ଓ ବୈଷୟିକ ଜ୍ଞାନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମ ପରିଚାଳନାରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପରାମର୍ଶଦାତା ସୋମନାଥ ସିଂହ, ଟ୍ରେନର୍ ଏବଂ ପ୍ରଶିକ୍ଷକମାନେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଫୁଟବଲ୍? ପ୍ରଶିକ୍ଷଣର ନୂତନ ଦିଗ ସମ୍ପର୍କରେ ଅବଗତ ହୋଇଛନ୍ତି, ଯାହା ଆଗାମୀ ଦିନରେ ଜିଲ୍ଲାର କ୍ରୀଡ଼ା କ୍ଷେତ୍ରରେ ନୂଆ ପରିବର୍ତ୍ତନ ଆଣିବ ବୋଲି ଆୟୋଜକମାନେ ମତବ୍ୟକ୍ତ କରିଛନ୍ତି ।

# ଲଘୁଚାପ ବର୍ଷାରେ ୪୦ରୁ ଉର୍ଦ୍ଧ୍ୱ ପରିବାର ଜଳବନ୍ଦୀ

ସିମୁଳିଆ, (ନି.ପ୍ର)-ଲଗାଣ ଲଘୁଚାପ ଜନିତ ବର୍ଷା ଯୋଗୁଁ ୪୦ରୁ ଉର୍ଦ୍ଧ୍ୱ ପରିବାର ପାଣିଘେରରେ, ପ୍ରଶାସନ ପକ୍ଷରୁ ଅଂଚଳ ପରିଦର୍ଶନ କ୍ଷ ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ବାଙ୍ଗରଖଡ଼ିଗଡିଆ ପଂଚାୟତର ବଣା ଦୁଇ ନଂ ଓ୍ୱାର୍ଡର ୪୦ରୁ ଉର୍ଦ୍ଧ୍ୱ ପରିବାର ଲଘୁଚାପ ଜନିତ ବର୍ଷା ଯୋଗୁଁ ଘର ଭିତରକୁ ପାଣି ପଶିଯାଇ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି କ୍ଷ ଦକ୍ଷିଣ ପୂର୍ବ ରେଳପଥ ମାର୍କୋଣା ରେଳ ଷ୍ଟେସନ ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ ପୂର୍ବରୁ ଥିବା ଗୌଡ଼ଦିଆ ଠାରୁ ବଣା ଦେଇ ବାରଗଡିଆ ନଦୀ ପର୍ଯ୍ୟନ୍ତ ଡ୍ରେନେଜଟିକୁ ପୋତି ଦିଆଯାଇଛି କ୍ଷ ଯାହା ଫଳରେ ସାଧାରଣ ବର୍ଷାରେ ଅଦିନିଆ ବନ୍ୟା ସୃଷ୍ଟି ହୋଇ ସାଧାରଣରେ ସମସ୍ୟା ସୃଷ୍ଟି କରିଛି କ୍ଷ ଏ ସଂକ୍ରାନ୍ତରେ ଅଂଚଳବାସୀ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ,ଦକ୍ଷିଣ ପୂର୍ବ ରେଳ ପଥର ଡିଆରଏମ, ଏ.ଇ.ଏନ ସ୍ଥାନୀୟ ପ୍ରଶାସନ ସମେତ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିବା ଜଣା ଯାଇଛି କ୍ଷ ଆଜି ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର ଅଂଚଳ ପରିଦର୍ଶନ କରି ମେସିନ ସାହାଯ୍ୟରେ ସଫେଇ କରିଥିବା ଜଣାଯାଇଛି ।

## ୧୬୨୨ ପ୍ରାଥମିକ କ୍ୟାଡର ଶିକ୍ଷକଙ୍କ ଅସ୍ଥାୟୀ ଗ୍ରେଡେସନ୍ ତାଲିକା ପ୍ରକାଶ

ମାଲକାନଗିରି (ହି.ସ.)- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମାଲକାନଗିରି ତରଫରୁ ଆଦେଶ ସଂଖ୍ୟା ୪୩୯୫ ତା ୧୪-୭-୨୦୨୭ରେ ଲେଭେଲ୍ ୪ ଓ ୫ଏର ୧୬୨୨ ପ୍ରାଥମିକ କ୍ୟାଡର ଶିକ୍ଷକଙ୍କ ଅସ୍ଥାୟୀ ଗ୍ରେଡେସନ୍ ତାଲିକା ପ୍ରକାଶ ପାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁସାରେ, ପ୍ରାଥମିକ କ୍ୟାଡର ଶିକ୍ଷକମାନଙ୍କର ପଦୋନ୍ନତି ଶିକ୍ଷା ବିଭାଗର ପ୍ରାଥମିକତା । ତାଲିକାଭୁକ୍ତ ଶିକ୍ଷକ ମାନଙ୍କ ମଧ୍ୟରୁ କାହାର ଆପତି ଥିଲେ ଆପତି ଦାଖଲ କରିବା ପାଇଁ ୧୫ ଦିନ ସମୟ ଦିଆଯିବ । ତା'ପରେ ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ପ୍ରସ୍ତୁତ କରାଯିବ ଏବଂ ଜିଲ୍ଲା ପଦୋନ୍ନତି କମିଟିର ସୁପାରିଶ ଓ ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷାଙ୍କ ଅନୁମୋଦନ କ୍ରମେ ପଦୋନ୍ନତି ଦିଆଯିବ । ଏହା ଦ୍ୱାରା ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ନିଯୁକ୍ତ ପ୍ରଧାନ ଶିକ୍ଷକ ପଦ ସହିତ ମୌଳିକ ସ୍ତରରେ ପଦଗୁଡିକରେ ପଦ ଖାଲି ହୋଇପାରିବ । ମୌଳିକ ସ୍ତରରେ ଖାଲି ପଦ ଗୁଡିକରେ ନିଯୁକ୍ତି ପାଇଁ ସରକାର ନିଷ୍ପତି ନେବେ ।

## ଛିଣ୍ଡିଲା ଦଉଡ଼ି ଅଟକିଲା ବ୍ରହ୍ମ ତାଳଧ୍ୱଜ, ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ

କେନ୍ଦ୍ରାପଡା, (ହି.ସ.)- ଆଜି ପବିତ୍ର ଶ୍ରୀ ଗୁଣ୍ଡିଚା । ଭାଇ ଭଉଣୀଙ୍କ ସହିତ ରଥାରୁଢ଼ ହେଲେ ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉ । ଦିନ ପ୍ରାୟ ୩ଟା ବେଳେ ତିନି ଦିଅଁଙ୍କ ପହଣ୍ଡି ଆରମ୍ଭ ହୋଇଥିଲା କ୍ଷ ପ୍ରଥମେ ବଡ ଠାକୁର ଶ୍ରୀ ବଳଦେବଜୀଉ, ପରେ ପରେ ଦେବୀ ସୁଭଦ୍ରା ଓ ଶେଷରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା । ତିନି ଦିଅଁ ରଥାରୁଢ଼ ହେବା ପରେ ଚାରମାଳ ଖୋଲାଯାଇ ଗୋସେଇଁ ଙ୍କ ଦ୍ୱାରା ଛେରାପହଁରା ନୀତି ସମ୍ପନ୍ନ ହୋଇଥିଲା କ୍ଷ ପରେ ପର ହଜାର ହଜାର ଶ୍ରଦ୍ଧାଳୁ ବ୍ରହ୍ମ ତାଳଧ୍ୱଜକୁ ଟାଣି ନେଇଥିଲେ କ୍ଷ କିଛି ବାଟ ଗଡ଼ି ଯିବା ପରେ ବ୍ରହ୍ମ ତାଳଧ୍ୱଜ ଦକ୍ଷୀଣ ମୋଡ଼ ନେଇଥିଲା କ୍ଷ ରଥ ଟଣା ପୁନର୍ବାର ଆରମ୍ଭ ହେଲା ବେଳକୁ ଦଉଡ଼ି ଛିଣ୍ଡି ଯିବା ଦ୍ୱାରା ରଥ ଟଣା ଆଜି ପାଇଁ ବନ୍ଦ ରହିଥିଲା କ୍ଷ କିଛି ବାଟ ରଥ ଟଣାଯାଇ ଦେବୋତର କାର୍ଯ୍ୟାଳୟ ନିକଟରେ ଅଟକି ରହି ବାର ପରମ୍ପରା ରହିଛି କ୍ଷ କିନ୍ତୁ ଆଜି ରଥ ଦେବୋତର କାର୍ଯ୍ୟାଳୟ ନିକଟରେ ପହଂଚି ପାରି ନଥିଲା କ୍ଷ ଆସନ୍ତାକାଲି ଦିନ ୨ଟାରେ ରଥ ଟଣା ଆରମ୍ଭ ହୋଇ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ଟଣା ଯିବ ବୋଲି ଜଣାପଡିଛି କ୍ଷ ରଥଯାତ୍ରା ରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି କ୍ଷ ତେବେ ଆଜି ଶ୍ରୀଗୁଣ୍ଡିଚାରେ ସକାଳ ୬ଟା ସୁଦ୍ଧା ଶ୍ରୀଜୀଉଙ୍କ ଜୟମଙ୍ଗଳ ଆଳତୀ କରାଯାଇଥିଲା କ୍ଷ ନୀତି ସ୍ନାନ ବଲ୍ଲଭ ଓ ଖେଚୁଡ଼ି ଧୂପ ପରେ ସେନାପଟା ଲାଗି କରାଯାଇଥିଲା କ୍ଷ ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁ ରଥ ଟାଣିବା ପାଇଁ ପହଂଚିଥିଲେ ।

## ପୁର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଜଣେ ମୃତ ୩ ଗୁରୁତର

ଜୟପୁର,(ହି.ସ.) – କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ସିନ୍ଧିଗାଁରେ ପୁର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ଘଟଣା ଘଟିଛି । ଏହି ଆକ୍ରଣରେ ଜଣେ ମୃତ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି । ପୋଲିସ ସୂଚନା ପାଇ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ମୃତକ ଜଣକ ହେଲେ ଅଭିନବ ଗଦବା । ସିନ୍ଧିଗାଁ ଭାଗିରଥି ଗାଦବା ସେ ଲିଖିତ ଅଭିଯୋଗ କରିଛନ୍ତି । ପୁର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଗୋପୀନାଥ ଗାଦବା ତାଙ୍କ ପୁଅ ତ୍ରିପତି ଗାଦବା ଓ ପ୍ରଫୁଲ ଗାଦବା ୩ ଜଣ ମିଶି ବୁଝାମଣା ପାଇ ଅଭିନବ ଗଦବା, ଟୁକୁନା ଗାଦବା ଓ ପ୍ରଦିପ ଗାଦବାଙ୍କୁ ଗ୍ରାମରେ ଥିବା ତ୍ରିନାଥ ମଣ୍ଡପ ନିକଟରେ ଆଙ୍ଗନବାଡ଼ୀ କେନ୍ଦ୍ର ସମ୍ମୁଖରେ ଡାକିଥିଲେ । ଏହି ସମୟରେ ଅଭିନବ ଗାଦବା, ଟୁକୁନା ଗଦବା ପ୍ରଦିପ ଗାଦବା ଯାଇ ସେଠାରେ ପହଂଚିବାରୁ ହଠାତ ୩ ଜଣ ଗୋପୀନାଥ ତ୍ରିପତି ଓ ଫୁଫୁଲ ବିଭିନ୍ନ ଖଣ୍ଡା, ଭୁଜାଲି, ଚେନ ମାରଣାସ୍ତ୍ର ଧରି ବିନା କାରଣରେ ଉତ୍ୟକ୍ତ ହୋଇ ବିନା କୌଣସି କଥା ବଂଟାରେ ଟୁକୁନା ଗାଦବାକୁ ପ୍ରଫୁଲ ଗଦବା ଖଣ୍ଡା ଆକ୍ରମଣ କରିଥିଲା । ଏହି ସମୟରେ ଅଭିନବ ଗଦବାକୁ ତ୍ରିପତି ଗୋପୀନାଥ ମିଶି ଭୁଜାଲିରେ ଆକ୍ରମଣ କରିଥିଲେ । ସେହି ସମୟରେ ପ୍ରଫୁଲ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ଅଭିନବକୁ ଆକ୍ରମଣ କରିଥିଲା । ଫଳରେ ଅଭିନବ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁବରଣ କରିବା ପରେ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ କରିବାରେ ଲାଗିଥିଲେ । ଏହି ସମୟରେ ପ୍ରଦିପ ଗାଦବାକୁ ମଧ୍ୟ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ମାରଣାସ୍ତ୍ର ଆକ୍ରମଣ କରିଥିଲେ । ସେ ଗୁରୁତର ହେବାରୁ ଚିକିତ୍ସାଳୟକୁ ନିଆଯାଇଥିଲା ।

# ଗରଡିହି ଦଧିବାମନ ଜୀଉଙ୍କ ପବିତ୍ର ରଥରେ ଭାଙ୍ଗିଲା ଅଖ, ଅଳ୍ପକେ ବର୍ତିଲେ ଶ୍ରଦ୍ଧାଳୁ

ନୀଳଗିରି (ନି.ପ୍ର.) ନୀଳଗିରିରେ ରାଜତନ୍ତ୍ର ଶାସନର ପ୍ରତିଷ୍ଠା ହେବା ପରେ ଏହାର ରାଜଧାନୀ ବଣସୀମା ଅଂଚଳ ଗରଡ଼ିହି ଠାରେ ରାଜଧାନୀ ପ୍ରତିଷ୍ଠାକରି ଶାସନ କରୁଥିଲେ । ସେତେବେଳେ ଗରଡିହି ଠାରେ ପରମଆରାଧ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠାକରି ଦଧିବାମନଙ୍କ ବିଗ୍ରହ ସ୍ଥାପନକରି ପ୍ରତିବର୍ଷ ରଥଯାତ୍ରା ହୋଇଆସୁଛି । ତେବେ ନୀଳଗିରିର ସର୍ବପୁରାତନ ଉକ୍ତ ମନ୍ଦିର ଏବଂ ରଥଯାତ୍ରା କୁ ରାଜ୍ୟ ଦେବତୋର ବିଭାଗ ଅଧିନରେ ପରିଚାଳିତ ହେଉଥିବା ବେଳେ ନୀଳଗିରି ଠାକୁରମାହାଲ ଏହାର ସମସ୍ତ ନିତିକାନ୍ତି ଏବଂ ତଦାରଖ ଦାୟିତ୍ୱବହନ କରିଥାଏ । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସମସ୍ତପ୍ରସ୍ତୁତି ସରି ଆଜି ପବିତ୍ର ଘୋଷଯାତ୍ରା ଅବସରରେ ଚତୁର୍ଦ୍ଧାମୂର୍ତିଙ୍କୁ ରଥାରୁଢ଼ କରାଯିବାପରେ ରଥଟଣା ଆରମ୍ଭ ହୋଇଥିଲା । ଏହି ଅବସରରେ ଅମରେନ୍ଦ୍ର ଦାସ ମହାପାତ୍ର ରଥଉପରେ ଛେରାପହଁରା କରିଥିବା ବେଳେ, ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ,ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ,ସାଂସଦ ଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ର ବିନ୍ଦୁ ଦାସ ,ଗଙ୍ଗାଧର ମିଶ୍ରଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ତେବେ ରଥ ୧୦୦ମିଟର ପାଖାପାଖି ଗଡିବାପରେ ହଠାତ୍ ରଥର ପଛଅଖ ଭାଙ୍ଗିଯାଇଥିଲା । ଫଳରେ ରଥ ଉପରେ ଥିବା ସେବାୟତ ଏବଂ ଅନ୍ୟ କର୍ମଚାରୀ ଅଳ୍ପକେ ବଡ ଦୁର୍ଘଟଣାରୁ ବର୍ତିଯାଇଥିଲେ । ତେବେ ଏଭଳି ଅଘଟଣ କେବଳ ଚଳିତବର୍ଷ ନୁହେଁ ୩ବର୍ଷ ଅର୍ଥାତ୨୦୨୩ ମସିହାରେ ମଧ ଏଭଳି ଅଘଟଣ ଘଟିଥିଲା । ଠାକୁରମାହଲ ଅଧୀନରେ ଥିବା ଏହିମନ୍ଦିରର ସମସ୍ତ ନୀତିକାନ୍ତି ଏବଂ ରକ୍ଷଣାବେକ୍ଷଣ ଥିବାବେଳେ ବାରମ୍ବାର ମନ୍ଦିରପ୍ରତି ଅବହେଳାନେଇ ଅଭିଯୋଗ ଉଠିଛି । ପ୍ରତି ରଥଯାତ୍ରା ପାଳନସମୟରେ ରଥକାଠ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଚଳିତବର୍ଷ ରଥନିର୍ମାଣରେ ପୁରୁଣାକାଠ ବ୍ୟବହାର ହୋଇଥିବାରୁ କାଠର ସ୍ଥାୟୀତ୍ୱ ନଥିବାରୁ ଏଭଳି ଅଘଟଣ ଘଟିଥିଲା । ସର୍ବୋପରି ବାରମ୍ବାର ପ୍ରଶାସନ ଠାରେ ଗ୍ରାମବାସୀ ଏବଂ ମନ୍ଦିର କର୍ମକର୍ତାଙ୍କ ନିକଟରେ ନୂତନକାଠ ପାଇଁ ଦାବୀ କରାଯାଇଥିଲେ ହେଁ ଏଥିପ୍ରତି ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଆଜିର ଅଘଟଣ ଜଗନ୍ନାଥପ୍ରେମୀଙ୍କ ମନରେ ଗଭୀର କଷ୍ଟ ଦେଇଥିବା ଜଣାଯାଇଛି ।

## ରଥଯାତ୍ରା ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହେଲା 'ବୃକ୍ଷାୟନ' ଅଭିଯାନ



ଭୁବନେଶ୍ୱର, : ପବିତ୍ର ରଥଯାତ୍ରା ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିବେଶ ସୁରକ୍ଷା ଓ ସ୍ଥାୟୀ କ୍ୟାମ୍ପସ ଗଠନର ବାର୍ତା ଦେଇ 'ବୃକ୍ଷାୟନ- ଏକ୍ ପେଡ୍ ମାଁ କେ ନାମ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଧରିତ୍ରୀ ମାତା ଓ ମାତୃତ୍ୱକୁ ସମ୍ମାନ ଜଣାଇ ବିଶ୍ୱବିଦ୍ୟାଳୟ ପରିସରରେ ବ୍ୟାପକ ଚାରାରୋପଣ କରାଯାଇଥିଲା ।କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ, ପି.ଜି. କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜଗ୍ନେଶ୍ୱର ଦଣ୍ଡପାଟ ଓ କୁଳସଚିବ ଡଃ ସ୍ୱାତୀ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଅଭିଯାନରେ ବିଶିଷ୍ଟ ଅତିଥି, ପରିବେଶବିତ୍, ଅଧ୍ୟାପକ, ଅଧିକାରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କୁଳପତି ପ୍ରଫେସର ନନ୍ଦ କହିଥିଲେ ଯେ, 'ବୃକ୍ଷାୟନ' ଅଭିଯାନର ଲକ୍ଷ୍ୟ ହେଉଛି ବାଣୀବିହାର କ୍ୟାମ୍ପସକୁ ଅଧିକ ସବୁଜ, ସ୍ୱାସ୍ଥ୍ୟକର ଓ ସ୍ଥାୟୀ ପରିବେଶରେ ପରିଣତ କରିବା । ପରିବେଶ ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତନର ମୁକାବିଲା ଏବଂ ଧରିତ୍ରୀର ସୁରକ୍ଷା ପାଇଁ ବୃକ୍ଷରୋପଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିବା ସହ ରୋପଣ କରାଯାଇଥିବା ଚାରାର ଯତ୍ନ ନେବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ ।ପି.ଜି. କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜଗ୍ନେଶ୍ୱର ଦଣ୍ଡପାଟ କହିଥିଲେ ଯେ, ପରିବେଶ ସଚେତନତା ସୃଷ୍ଟି ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାୟୀ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରଖିବ । 'ଏକ୍ ପେଡ୍ ମାଁ କେ ନାମ୍' ଅଭିଯାନ ଅନ୍ତର୍ଗତ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରଥଯାତ୍ରାର ଆଧାତ୍ମିକ ଭାବନା ସହ ଧରିତ୍ରୀ ମାତା ଓ ମାତୃତ୍ୱ ପ୍ରତି ସମ୍ମାନ ପ୍ରଦର୍ଶନ କରାଯିବା ସହ ଏକ ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପୁନଃ ଦୋହରାଯାଇଛି ।

## ଜୟପୁର ସହରର ବିଭିନ୍ନ ସମସ୍ୟା ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ସଚେତନ ନାଗରିକ

ଜୟପୁର,(ହି.ସ.) – ଜୟପୁର ସଚେତନ ନାଗରିକଙ୍କ ତରଫରୁ ସହରର ବିଭିନ୍ନ ସମସ୍ୟା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏନେଇ ଏସ୍‌ଡ଼ିପିଓ ଅର୍ଚିତା ମିତଲଙ୍କୁ ଅଭିମନ୍ୟୁ ଭଟ ମିଶ୍ରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି । ଜୟପୁର ସହରର ଜନସାଧାରଣ ସମ୍ମୁଖୀନ ହେଉଥିବା କିଛି ସମସ୍ୟା ଯାହାର ପ୍ରାଥମିକତା ଭିତିରେ ସମାଧାନ କରିବା ପାଇଁ ଅନୁରୋଧ କରାଯାଇଛି । ଦିନକୁ ଦିନ ଯାନବାହାନ ସଂଖ୍ୟା ବୃଦ୍ଧି ପାଇବା ଯୋଗୁଁ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାର ଭିଡ଼ ଅନିୟନ୍ତ୍ରିତ ହେଉଛି ଏବଂ ଜୟପୁର ସହରରେ ଅନେକ ଦୁର୍ଘଟଣା ଘଟୁଛି ଯାହା ଆହତ ଏବଂ ମୂଲ୍ୟବାନ ଜୀବନ ହାନି ଘଟୁଛି ।

ତେଣୁ ପ୍ରଶାସନ ତରଫରୁ ଜୟପୁର ଗାନ୍ଧୀ ଛକ, ଖ୍ରୀଷ୍ଟିଆନ ପେଟା ଜଙ୍କସନ ଏବଂ ଲକ୍ଷ୍ମୀ ପଣ୍ଡା ଛକରେ ଇଲେକ୍ଟ୍ରୋନିକ୍ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ସ୍ଥାପନ କରାଯାଉ, ସକାଳ ୦୯:୦୦ରୁ ୧୦:୩୦ ଏବଂ ସନ୍ଧ୍ୟା ୪:୩୦ରୁ ସନ୍ଧ୍ୟା ୭:୩୦ ମଧ୍ୟରେ, ବିଶେଷକରି ପୁରୁଣା ବସ୍ଷ୍ଟାଣ୍ଡରୁ ରାଜା ନଗର(ରଥ ପଡ଼ିଆ) ଛକ ଏବଂ ଗାନ୍ଧୀ ଛକରୁ ଓ୍ୱେଲକମ ଜଙ୍କସନ ପର୍ଯ୍ୟନ୍ତ ହାଲୁକା ୪ ଚକିଆ ଯାନ ପ୍ରବେଶ ନିଷେଧ କରାଯାଉ, ଜୟପୁର କୋରାପୁଟ ଜିଲ୍ଲାର କେନ୍ଦ୍ରସ୍ଥଳ ହୋଇଥିବା ବେଳେ ପଡ଼ୋଶୀ ରାଜ୍ୟ ଏବଂ ପଡ଼ୋଶୀ ଜିଲ୍ଲାରୁ ଅନେକ ଲୋକ ଚିକିତ୍ସା ଏବଂ ବ୍ୟବସାୟ ପାଇଁ ଆସୁଛନ୍ତି । ତେଣୁ ଯଦି ଲକ୍ଷ୍ମୀ ପଣ୍ଡା ଛକରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଏକ ଓଭର ବ୍ରିଜ୍(ଫ୍ଲାଏ ଓଭର) ନିର୍ମାଣ କରାଯାଏ, ତେବେ ସହରର ଅଧିକାଂଶ ଟ୍ରାଫିକ୍ ସମସ୍ୟା ସବୁଦିନ ପାଇଁ ସମାଧାନ ହୋଇପାରିବ । ଏହାସହିତ ରାୟଗଡ଼ା ଏବଂ ବ୍ରହ୍ମପୁର ଭଳି ସହରର ସୌନ୍ଦର୍ଯ୍ୟକରଣ ବୃଦ୍ଧି ହୋଇପାରିବ । ସହରରେ ଆଇନ୍ ଶୃଙ୍ଖଳା ସମସ୍ୟା ବଜାୟ ରଖିବା ପାଇଁ ସହରରେ ଅନେକ ନୂତନ ମୁହଁ ଦେଖାଯାଉଛି ଯେଉଁମାନେ ବିଭିନ୍ନ ରାଜ୍ୟର ନମ୍ବର ପ୍ଲେଟ୍ ପଞ୍ଜିକରଣ ସହିତ ବିଭିନ୍ନ ଅଂଚଳରେ ବିକ୍ରେତା ଭାବରେ ବୁଲୁଛନ୍ତି ଏବଂ କେତେକ ସମୟରେ ସେମାନଙ୍କ ଗାଡ଼ିରେ ପଞ୍ଜିକରଣ ପ୍ଲେଟ୍ ମଧ୍ୟ ନାହିଁ । ଦିନକୁ ଦିନ ଅଧିକ ଚୋରି ଏବଂ ଚୋରି ମାମଲା ମଧ୍ୟ ବୃଦ୍ଧି ପାଉଛି । ଏହି ବିପଦକୁ ଦୂର କରିବା ପାଇଁ, ଏପରି ଲୋକଙ୍କୁ ଚିହ୍ନଟ କରିବା ବାଧ୍ୟତାମୂଳକ ଏବଂ ଯଦି ଅବୈଧ ପ୍ରବାସୀ ଭାବରେ ଚିହ୍ନଟ କରାଯାଏ, ତେବେ ସରକାରଙ୍କ ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ଉଚିତ । ସନ୍ଧ୍ୟା ଏବଂ ରାତି ସମୟରେ ସତୀଗୁଡ଼ା ଯୋଲ ବ୍ରିଜ୍ ଅଂଚଳ, ପାୱାର ହାଉସ୍ ଅଂଚଳ ଏବଂ ସହରର ଅନ୍ୟାନ୍ୟ ଅଂଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା ଉଚିତ । ଯାହାଦ୍ୱାରା ଦୁଷ୍ଟ ଲୋକମାନେ ସହରରେ କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବାର ସେମାନଙ୍କର ମନ୍ଦ ଉଦ୍ଦେଶ୍ୟକୁ ସାକାର କରିବାରେ ସଫଳ ହେବେ ନାହିଁ । ଦେଖାଯାଉଛି ଯେ ଉକ୍ତ ସମୟରେ ଅନେକ ନୂତନ ମୁହଁ, ଯୁବକ ଯୁବତୀ ଏହି ଅଂଚଳଗୁଡ଼ିକରେ ଏକତ୍ରିତ ହେଉଛନ୍ତି ଏବଂ ସାଧାରଣ ଲୋକଙ୍କ ଜୀବନକୁ ପ୍ରଭାବିତ କରି ସେଠାରେ ଉପଦ୍ରବ ସୃଷ୍ଟି କରୁଛନ୍ତି । ଏହାସହ ସହରର ସମସ୍ତ ଓ୍ୱାର୍ଡ଼, ଜନ ଗହଳି ସ୍ଥାନ ସିସି କ୍ୟାମେରା ଲଗାଯାଉ ଫଳରେ ଦୁର୍ବୃତଙ୍କ ଦୌରାତ୍ମ୍ୟ କମିବାସହ ପୋଲିସକୁ ସହଯୋଗ ହେବେ ସାଧାରଣ ଜନତା ମଧ୍ୟ ଉପକୃତହେବେ ବୋଲି ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନରେ ତୁଷାର ମିଶ୍ର, ସତ୍ୟ ନାରାୟଣ ଆଚାରୀ, ସନାତନ ଦାସ, ସୁରେଶ ପାଣିଗ୍ରାହୀ, ରାଜୁ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।





ନୂତନ ପିଢ଼ିଙ୍କୁ ଶିକ୍ଷା ଦେଇ ଏତେ ସକ୍ଷମ କରିବା ଯେ ସେମାନେ ନିଜ ଜ୍ଞାନ ରୂପକ ଅସ୍ତ୍ରରେ ଏହି ବୈଚାରିକ ଯୁଦ୍ଧରେ ବିରୋଧୀଙ୍କୁ ପରାସ୍ତ କରି ପାରିବେ ।

# ଆଜିକାଲି



ଯାବାନର୍ଥ ଉଦ୍‌ପାନେ ସର୍ବତଃ ସଂପ୍ଲୁତୋଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।

## ରଥ-ପଥ-ଜଗନ୍ନାଥ

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ଏହି ପବିତ୍ର ଦିବ୍ୟଯାତ୍ରା ଜଗତ କଲ୍ୟାଣ ଏବଂ ସାମଗ୍ରିକ ବିକାଶ ପଥରେ ଅଗ୍ରସର ହେବା ପାଇଁ ସନ୍ଦେଶ ଦେଇଥାଏ । କୋଟି ଓଡ଼ିଆଙ୍କ ମଉଡ଼ମଣି ଶ୍ରୀଶ୍ରୀ ଜଗନ୍ନାଥଙ୍କ ଏହି ଘୋଷଯାତ୍ରା ବିଶ୍ୱକୁ ଯେପରି ଚଳଚଂଚଳ କରି ଦେଇଛି । ନବଦିନାତ୍ମକ ଘୋଷଯାତ୍ରା ଶାନ୍ତି ମୈତ୍ରୀ ଓ ପ୍ରଗତିର ଚାବିକାଠି । ମହାପ୍ରଭୁଙ୍କ ଧାର୍ମିକ ଉତ୍ସବ ହେବା ସହ ପାରିବାରିକ ସୁସଂପର୍କର ବିରାଟ ଅନୁଷ୍ଠାନ । କାରଣ ମାନବ ଜୀବନର ଅନେକ ଗୂଢ଼ ରହସ୍ୟ ଏବଂ ନୀତି ଦିନିଆ ଚଳଣୀ ପ୍ରତିଫଳିତ ହୋଇଥାଏ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସହବନ୍ଧନର ଭାବ ନେଇ ଭକ୍ତମାନେ ଏକାଠି ରଥ ଦଉଡ଼ି ଧରି ରଥ ଟାଣି ନିଅନ୍ତି ମାଉସୀ ଘରକୁ । ରଥପଥ ଭକ୍ତ ଯେପରି ପରିପୂର୍ଣ୍ଣତା ଆଣିଦିଏ । କେବଳ ଓଡ଼ିଶା ନୁହେଁ ସାରା ବିଶ୍ୱରେ ଏହି ଭାଇଚାରାର ପ୍ରତୀକ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଉଛି । ରତ୍ନବେଦୀରୁ ଜନ୍ମବେଦୀକୁ ମହାପ୍ରଭୁଙ୍କ ଯାତ୍ରା । ଭାଇ ଶ୍ରୀ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ନେଇ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା । ମାଆ ସମାନ ମାଉସୀ ଘରକୁ ଯିବେ, ପୋଡ଼ପିଠା ଖାଇବେ । ଏହି ଆଧ୍ୟାତ୍ମିକ ପର୍ବ ଜଗନ୍ନାଥ ସଂସ୍କୃତକୁ ଯେପର ରୁଦ୍ଧମନ୍ତ କରିଛି । ତାହା ଅନ୍ୟ କେଉଁଠି ନାହିଁ କାରଣ ଦାଣ୍ଡ ତାଙ୍କ ବଡ଼ଦାଣ୍ଡ ତାଙ୍କର ଆଖି ଚକା ଆଖି , ତାଙ୍କର ଦେଉଳ ବଡ଼ଦେଉଳ । ତେଣୁ ସବୁ କିଛି ତାଙ୍କର ବଡ଼ । ରଥଯାତ୍ରା ଓଡ଼ିଆ ଅସ୍ମିତାର ପ୍ରତିକ । ଏହି ରଥଯାତ୍ରା ତ୍ୟାଗ ବିଶ୍ୱାସ ଏବଂ ସମାନତା ପ୍ରତିକ । ଶାନ୍ତି ଶୃଙ୍ଖଳା ସହ ଯେପରି ଏହା ପାଳନ କରାଯିବ ପ୍ରଶାସନ ତାହାକୁ ସଠକ୍ ଭାବେ କଡ଼ା ନଜର ଦେଇଛି ।

## ଚିନ୍ତା ଆଉ ଥିବ ନାହିଁ

◆ ବାଣୀପୁତ୍ର ନିତ୍ୟାନନ୍ଦ ପାଣିଗ୍ରାହୀ

ତୋ ପାଖକୁ ଯଦି ମୁଁ ପାରନ୍ତି ଯାଇ
ମନ କଥା ଯେତେ ଖୋଲି ମୁଁ କହନ୍ତି
ତୋର ଅବଗତି ପାଇ ।
ସଂସାର ଯାକର ଯନ୍ତ୍ରଣା ଜଞ୍ଜାଳ
କରୁଅଛୁ ଦେଇ ଦୁଃଖେ କଲବଲ
ସହି ପାରୁନିକି ବୋହି ମୁଁ ପାରୁନି
ଜଳୁଛି ସନ୍ତୁଳି ହୋଇ ।
ଦିନେ ଯେ ଗେହ୍ଲେଇ କହୁଥିଲେ କଥା
ଭରୁଛନ୍ତି ଏବେ ମରମରେ ବ୍ୟଥା
ସଜକୁ ସଜାନ୍ତି ବାସି କି ଅସନା
ପାଦରେ ଏଡ଼େଇ ଦେଇ ।
ଜାଣିଲିଣି ଆଉ ସହି ନ ପାରିବି
ଯେମିତି ଯା ହେଲେ ଜୀବନ ହାରିବା
କିଏ ଆସି କହେ ଏ କଥା ଭୁଲିଯା
ଅମୂଲ୍ୟ ଜୀବନ ଏଇ ।
ଏଥର ଭାବିଚି ସବୁ ଭୁଲିଯାଇ
ତୋ ଚରଣେ ମଥା ଢାକିବି ନିଠେଇ
ମାରିଲେ ମାରିବୁ ତାରିଲେ ତାରିବୁ
ଚିନ୍ତା ଆଉ ଥିବ ନାହିଁ ।

*ଈଶ୍ୱରପୁର,ସୋର, ବାଲେଶ୍ୱର-୮୨୮୦୨୮୯୮୫୦*

## ଆନ୍ତର୍ଜାତୀୟ ନ୍ୟାୟ ଦିବସ : ସମସ୍ତଙ୍କ ପାଇଁ ନ୍ୟାୟ

◆ ଗଙ୍ଗାଧର ସାମଲ

୨୦୧୧ରୁ ପ୍ରତି ବର୍ଷ ଜୁଲାଇ ୧୭ରେ ପାଳନ କରାଯାଉଛି ଅନ୍ତର୍ଜାତୀୟ ନ୍ୟାୟ ଦିବସ । ଏହି ଦିନଟିକୁ ବଛା ଯିବାର କାରଣ, ୧୯୯୮ ଏହି ଦିନରେ 'ରୋମ ଷ୍ଟାଟ୍ୟୁଟ୍' ଲାଗୁ ହୋଇଥିଲା । ଏହାର ସୁଫଳ ସ୍ୱରୂପ ୧ ଜୁଲାଇ ୨୦୦୨ରେ ଅନ୍ତର୍ଜାତୀୟ ଫୌଜଦାରୀ ଅଦାଲତ ସ୍ଥାପିତ ହୋଇଥିଲା । ୧ଜୁନ୍ ୨୦୧୦ରେ ଉଗାଣ୍ଡାର କାଂପାଲାରେ ରୋମ୍ ଷ୍ଟାଚ୍ୟୁଟ୍‌ର ସମୀକ୍ଷା ଅବସରରେ ପ୍ରତିବର୍ଷ ଜୁଲାଇ ୧୭କୁ ଅନ୍ତର୍ଜାତୀୟ ନ୍ୟାୟ ଦିବସ ଭାବେ ପାଳିବା ପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ନିଷ୍ପତି ନେଇଥିଲେ । ସଂପ୍ରତି ରୋମ୍ ଷ୍ଟାଚ୍ୟୁଟ୍‌ର ସଦସ୍ୟ ରାଷ୍ଟ୍ର ସଂଖ୍ୟା ୧୨୩ । ଗଣହତ୍ୟା ବା ନରସଂହାର ଭଳି ଭୟଙ୍କର ଅପରାଧ ବିରୋଧରେ ଜନସଚେତନତା ସୃଷ୍ଟି କରିବା, ଏହି ଦିବସ ପାଳନର ଲକ୍ଷ୍ୟ । ବିଶ୍ୱ ନ୍ୟାୟିକ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଭାରତ ନ୍ୟାୟ ବ୍ୟବସ୍ଥା ଅତ୍ୟନ୍ତ ସ୍ୱଚ୍ଛ, ନିରପେକ୍ଷ, ନିର୍ଭରଯୋଗ୍ୟ ଓ ଜନସାଧାରଣଙ୍କ ବିଶ୍ୱାସ ଭାଜିତ ହୋଇପାରିଛି । ସରକାର ନ୍ୟାୟ ବ୍ୟବସ୍ଥାକୁ ଚାପ ଠାରୁ ଦୂରେଇ ରଖିବା ସହ ନ୍ୟାୟ ବିଭାଗରେ ଯେଉଁ ସକ୍ରିୟତା ଦେଖାଯାଇଛି ତାହାର ସୁଫଳ କୋଟି କୋଟି ଦେଶବାସୀ ପାଉଛନ୍ତି । ଗଣହତ୍ୟା ବା ନରସଂହାର କରି ସାମାଜିକ ଜଘନ୍ୟ ଅମାନସିକତାକୁ ଏହି ଦିବସରେ ସମସ୍ତେ ଗୋଟିଏ ସ୍ୱରରେ ଦୃଢ଼ ନିନ୍ଦା କରିବା ସହ ଆମ୍ଭ ମାନଙ୍କ ଭିତରେ ମାନବିକତାର ଚେତନାକୁ ଆହୁରି ବଢ଼ାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏ କ୍ଷେତ୍ରରେ ପ୍ରତିଟି ଭାରତୀୟଙ୍କ ଗୁରୁ ଦାୟିତ୍ୱ ରହିଛି । ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ଗଭୀର ସମ୍ମାନ ପ୍ରଦର୍ଶନ ପୂର୍ବକ ଏକ ଆଦର୍ଶ ସମାଜ ଗଠନରେ ସମସ୍ତେ ବ୍ରତୀ ହେବାର ଶପଥ ନେବା ଏହି ଦିବସର ତାତ୍ପର୍ଯ୍ୟ ହେଉ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୨୨୬୬୪୭*

# ! ! ନ୍ୟାୟାଳୟ ! !

◆ ପଙ୍କଜ କୁମାର ପାଣିଗ୍ରାହୀ

*ତଥ୍ୟ ଉପରେ ଆଧାରିତ ବିଚାର କରି ଦୋଷୀକୁ ଶାସ୍ତି, ନିର୍ଦୋଷକୁ ନ୍ୟାୟ ପ୍ରଦାନ କରାଯିବା ଲକ୍ଷ ରଖି ସଂସ୍ଥାପିତ ନ୍ୟାୟାଳୟର ପ୍ରକୃତ ଏବଂ ଅଲୌକିକ ବାସ୍ତବତା କ'ଣ ?*

ଭାରତୀୟ ନ୍ୟାୟୀକ ବ୍ୟବସ୍ଥା କେବଳ ଉଚ୍ଚ / ଉଚ୍ଚତମ ନ୍ୟାୟାଳୟ ମଧ୍ୟରେ ପରିସର ଭୁକ୍ତ ନୁହେଁ ! ଆମ ଦେଶର ଅନେକ ସରକାରୀ କାର୍ଯ୍ୟାଳୟରେ ନିୟୋଜିତ ବିଭିନ୍ନ ପଦସ୍ଥ ଅଧିକାରୀ ସ୍ଥଳ ବିଶେଷକୁ ନେଇ ଜଣେ ଜଣେ ବିଚାରପତି ଭାବେ ନିୟୋଜିତ ହୋଇଥା'ନ୍ତି ! ସେମାନେ ନିଜନିଜ କ୍ଷମତା ପରିସରଭୁକ୍ତ ନ୍ୟାୟ ପ୍ରଦାନରେ ବିଚ୍ୟୁତି / ବ୍ୟତିକ୍ରମ ଦେଖାଗଲେ ଉଚ୍ଚ / ଉଚ୍ଚତମ ନ୍ୟାୟାଳୟର ଆଶ୍ରୟ ନେଇ ଲୋକଙ୍କୁ ନିଜର ନ୍ୟାୟ ଭିକ୍ଷା କରିବା ବ୍ୟବସ୍ଥା ଅତ୍ୟନ୍ତ ମର୍ମସ୍ପର୍ଶୀ । କାରଣ ଯଦି ଜଣେ ନ୍ୟାୟାଦାତା ପ୍ରକୃତ ନ୍ୟାୟ ଦେବାରେ ଅକ୍ଷମ ପ୍ରମାଣିତ ହୁଅନ୍ତି ତାହେଲେ ତାଙ୍କୁ ଜଣେ ନ୍ୟାୟଦାତା / ନ୍ୟାୟାଧୀଶ ଭାବେ ନିୟୋଜିତ କରାଯିବା ଅର୍ଥ କ'ଣ ଆମ ବୁଝିବା କ୍ଷମତା ବହିର୍ଭୁତ ? ଆଉ ଜଣେ ବ୍ୟକ୍ତି ଯଦି ନିମ୍ନ ନ୍ୟାୟାଳୟରେ ଉପଯୁକ୍ତ ନ୍ୟାୟ ପାଇପାରୁନାହିଁ ତାହେଲେ ସେ ଉଚ୍ଚ / ଉଚ୍ଚତମ ନ୍ୟାୟାଳୟରେ ନ୍ୟାୟ ପାଇବା ଆଶା କେତେ ଏବଂ ଏହି ବ୍ୟବସ୍ଥା କାହିଁକି / କିପରି ହୋଇଥାଏ ? ଆମ ତଳୁ ଉପର ପର୍ଯ୍ୟନ୍ତ ଥିବା ନ୍ୟାୟିକ ବ୍ୟବସ୍ଥାରେ କ'ଣ ପ୍ରକୃତ ନ୍ୟାୟ ମିଳିଥାଏ ନିର୍ଦୋଷକୁ ? ନା କେତେକ କ୍ଷେତ୍ରରେ ତାହାର ବ୍ୟତିକ୍ରମ ଦେଖାଯାଏ ? ଏମିତି ଅସୀମ ପ୍ରଶ୍ନ ସୃଷ୍ଟି ହୁଏ ମନରେ ଯାହାର ଉତର ଦେବାରେ ସମ୍ପୃକ୍ତ ନ୍ୟାୟାଳୟ / ନ୍ୟାୟାଧୀଶ ମଧ୍ୟ ନିର୍ବାକ ? ଆଉ ସାଧାରଣ ଲୋକେ ଏହି ବ୍ରିଟିଶ ନିୟମରେ ପରିଚାଳିତ ନ୍ୟାୟିକ ବ୍ୟବସ୍ଥାକୁ ବୁଝିଛନ୍ତି କେତେଯେ, ନିଜର ନିର୍ଦୋଶକୁ ସାବ୍ୟସ୍ତ କରି ନ୍ୟାୟ ପାଇଁ ନିଜର ବିଶ୍ୱାସ ରଖିପାରିବେ ? ଅନେକ ପ୍ରଶ୍ନକୁ ନେଇ କିଛି ତର୍ଜମା କରି ବିଚାର କରି ଦେଖିଲେ ମନକୁ ଆସେ କି........ ଆମେ ଭାରତୀୟ ଭାବେ ଜନ୍ମ ହୋଇ ଆମ ଦେଶର ସଂସ୍କାର, ସଂସ୍କୃତିକୁ କେବେହେଲେ କେହି ପ୍ରତ୍ୟାଖ୍ୟାନ କରିପାରିବା ନାହିଁ । ଆମ ଦେଶର ଅନେକ ନ୍ୟାୟ ପଦ୍ଧତି ଥିଲା ଯାହା ସବୁ ବର୍ତମାନ କାର୍ଯ୍ୟକ୍ଷମ ନଥାଇ କେବଳ ବ୍ରିଟିଶର ନକଲ ଲିଖିତ ସମ୍ବିଧାନ ଏବଂ ଆଇନ ଗୁଡିକ ମାଧ୍ୟମରେ ଭାରତର ବ୍ୟବସ୍ଥା ଚାଲୁଥିବା ସମସ୍ତେ ଜାଣନ୍ତି । ଏହାର ଗୋଟିଏ ଅତି ସାଧାରଣ ଉଦାହରଣ ଏହା ହୋଇପାରେଯେ ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଭାରତୀୟ ଭାଷାରେ ଲିଖିତ ଦଲିଲ, ଦସ୍ତାବିଜ ଗ୍ରହଣୀୟ ହୁଏନାହିଁ ! କେବଳ ବ୍ରିଟିଶ ଭାଷାରେ ଲେଖାଯାଇଥିବା ଦଲିଲ, ଦସ୍ତାବିଜ ଗ୍ରହଣ କରାଯାଇ ଭାରତୀୟ ନାଗରିକଙ୍କୁ ନ୍ୟାୟ ପ୍ରଦାନ କରାଯିବା ବ୍ୟବସ୍ଥା ମଧ୍ୟରେ ଜଣେ ସାଧାରଣ ନାଗରିକ ଯାହା ବୁଝୁଥିବ ଏବଂ ସେଗୁଡିକୁ ତର୍ଜମା କରି ଯାହା ଉତର ପ୍ରଦାନ କରିବାରେ ସମର୍ଥ ହେବ ସେସବୁ ସହଜେ ଅନୁମେୟ ! ଅଧିକନ୍ତୁ ଇଂରେଜ୍ ବ୍ୟତୀତ କେତେକ ରୋମାନ ଏବଂ ପାର୍ସି ଭାଷାର ମଧ୍ୟ ପ୍ରୟୋଗ ହୋଇଥାଏ ଆମ ନ୍ୟାୟାଳୟରେ ଯାହା ସାଧାରଣ ଲୋକଙ୍କ ବୁଝିବା କ୍ଷମତା ବହିର୍ଭୁତ କ'ଣ ସମ୍ପୃକ୍ତ ଆଇନଜୀବୀ ମାନେ ମଧ୍ୟ ବେଳେ ବେଳେ ବୁଝିବାକୁ କଷ୍ଟକର ହୋଇଥାଏ ! ଆଉ ଏହି ବ୍ୟାବସ୍ଥାରେ ସାଧାରଣ ଲୋକଙ୍କୁ ନ୍ୟାୟ ଦେବାପାଇଁ ମଧ୍ୟସ୍ଥିତା କରୁଥିବା ଓକିଲ (ଆଇନଜୀବୀ) ମାନଙ୍କ ବିଷୟରେ ସାଧାରଣ ଲୋକଙ୍କ ବ୍ୟକ୍ତିଗତ ଅନୁଭୂତି ଯାହା.....!! ପ୍ରାଚୀନ ଭାରତୀୟ ନ୍ୟାୟୀକ ପଦ୍ଧତିରେ ଜଣେ ଦୋଷୀ ଖସିଯାଇ ନିର୍ଦୋଶକୁ ଦଣ୍ଡବିଧାନ କରାଯିବା ଅତୀବ ବିରଳ ଥିଲା । କାରଣ କୌଣସି ଘଟଣା / ଦୁର୍ଘଟଣାର, ବିଚାରପତିଙ୍କ ଠାରୁ ଆରମ୍ଭ କରି ରାଜା, ମହାରାଜାଙ୍କ ଦ୍ୱାରା କରାଯାଉଥିଲା ଯାହା ପ୍ରୟୋଗାତ୍ମକ ତଥ୍ୟ ଏବଂ ତଦ୍ୱ ଉପରେ ଆଧାର କରି ଗୋଟିଏ ଥରରେ ନିଷ୍ପତି ନିଆ ଯାଉଥିଲା । ପୁଣି ସେହି ନିଷ୍ପତିରେ ବ୍ୟତିକ୍ରମ ଦେଖିବାକୁ ମିଳୁନଥିଲା । ନ୍ୟାୟାଧୀଶ ନିଜର ସ୍ୱାଭିମାନ / ଗୌରବ ରକ୍ଷା କରି କେତେକ କ୍ଷେତ୍ରରେ ନିଜେ ଭୁଲ କରୁଥିବା କଥାକୁ ସ୍ୱୀକାର କରୁଥିଲେ । ନ୍ୟାୟବେଳେ ଅଭିଯୁକ୍ତ ନ୍ୟାୟାଧୀଶଙ୍କ ଆଜ୍ଞାକୁ



ଶ୍ରୀରାଧାର୍ଯ୍ୟ କରି ଯଥା ସମ୍ଭବ ଶାସ୍ତିକୁ ଗ୍ରହଣ କରିବାକୁ ବାଧ ହେଉଥିଲେ । ଅନ୍ୟଥା କଠୋର ଦଣ୍ଡ ଭୋଗିବାକୁ ପଡୁଥିଲା ଯାହା ସ୍ଥଳ ବିଶେଷରେ ମୃତ୍ୟୁଦଣ୍ଡ ମଧ୍ୟ ହେଉଥିଲା । କି'ନ୍ତୁ କୌଣସି ମତେ ଲୋକଙ୍କ ସେହି ନ୍ୟାୟାଧୀଶଙ୍କ ଉପରେ ପ୍ରଗାଢ଼ ଅନୁରୋକ୍ତି ଏବଂ ବିଶ୍ୱାସ ରହିଥିଲା । ସର୍ବୋଚ୍ଚ କ୍ଷେତ୍ରରେ ଦୋଷୀଙ୍କୁ ଦଣ୍ଡ ଏବଂ ନିର୍ଦୋଶଙ୍କୁ ନ୍ୟାୟ ନିଶ୍ଚିତ ଭାବେ ମିଳୁଥିଲା ଯାହା ବର୍ତମାନ ଅତ୍ୟନ୍ତ ବିରଳ ଦେଖିବାକୁ ମିଳୁଛି । କାରଣ କ'ଣ ଏବଂ କେଉଁ ଅଭାବନୀୟତା କାରଣରୁ ଏମିତି ହେଉଛି ବିଚାର କରିବା..! ଅନ୍ୟୁନ ୩୦-୪୦ କୋଟି ଲୋକଙ୍କୁ କ୍ଷମତା ପରିସରଭୁକ୍ତ କରି ଶାସନ କରିବା ପାଇଁ ଲକ୍ଷ ଲକ୍ଷ ବ୍ରିଟିଶ ଆସିନଥିଲେ । କେତେକ ହାତ ଗଣତି ବ୍ରିଟିଶ ଦୂତ ଆମ ଦେଶରେ ନିୟୋଜିତ ଥାଇ ଆମ ଦେଶର କିଛି ଲୋଭାଶକ୍ତ ଭ୍ରଷ୍ଟାଚାରୀ, ଦେଶଦ୍ରୋହୀଙ୍କୁ କରାୟତ କରି ଆମ ପୂର୍ବଜଙ୍କୁ ଶାସନ ପରିସର ଭୁକ୍ତ କରି ରଖି ସେମାନଙ୍କୁ ଶୋଷଣ, ଅତ୍ୟାଚାର କରି ଜୀବନ ହନ୍ତସନ୍ତ କରୁଥିଲେ ସେମାନେ ମିଳିମିଶି ! କୌଣସି କାରଣ ବଶତଃ ଅସହିଷ୍ଣୁତାର ସ୍ୱର ଉତୋଳନକାରୀଙ୍କୁ ଦଣ୍ଡ ବିଧାନ କରିବା ଏବଂ ସେମାନଙ୍କ ଚାଟୁକାରଙ୍କୁ ମିଥ୍ୟା ନ୍ୟାୟ ପ୍ରଦାନ କରିବା ଦେଖାଇ ସାଧାରଣ ଲୋକଙ୍କୁ ଭଣ୍ଡିବା ପାଇଁ ସେମାନଙ୍କ ଦ୍ୱାରା ବ୍ୟାପକ ଆଇନ ପ୍ରଚଳନ କରାଯାଇଥିଲା, ଯାହାର ସଜ୍ଞା ପାକ୍ଷିକ କଠୋର ଏବଂ ପାକ୍ଷିକ ନମନୀୟ ଭାବେ ଦର୍ଶାଯାଉଥିଲା ଯାହା ଏପର୍ଯ୍ୟନ୍ତ ଆମ ଦେଶରେ ପ୍ରଚଳିତ ଏକ ଅମାନବୀୟ ଆଇନ କହିଲେ ଅତ୍ୟୁକ୍ତି ହେବନାହିଁ ! ସେହି ପାକ୍ଷିକ କଠୋର ଏବଂ ପାକ୍ଷିକ ନମନୀୟ ନୀତିକୁ ଧରି ସେମାନେ ଅସୀମ ଅନ୍ୟାୟ ଅତ୍ୟାଚାର କରିବାରେ ସକ୍ଷମ ହେଉଥିଲେ ସେହି ସମୟରେ ଯାହା ଏପର୍ଯ୍ୟନ୍ତ ଆମକୁ ଛାଡ଼ିନାହିଁ ! ସେମାନଙ୍କ କବଳରୁ ଆମ ଦେଶ ବଂଚିତ ହୋଇଛି ସତ୍ୟ କି'ନ୍ତୁ ଦେଶବାସୀ କୌଣସି ମତେ ରକ୍ଷା ପାଇନାହାନ୍ତି ! କାରଣ ସେମାନଙ୍କ ପରବର୍ତୀ ଯେଉଁସବୁ ଶାସନ ଭାରପ୍ରାପ୍ତ ମଣିଷ ଦେଶରେ କାର୍ଯ୍ୟ କରି ଆସୁଛନ୍ତି, ସେହି ବ୍ରିଟିଶ ନୀତିକୁ ଆଦରି ଯଥେଷ୍ଟ ସ୍ୱାର୍ଥ ହାସଲ କରିବା ଦିଗରେ ସମର୍ଥ ତଥା ସାଧାରଣ ଲୋକଙ୍କୁ ପ୍ରତାରିତ କରି ରଖିବାରେ ଯଥେଷ୍ଟ ସହାୟକ ସେହି ବ୍ରିଟିଶ ଆଇନ ଗୁଡିକୁ ପରିବର୍ତନ କରାଯିବା ଲକ୍ଷ ରଖିନାହିନ୍ତି, ରଖିବେ ଅବା କାହୁଁ ?! ସାଧାରଣ ଲୋକେ, ଆମ ଦେଶବାସୀ ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ରହି ସମୟୋପୋଯୋଗୀ ଶାସନ ବ୍ୟବସ୍ଥାର ମିଥ୍ୟା କୁହେଳିକାରେ ନିଜକୁ ଜଡିତ କରି ପ୍ରତାରିତ ହେଉଥିବା ସମ୍ପୂର୍ଣ୍ଣ ସ୍ୱୀକାର୍ଯ୍ୟ ! ଆଉ ଏହି ସାମ୍ବିଧାନିକ ବ୍ୟବସ୍ଥା ସହିତ ଅଂଗୀକାରବଦ୍ଧ ନ୍ୟାୟିକ ବ୍ୟବସ୍ଥାଯେ ସେହି ବ୍ରିଟିଶ ମାନଙ୍କ ପ୍ରତାରଣାପୂର୍ଣ୍ଣ, ଛଳନାତ୍ମକ ନିୟାମକ ଗୁଡିକୁ ଅନ୍ତରଣୀୟ କରି ଲୋକଙ୍କ ସେବାରେ ନିୟୋଜିତ ହେଉଛି ତାହା କେହି ଅସ୍ୱୀକାର କରିପାରିବେ ନାହିଁ ! ଆମ ସଂସ୍କୃତିର ନ୍ୟାୟୀକ ବ୍ୟବସ୍ଥା ଯାହା ଥିଲା ବ୍ରିଟିଶ ମାନଙ୍କ ଦ୍ୱାରା ପ୍ରଣୟନ ଆଜିର ଏହି ବ୍ୟବସ୍ଥା ମଧ୍ୟରେ ପାର୍ଥକ୍ୟ କ'ଣ ବିଚାର କରିବା.. ସତ୍ୟ ସବୁବେଳେ ଶାଶ୍ୱତ, ଚିରନ୍ତନ ! ସତ୍ୟର ଅମଳିନତାକୁ ଅସ୍ୱୀକାର କରିବା ଅର୍ଥ ନିଜକୁ ନିଜେ ଦଣ୍ଡିତ, ପ୍ରତାରିତ କରି ନିଜର ମାନବିକତାକୁ ହତ୍ୟା କରିବା ! ତେଣୁ ନ୍ୟାୟୀକ ବ୍ୟବସ୍ଥାରେ ସତ୍ୟକୁ ନ୍ୟାୟ ଦେବା ପାଇଁ ଉଦ୍ୟମରତ ନ୍ୟାୟାଧୀଶ କେବେହେଲେ ପାର୍ଶ୍ୱ ପରିବର୍ତନ କିମ୍ବା ପାକ୍ଷିକ ବିଚାର କରିବା ଲକ୍ଷ ରଖିବା ଅର୍ଥ ନ୍ୟାୟୀକ ବ୍ୟବସ୍ଥାକୁ ହତ୍ୟା କରିବା ସହିତ ସମାନ ହୋଇଥାଏ ବୋଲି ବିଚାର ଆମର ।

ବ୍ରିଟିଶ ସେହି ପାକ୍ଷିକ କଠୋର ଏବଂ ପାକ୍ଷିକ ନମନୀୟ ଆଇନ ସାହାଯ୍ୟରେ ସବୁବେଳେ ସେମାନଙ୍କ ସହଚର ମାନଙ୍କୁ ଅନୈତିକ ନ୍ୟାୟ ପ୍ରଦାନ କରାଯିବା ଲକ୍ଷ ରଖି ଏହି ବର୍ଷ ବର୍ଷ ଧରି ବିଚାରାଧୀନ ବ୍ୟବସ୍ଥା ଲାଗୁ କରିଥିଲେ ଯାହା ସାହାଯ୍ୟରେ ପ୍ରମାଣ ନଷ୍ଟ କରିବା ପାଇଁ ଯଥେଷ୍ଟ ସମୟ ମିଳିବା ସାଙ୍ଗକୁ ଘଟଣାର ସତ୍ୟାସତ୍ୟ ଭୁଲିଯାଇ ସମୟ ସାପେକ୍ଷ ଯୁକ୍ତି ବଢ଼ିବାରେ ଯଥେଷ୍ଟ ସହାୟକ ହେଉଥିଲା ଯାହା ଅଦ୍ୟାବଧି ଆମ ଦେଶରେ ବଳବତର ରହି ସେହି ଅମାନବୀୟ ବିଚାର ପ୍ରଦର୍ଶନ କରାଯିବାରେ ସିଦ୍ଧହସ୍ତ ହେଉଅଛି । ବର୍ଷ ବର୍ଷ ଧରି ବିଭିନ୍ନ ମାମଲା ବିଚାରାଧୀନ ରଖାଯାଉଥିବା ହେତୁ ପ୍ରକୃତ ଘଟଣାକୁ କରାୟତ କରାଯିବା ପରିବର୍ତେ ଦୋଷୀକୁ ନିର୍ଦୋଷ ସାବ୍ୟସ୍ତ କରାଯିବାରେ ଯଥେଷ୍ଟ ସୁବିଧା ମିଳୁଛି ଯାହା ବ୍ରିଟିଶ ଆଇନର ମୂଳ ଲକ୍ଷ ଥିଲା । ତେଣୁ କହିବାକୁ ଗଲେ କେବଳ ମିଥ୍ୟାକୁ ସତ୍ୟରେ ପରିଣତ କରିବା ପାଇଁ ନ୍ୟାୟୀକ ବ୍ୟବସ୍ଥା ଯଥେଷ୍ଟ ସାହାଯ୍ୟ କରୁଥିବା ବେଳେ ସତ୍ୟର ଅନ୍ତ କରିବା ଏହି ନ୍ୟାୟୀକ ବ୍ୟବସ୍ଥାର ମୂଳ ଲକ୍ଷ ଭଳି ଅନୁଭବ ହୁଏ ଆଜି ସମୟରେ ଯାହା ସେହି ବ୍ରିଟିଶ ମାନଙ୍କ ମୂଳ ମନ୍ତ୍ର ରହିଥିଲା ! କାରଣ ସେମାନେ ସେହି ଆଇନ ବଳରେ ସାଧାରଣ ଲୋକଙ୍କୁ ପ୍ରତାରିତ କରି କଠୋର ଶାସନ ବ୍ୟବସ୍ଥା ମଧ୍ୟରେ ନିଜର ଶାସନ ପ୍ରଚଳନ କରୁଥିଲେ ! ସତ୍ୟ କେବେ ଲୁଚି ରହେନା ବୋଲି ଆମ ଉକ୍ତିଟି କଣ ବାସ୍ତବରେ ମର୍ମହିନ ?! ନା' ! ଏହା ସତ୍ୟଯେ, ସତ୍ୟ କେବେ ଲୁଚି ରହେନା । କାରଣ ସତ୍ୟ ସବୁବେଳେ ଶାଶ୍ୱତ ଏବଂ ଚିରନ୍ତନ । କିନ୍ତୁ ମିଥ୍ୟକୁ ସତ୍ୟରେ ପରିଣତ କରି ନିଆଯାଉଥିବା ନିଷ୍ପତି ସେହି ବ୍ରିଟିଶ ମାନଙ୍କ ନ୍ୟାୟ ଭଳି ହୋଇପାରେ । ଆଉ ସେମାନଙ୍କ ନ୍ୟାୟ ବ୍ୟବସ୍ଥାର ମୂଳ ଆଧାର ହେଉଛି ମିଥ୍ୟାକୁ ସତ୍ୟରେ ପରିଣତ କରିବା ! ବିଚାରାଳୟ / ନ୍ୟାୟାଳୟ ସହିତ ଅସଂଖ୍ୟ ଆଇନ/କାନୁନ ପ୍ରଚଳନ କରାଯିବାର ଅର୍ଥ ହେଉଛି କେବଳ ମିଥ୍ୟାକୁ ସତ୍ୟ ବୋଲି ସାବ୍ୟସ୍ତ କରାଯିବା ଯାହା ଏକ ତାର୍କିକ ଯୁକ୍ତି ମାତ୍ର ! କାରଣ ପ୍ରକୃତ ନ୍ୟାୟ ପାଇଁ ତର୍କ ନୁହେଁ ତଥ୍ୟ, ତତ୍ୱର ଆବଶ୍ୟକତା ରହିଥାଏ ଯାହା କେବଳ ମିଥ୍ୟା ଆଉ ସତ୍ୟ ଏହି ଦୁଇଟି ଯୁକ୍ତି ମଧ୍ୟରେ ସୀମିତ । ସେହି ମିଥ୍ୟା ଏବଂ ସତ୍ୟକୁ ଉନ୍ମୋଚନ କରାଯିବା ଲକ୍ଷ ରଖାଗଲେ ଅଜସ୍ର ଆଇନ, କାନୁନର କୌଣସି ଆବଶ୍ୟକତା ନଥାଇ କେବଳ ପ୍ରୟୋଗାତ୍ମକ ଅନୁଶୀଳନ ଏବଂ ଉନ୍ମୋଚନର ଆବଶ୍ୟକତା ରହିଥାଏ । ବ୍ରିଟିଶ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏବଂ ସେମାନଙ୍କ ମସ୍ତିଷ୍କ ବିଚଳନ କରି ସତ୍ୟକୁ ମିଥ୍ୟା, ମିଥ୍ୟକୁ ସତ୍ୟରେ ପରିଣତ କରିବା ପାଇଁ ଯେଉଁସବୁ ହଜାର ହଜାର ଆଇନ ତିଆରି କରିଥିଲେ ସେଗୁଡିକ ବାସ୍ତବ, ସତ୍ୟ ଏବଂ ମାନବୀୟ ବିଚାରଧାରା ସମ୍ପନ୍ନ ନୁହେଁ କି ଭାରତୀୟ ସଂସ୍କୃତି, ସଂସ୍କାର ଉପରେ ଆଧାରିତ ନୁହେଁ ! ତେଣୁ ସେମାନଙ୍କ ଦ୍ୱାରା ପ୍ରଚଳିତ ଏହି ଆଇନରେ ଜଣେ ମିଥ୍ୟାବାଦୀ କେବଳ ଭାଗିଦାରୀତା କରି ନିଜକୁ ମୁକୁଳାଇବା ପାଇଁ ଚେଷ୍ଟା କରିବା ଛଡା ଯଦି କୌଣସି ସତ୍ୟବାଦୀ ଏହି ଆଇନର ଆଶ୍ରୟ ନିଏ ତାହେଲେ ସେହି ବ୍ୟକ୍ତି ପାଇଁ ତାହା ଏକ ଅଭିଶପ୍ତ ଦଣ୍ଡ ଭଳି ହେବାଛଡା ଆଉ କିଛି ନୁହେଁ ! କାରଣ ସତ୍ୟକୁ ପ୍ରମାଣ କରି ଉପସ୍ଥାପନ କରିବା ପାଇଁ ନ୍ୟାୟାଧୀଶଙ୍କ ଅପେକ୍ଷା ଅନୁସନ୍ଧାନକାରୀଙ୍କ ଉପଯୋଗୀତା ଯଥେଷ୍ଟ ଅଧିକ ରହିଥାଏ । ଅନୁସନ୍ଧାନ କରି ସତ୍ୟ, ମିଥ୍ୟାର ଉନ୍ମୋଚନ ହେବା ପରେ ନ୍ୟାୟ ଦେବା ପାଇଁ କୌଣସି ଅସୁବିଧା ହୁଏନାହିଁ ଯାହା କେତେକ ଜଟିଳ ନିୟାମକ ମଧ୍ୟରେ ପାଳିତ ହୋଇଥାଏ ଏହି ବ୍ରିଟିଶ ଆଇନ ମାଧ୍ୟମରେ ଯାହା ସେମାନଙ୍କୁ ଯଥେଷ୍ଟ ସହାୟକ ହେଉଥିଲା । ଆଉ ସେହି ଆଇନ ପ୍ରଚଳନ କରି ଆମେ ଅଦ୍ୟାବଧି ନିଜକୁ ସ୍ୱାଧୀନ ରାଷ୍ଟ୍ରର ନାଗରିକ ବୋଲି କହୁଥିବା କେତେ ଯୌକ୍ତିକ ବିଚାର ଯୋଗ୍ୟ ! ସତ୍ୟବାଦୀଙ୍କ ପାଇଁ ଏହି ନ୍ୟାୟୀକ ବ୍ୟବସ୍ଥା ଏକ ଅଲୌକିକ ସ୍ଥାନ ଭଳି ବିବେଚିତ ହେଉଥିବା ବେଳେ ମିଥ୍ୟାଚାରୀ, ଦେଶଦ୍ରୋହୀ, ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଯୋଗାଇଦେଇ ସେମାନଙ୍କ ଆତ୍ମରକ୍ଷା କବଚ ଭଳି ଦଣ୍ଡାୟମାନ ଏହି ବ୍ରିଟିଶ ବ୍ୟବସ୍ଥାରେ ପିଢ଼ିକୁ ପିଢ଼ି ପ୍ରଚଳିତ ହୋଇ ଆସୁଥିବା ଅମାନବୀୟ ଆଇନ, କାନୁନ ବ୍ୟବସ୍ଥାର ଅନ୍ତ କେବେ.....?!!

*ସୋସିଆଲ ଫୋରମ (ଭାରତ) ଛତ୍ରପୁର,*
*ଗଂଜାମ: ମୋ-୯୪୩୭୩୨୪୯୧୭.*

# ବିଶ୍ୱ ନ୍ୟାୟ ଦିବସ

◆ ଇଂ. ବିଦ୍ୟାଧର ପଣ୍ଡା

ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଲା ଅନ୍ତରାଷ୍ଟ୍ରୀୟ ଅପରାଧିକ ନ୍ୟାୟଏବଂ ନ୍ୟାୟାଳୟ ବିଷୟରେ ଜନ ସଚେତନତା ଜାଗ୍ରତ କରେଇବା । ଶହେକୋଡିଏ ଦେଶର ପ୍ରତିନିଧି ରୋମ୍ ସହରରେ ଏକ ସାଧାରଣ ଆନ୍ତର୍ଜାତୀୟ ନ୍ୟାୟ ନିୟମ ଯାହାକୁ "ରୋମ୍ ଷ୍ଟାଚ୍ୟୁର୍" କୁହାଯାଏ, ସେଥିରେ ୧୯୯୮ ମସିହା ଜୁଲାଇ ୧୭ ତାରିଖରେ ହସ୍ତାକ୍ଷର କରିବା ପରଠାରୁଏହି ଦିବସ ପାଳିତ ହୋଇଆସୁଛି । ସତରେ କ'ଣ ଏହି ଦିବସ ପାଳନ କରିବାରେ ଆମକୁବିଶ୍ୱରେ ନ୍ୟାୟ ମିଳିଯାଉଛି ! ତା' ନୁହେଁ କିନ୍ତୁ ଅନ୍ତରାଷ୍ଟ୍ରୀୟ ଅପରାଧ ପାଇଁ ନ୍ୟାୟର କିଛି ଗୋଟାଏ ବନ୍ଦୋବସ୍ତ ଏବଂ ନ୍ୟାୟାଳୟ ବ୍ୟବସ୍ଥା ଅଛି ବୋଲି ଜାଣି ହେଉଛି । ସେଗୁଡିକର ଦକ୍ଷତା ଉପରେ ହଜାର ପ୍ରଶ୍ନ ଚିହ୍ନ ଅଙ୍କା ଯାଇପାରେ, ତଥାପି ଗୋଟିଏ ସଂସ୍ଥା ରହିଛି । ସାଧାରଣଲୋକଙ୍କ ମନରେ ଏ ବିଷୟରେ ଅସୁମାରି ପ୍ରଶ୍ନ ଜନ୍ମନେବା ସ୍ୱଭାବିକ କଥା । ଆମେ ଦେଖୁଛେ ଏକାଧିକ ଲୋକଭାରତରୁ ଋଣ ନେଇ ବ୍ୟାଙ୍କଗୁଡିକୁ ଠକି କେମିତି ବିଦେଶରେ ଅୟେସ୍ କରୁଛନ୍ତି ! କେବଳ ବ୍ୟାଙ୍କଋଣ ବିଷୟରେ ନୁହେଁ, ଗୁଲସନ୍ ଗ୍ରୋବର୍ ପରି କିଛିସିନେ ତାରକା ମାନଙ୍କର

ହତ୍ୟାରେ ପରୋକ୍ଷ ପ୍ରତ୍ୟେକ୍ଷ ଭାବରେ ଜଡିତ ଅପରାଧି ଭାରତ ବାହାରକୁ ଲୁଚିକି ପଳେଇଗଲା ପରେ ସେଠାକାର ସ୍ଥାୟୀ ବାସିନ୍ଦା ହୋଇ ଉପଯୁକ୍ତ ଦଣ୍ଡବିଧାନରୁ ବଂଚିତ ରହିବାକୁ ସମର୍ଥ ହେଉଛନ୍ତି । ତେଣୁ ସବୁ ନିୟମ କେବଳ ସାଧାରଣ ନାଗରିକଙ୍କ ପାଇଁ ଲାଗୁ, ବଡବଡ ଲୋକଙ୍କ ପାଇଁ ନ୍ୟାୟର ଦଉଡିଟା ଛୋଟିଆ ହେବାର ଅଗଣିତ ଦୃଷ୍ଟାନ୍ତ ଅତିତରେ ଥିଲା, ଏବେ ବି ଅଛିଏବଂ ଭବିଷ୍ୟତରେ ମ୍ଭ ରହିବ । ଆମର ସବୁଠାରୁ ପ୍ରିୟ ସରଳ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀ ତାସ୍କେଂଟ୍ ଯାଇଥିଲେ ପାକିସ୍ତାନ୍‌ସହ ଯୁଦ୍ଧ ବିରାମ ଘୋଷଣା କରି ଶାନ୍ତି ଚୁକ୍ତି କରିବା ଉଦ୍ଦେଶ୍ୟରେ ଏକ ସୁସ୍ଥ ଶରୀର ନେଇ କିନ୍ତୁ ହଠାତ୍ ଆମେ ଶୁଣିଲେ ଯେ ସେ ମୃତ୍ୟୁ ବରଣ କରିଛନ୍ତି । ସେହି ଘଟଣାର ପ୍ରକୃତ ତଥ୍ୟ ଏପର୍ଯ୍ୟନ୍ତ ସଠିକ୍ ଭାବରେ କେହି ଜାଣନ୍ତିନି । ଅନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ଭାରତପରିକା ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ରର ପ୍ରଧାନମନ୍ତ୍ରୀଙ୍କର ବିଦେଶ ମାଟିରେଏଭଳି ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହେବା କ'ଣ ଛୋଟିଆ କଥା ଏହି



ଦିନରେ ଆମ ଆଖିକୁ ଯେଉଁଟା ଅନ୍ୟାୟ ଦେଖାଯାଉଛି, ତା ବିଷୟରେ ସ୍ୱର ଉତୋଳନ କରିଏହି ଦିବସଟିକୁ ପାଳନ କଲେ ଭଲ ହୁଅନ୍ତା ବୋଲି ମୋର ନିଜି ମତ ।ସେ ବିଷୟ ସ୍ଥାନିୟ, ଜାତୀୟ କିମ୍ବା ଆନ୍ତର୍ଜାତୀୟ ବି ହୋଇପାରେ । ଅନ୍ୟାୟ ତ ଅନ୍ୟାୟ, ଯେଉଁଠି ହେଉନା କାହିଁକି । ଦୋଷୀ ତ ଦଣ୍ଡ ପାଇବା ଅନିବାର୍ଯ୍ୟ । ଆମ ରାଇଜରେ ବି ଏମିତି ଅନେକ ଘଟଣା ଆପଣମାନଙ୍କୁ ଆନ୍ଦୋଳିତ କରିଥାଏ ପାରେ, ସେମିତି କେତେ ଘଟିଛି ଏବଂ ନିତିଦିନ ଘଟୁଛି ମ୍ଭ । ଅନେକ ନ୍ୟାୟାଳୟର ଦଣ୍ଡାଦେଶ ଆସୁଛି ଯେଉଁଥିରେ ଜନସାଧାରଣ ସନ୍ତୁଷ୍ଟ ନୁହଁନ୍ତି । ଆପଣ ନିଜ

କଥା କୁହନ୍ତୁ ? ଆପଣଙ୍କ ହିସାବରେ କୁନ୍ଦୁଲି ପିଡିତା କ'ଣ ନ୍ୟାୟ ପାଇଛି ? ପିପିଲି ଗଣଦୁଷ୍କର୍ମ ମାମଲାଉପରେ ନ୍ୟାୟଳୟର ବିଚାର କ'ଣ ପକ୍ଷପାତ ରହିତ ଉଚିତ୍ ବିଚାର ଥିଲା ?ମାହାଙ୍ଗା ଡବଲମର୍ଡର୍ ବିଷୟରେ ମୃତକଙ୍କ ପରିବାର ନ୍ୟାୟ ପାଇବା ଆଜିକା ଯୁଗରେ କ'ଣ ସହଜ କଥା ? ଏମିତି ରାଜଧାନୀରେ ବି ଅନେକହତ୍ୟାକୁ ଆତ୍ମହତ୍ୟାରୂପ ଦିଆଯାଇ କେସ୍ ରନ୍ତାଦନ୍ତା କରି ଦିଆଯାଉଛି । ତେଣୁ ନ୍ୟାୟ କମି ଏବଂ ଅନ୍ୟାୟର ପରିସିମା ନ୍ୟାୟଠାରୁ ଢେର୍ ଅଧିକ । ରାଜ୍ୟବାହାରକୁ ଗଲେ ସୁଶାନ୍ତ ସିଂ ରାଜ୍‌ପୁତ୍ , ତାଙ୍କର ନିଜି ସହାୟିକା ଝିଅର ମାମଲା କଣ

ଠିକ୍ ତଦନ୍ତ ହୋଇ ପ୍ରକୃତ ତଥ୍ୟ ପଦାକୁ ଆସିଲା ! ଅର୍ଣ୍ଣବ ଗୋସ୍ୱାମୀ ଓ ଉଦ୍ଧବ ଠାକରେ ଝଗଡା ଭିତରେଏସବୁ ଘଟଣାର ପ୍ରମୁଖତା ମିଳେଇ ପାଣି 'ଟକିଗଲା । ପରିବାର ହତାଶ ହୋଇ ଶେଷରେ ଚୁପ୍ ରହିବାକୁ ବାଧ୍ୟ ହେଲେ । ବାଡ ଯଦି 'ସଲ ଖାଇଲା ତେବେ ମାଳି କଣ ବା କରିପାରିବ ! ସେମିତି ସୁନନ୍ଦା ପୁଷ୍କର ଏବଂ ଶ୍ରୀଦେବୀ ମୃତ୍ୟୁ ରହସ୍ୟ କେବେ ବି ଉଜାଗର ହୋଇ ନପାରେ । ଏଥିରେ ବଡବଡ ଲୋକ ସଂସ୍ଲିଷ୍ଟ ଅଛନ୍ତି ଯେତେବେଳେ ନ୍ୟାୟ ପାଇବା କାଠିକର ପାଠ । ବେଳେବେଳେ ନ୍ୟାୟଟିକୁ ନ୍ୟାୟାଳୟରୁ କିଣିବାକୁ ପଡେ, ସେଥିପାଇଁ ପୁଞ୍ଜି ଦରକାର । ତେଣୁ ଯାହାହେଲାଣି ତ ହୋଇଗଲା, ଆଉ କଣ ଫେରିବ ! ଏମିତି ମନକୁ ବୁଝେଇ ଚୁପ୍‌ଚାପ୍ ବସିଗଲେ ଗଲା, କିଏ ଅତିତକୁ ଘାଂଟି ସମୟ ନଷ୍ଟ କରୁଛି ! ପ୍ରକୃତରେ ଏସବୁ ବହୁତ କଷ୍ଟଦାୟକ ।ଏମିତି ଦେଖିବାକୁ ଗଲେ ଚାରିଆଡେ ଅନ୍ୟାୟ । ଏତେଦିନ ଧରି ଆମେ ନଗଡାକୁ ଭୁଲି ଯାଇ ସେମାନଙ୍କୁ ମୁଖ୍ୟଧାରାରୁ ଦୂରରେ ରଖିବାକୁ କଣ ନ୍ୟାୟ କହି ପାରିବା ?

ସଂଗଠିତ ଉପାୟରେ ଦୁର୍ନିତି କରି ସରକାରି ପାଣ୍ଠି ଚଳୁକରିବା କଣ ଅନ୍ୟାୟ ନୁହେଁ ! ଏବେ କରୋନା ସମୟରେ ରୋଗୀଙ୍କ ନାଁରେ କୋଟିକୋଟିଟଙ୍କାର ଯେଉଁ ଦୁର୍ନିତି ହୋଇଛି, ସେସବୁ ତଦନ୍ତ 'ଲା'ଳରେ ସତ ବାହାରିବା କଣ ଏତେ ସହଜ ! ଅବୌ ନୁହେଁ । ବିଗତ ତାଲାବନ୍ଦି ଦିନମାନଙ୍କରେ ସାଇପଡିଶାରେ ଅନେକହିଂସା ଦେଖିବାକୁ ମିଳିଛି ଏବଂ ଘରୋଇହିଂସାର ମାତ୍ରା ଅନେକ ପରିମାଣରେ ଦିନୁଦିନ ବଢି ଚାଲିଛି । ତଥାପି ମଣିଷ ନ୍ୟାୟ ଆଶାରେ ପୃଥିବୀରେ ବଂଚିବାର ପ୍ରଚେଷ୍ଟା ଜାରି ରଖିବା ଭିତରେ ଏପରି ଏକ ଦିନକୁ ବିଶ୍ୱ ନ୍ୟାୟ ଦିବସରୂପରେ ପାଳନ କରି ସାକାରତ୍ମକ ସଂଦେଶ ଦେବା ସଙ୍ଗେସଙ୍ଗେ ସମାଜର ମନୋବଳ ମଧ୍ୟ ବୃଦ୍ଧି ହେବାରେ ସହାୟକ ହେଉଛି । ତେଣୁ ଚାଲନ୍ତୁ ଏହି ଦିନଟିକୁ ପାଳିବା ଏବଂ ନିଜ ଦୃଷ୍ଟିରେ ଆସୁଥିବା କିଛି ଅନ୍ୟାୟ ଘଟଣାକୁ ଉଜାଗର କରି ପିଡିତ ପିଡିତାଙ୍କୁ ନ୍ୟାୟ ମିଳିବା ପାଇଁ ସ୍ୱର ଉତୋଳନ କରିବା ।

*ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯, ମୋ- ୯୪୩୯୧୨୮୦୫୦*







# ରଥର ଉପରେ ଜଗା

ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି
ରଙ୍ଗ ଅଧରରେ ହସୁଣ ଥିବୁରେ
ତୋ' ମୁଖ ମୁଁ ଦେଖୁଥିବି
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....
ପଣ୍ଡା ପଢିଆରି ଦଇତା ତୋହରି
ବୋଲୁଥିବେ ହରିବୋଲ
ବେତକୁ ହଲାଇ ଡାକ ଛାଡୁଥିବ
ଡାହୁକ ନ ମାନି ବୋଲ
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....
ଘ[ୁଆରୀ ଘ[। ହଲାଇଣ ଅ[।
ଘ[କୁ ବଜାଉ ଥିବେ
ଭେରୀ ପେଁକାଳି ମର୍ଦ୍ଦଳ କାହାଳୀ
ଜୟ ଧ୍ୱନି କରୁଥିବେ
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....
ଦାଣ୍ଡର ମଝିରେ ଆନନ୍ଦ ମତିରେ
ଦେଖାଇ ବିବିଧ ଠାଣି
ଗୋଟିପୁଅ ନୃତ୍ୟ କରୁଥିବେ କେତେ
ମନକୁ ନେବେ ସେ କିଣି
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....
ରଥ ଦଉଡ଼ିକୁ ମଥାରେ ଲଗାଇ
ଭିଡୁଥିବି ତୋର ଘୋଷ
ଗହ ଗହ ନାଦେ ରଥ ଗଡୁଥିବ
ଏହି ମୋର ଏକ ଆଶ
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....
ଏ ସପନ ମୋର ହେବ କି ସାକାର
ଏକଥା ମନେ ଭାବୁଛି
ଏତିକି କରୁଣା କରିଦେ କାଳିଆ
ହେମନ୍ତ ଅଳି କରୁଛି
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....

# ରଥଯାତ୍ରାର ଆଠଗୋଟି ଅଙ୍ଗ

◆ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ଲୀଳାମୟ ଶ୍ରୀପୁରୁଷୋତମ, ଭକ୍ତବତ୍ସଳ ଭାବଗ୍ରାହୀ ଶ୍ରୀଜଗନ୍ନାଥ, ଜ୍ୟେଷ୍ଠ ଭାଇ ଶ୍ରୀବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ତଥା ଶ୍ରୀସୁଦର୍ଶନଙ୍କୁ ନେଇ ପୁଣ୍ୟ ନୀଳାଚଳ ଧାମରେ ମାନବୀୟ ଲୀଳା କରି ଆସୁଛନ୍ତି । ମହାପ୍ରଭୁ ନୀଳାଦ୍ରି ଠାକୁର ପତିତ ଜନଙ୍କୁ ଉଦ୍ଧାର କରିବା ପାଇଁ ପ୍ରତି ବର୍ଷ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଭାଇ, ଭଉଣୀ ଓ ଶ୍ରୀସୁଦର୍ଶନଙ୍କ ସହ ନବଦିନାତ୍ମିକ ଯାତ୍ରା କରିଥାନ୍ତି । ଏହି ଯାତ୍ରାକୁ ରଥଯାତ୍ରା, ଘୋଷଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରାଦି ନାମରେ ନାମିତ କରାଯାଇଛି । ବିଭିନ୍ନ ମତରେ ଏହି ଯାତ୍ରାର ଆଠଗୋଟି ଅଙ୍ଗ ରହିଛି, ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ । ଏହାର ପ୍ରଥମ ବିଧି ହେଉଛି ସ୍ନାନ ଉତ୍ସବ, ଦ୍ୱିତୀୟଟି ଅନବସର, ତୃତୀୟ ନବଯୌବନ ଦର୍ଶନ ବା ନେତ୍ରୋତ୍ସବ, ଚତୁର୍ଥ ଶ୍ରୀଗୁଣ୍ଡିଚା, ପଂଚମ ହେରାପଂଚମୀ, ଷଷ୍ଠ ଆଡ଼ପ ପର୍ବ, ସପ୍ତମ ବାହୁଡ଼ା ଯାତ୍ରା ଏବଂ ଅଷ୍ଟମଟି ନୀଳାଦ୍ରି ବିଜେ । ପୁନରାୟ ଏହି ରଥଯାତ୍ରାକୁ ପାଂଚ ଭାଗରେ ବିଭକ୍ତ କରାଯାଇଛି । ଯଥା: ଏକ ଅନ୍ତର୍ବେଦୀ, ଦୁଇ ମହାବେଦୀ ମହୋତ୍ସବ, ତିନି ଆଡ଼ପ ଉତ୍ସବ, ଚାରି ଦକ୍ଷିଣାମୁଖୀ ଉତ୍ସବ ଓ ପାଂଚ ନୀଳାଦ୍ରି ବିଜେ । ଏହାକୁ ଗୁଣ୍ଡିଚା ପଂଚକ କୁହଯାଏ । ଉପରୋକ୍ତ ଅଷ୍ଟ ଅଙ୍ଗ ମଧ୍ୟରୁ ଚତୁର୍ଥ ଅଙ୍ଗ ବା ଶ୍ରୀଗୁଣ୍ଡିଚା ଦିନ ଚତୁର୍ଦ୍ଧାମୂର୍ତ୍ତି ତିନି ଗୋଟି ସୁସଜ୍ଜିତ ରଥରେ ନିଜର ଜନ୍ମ ସ୍ଥାନକୁ ନବଦିନ ପାଇଁ ଯାତ୍ରା ଆରମ୍ଭ କରିଥାନ୍ତି । ଉକ୍ତ ନଅ ଦିନ ମଧ୍ୟରୁ ସାଧାରଣତଃ ଘୋଷଯାତ୍ରା ଓ ବାହୁଡ଼ା ଯାତ୍ରାକୁ ବାଦଦେଲେ ସାତ ଦିନ ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁମାନେ ଅବସ୍ଥାନ କରିଥାନ୍ତି । ଏହି ମନ୍ଦିରକୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପାଟରାଣୀ ତଥା ଶ୍ରୀଜଗନ୍ନାଥଙ୍କ ମା' ଗୁଣ୍ଡିଚା ଦେବୀଙ୍କ ନାମ ଅନୁସାରେ ନାମିତ ହୋଇଛି । କିନ୍ତୁ ଦାରୁବ୍ରହ୍ମଙ୍କ ବିଗ୍ରହ ନିର୍ମାଣ ପୂର୍ବରୁ ଏହା ଏକ ମଣ୍ଡପ ଥିଲା ବୋଲି କଥିତ ରହିଛି । କିନ୍ତୁ ପୁରାଣମାନଙ୍କରେ ଏହି ମଣ୍ଡପକୁ ଆଡ଼ପ ମଣ୍ଡପ ବୋଲି ବର୍ଣ୍ଣନା କରାନଯାଇ ଯଜ୍ଞବେଦୀ ଓ ମହାବେଦୀ ବୋଲି ଉଲ୍ଲେଖ କରାଯାଇଛି ଏବଂ ଶ୍ରୀଚୈତନ୍ୟ ଚରିତାମୃତରେ ଏହି ସ୍ଥାନକୁ ନିତ୍ୟ ବୃନ୍ଦାବନ ବୋଲି ମଧ୍ୟ କୁହାଯାଇଛି । ଶ୍ରୀଜଗନ୍ନାଥଙ୍କ ପାବନ ରଥଯାତ୍ରା ମଧ ଜ୍ୟୋତିଷିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବହନ କରେ । ପବିତ୍ର ଘୋଷଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଅବଧିକୁ ବୈଦିକ ଜ୍ୟୋତିର୍ବିଦମାନେ ଅନ୍ୟ ଏକ ମତ ପ୍ରଦାନ କରିଛନ୍ତି । ସେହିମାନଙ୍କ ମତ ଅନୁସାରେ ଜ୍ୟୋତିଷିକ ତତ୍ତ୍ୱରେ ଗ୍ରହଜଗତ ନଅଗୋଟି ଗ୍ରହଙ୍କୁ ନେଇ ଗଠିତ ହୋଇଛି । ଯଥା- ରବି, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ ଓ କେତୁ । ଯେତେବେଳେ ଚତୁର୍ଦ୍ଧାମୂର୍ତ୍ତି ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥାରୁଢ଼ ହୋଇ ଶ୍ରୀମନ୍ଦିର ଛାଡ଼ି ଘୋଷଯାତ୍ରାରେ ନବଦିନ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି ; ଏହି ଯାତ୍ରା ମଧରେ ଶ୍ରୀଜଗନ୍ନାଥ ସପ୍ତାହର ପ୍ରତ୍ୟେକ ବାରମାନଙ୍କୁ ଆବୃତ କରିଥାନ୍ତି । ସେହିଦିନ ଗୁଡିକ ଗ୍ରହମଣ୍ଡଳର ଗ୍ରହମାନଙ୍କ ନାମରେ ନାମିତ । ଯେପରି ରବିଙ୍କ ଉଦ୍ଦେଶ୍ୟରେ ରବିବାର, ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସୋମବାର, ମଙ୍ଗଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର, ବୁଧଙ୍କ ଉଦ୍ଦେଶ୍ୟରେ ବୁଧବାର, ଦେବଗୁରୁ ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ଗୁରୁବାର, ଶୁକ୍ରଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଓ ଶନିଙ୍କ ଉଦ୍ଦେଶ୍ୟରେ ଶନିବାର । ଏ ମାସର ଶୁକ୍ଳ ତୃତୀୟା ତିଥିରେ ଯେଉଁ ବାର ପଡ଼େ , ସେହିଦିନ ଶ୍ରୀଜଗନ୍ନାଥ ସେହିବାରର ପ୍ରତୀକ ଗ୍ରହଙ୍କ ରୂପେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି



। ଯେପରି ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଘୋଷଯାତ୍ରା ଦିନ ରବିବାର ହେଲେ ତୃତୀୟା ଦିନଟି ସୋମବାର ହୋଇଥାଏ । ଉକ୍ତ ତୃତୀୟାଠାରୁ ଶ୍ରୀଜଗନ୍ନାଥ ଆଗାମୀ ରବିବାର ପର୍ଯ୍ୟନ୍ତ ସପ୍ତାହ ବ୍ୟାପି ପ୍ରତ୍ୟେକ ଗ୍ରହଙ୍କ ନିର୍ଦ୍ଦିଷ୍ଟ ଗ୍ରହ ସ୍ୱରୂପରେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି । ଯେପରି ସୋମବାର ଦିନ ଚନ୍ଦ୍ରଙ୍କ ସ୍ୱରୂପରେ, ମଙ୍ଗଳବାର ଦିନ ମଙ୍ଗଳଙ୍କ ସ୍ୱରୂପରେ, ବୁଧବାର ଦିନ ବୁଧଙ୍କ ସ୍ୱରୂପରେ, ଗୁରୁବାର ଦିନ ବୃହସ୍ପତିଙ୍କ ସ୍ୱରୂପରେ, ଶୁକ୍ରବାର ଦିନ ଶୁକ୍ରଙ୍କ ସ୍ୱରୂପରେ, ଶନିବାର ଦିନ ଶନିଙ୍କ ସ୍ୱରୂପରେ ଓ ରବିବାର ଦିନ ରବିଙ୍କ ସ୍ୱରୂପରେ । କିନ୍ତୁ ରାହୁ ଏବଂ କେତୁ ଉଭୟ ଛାୟାଗ୍ରହ ହେତୁ ଏମାନଙ୍କ ସ୍ୱତନ୍ତ୍ର ବାର ନଥାଏ । ତେଣୁ ପ୍ରଥମ ଘୋଷଯାତ୍ରା ଓ ଶେଷ ବାହୁଡ଼ା ଏ ଦୁଇ ଦିବସକୁ ରାହୁ ଓ କେତୁଙ୍କ ପାଇଁ ନିର୍ଦ୍ଦିଷ୍ଟ ନିର୍ଣ୍ଣୟ କରି ଗ୍ରବରାଜ ରୂପେ ପୂଜା ମଧ କରାଯାଏ । ଶ୍ରୀବିଗ୍ରହମାନେ ଯେତେ ବେଳେ ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥାନ୍ତି । ସେ' ସମୟରେ ଦର୍ଶନାର୍ଥୀ ତଥା ଭକ୍ତମାନେ ସେଠାରେ ସମବେତ ହେବା ପୂର୍ବକ ବ୍ରତ ପାଳନ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ ଓ ତ୍ରିକାଳ ଦର୍ଶନ କରିବାର ପ୍ରଶସ୍ତି ରହିଛି । ସେଭଳି ମଧ ସନ୍ଧ୍ୟା ବା ରାତ୍ରିକାଳୀନ ଦର୍ଶନରେ ମହାପୂଣ୍ୟ ହୋଇଥାଏ ବୋଲି ପୁରାଣ ଓ ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ରହିଛି । ଯଥା : ଦିବତଦ୍ ଦର୍ଶନଂ ପୁଣ୍ୟଂ ରାତ୍ରୌ ଦଶଗୁଣଂ ଭବେତ୍, ସପ୍ତାହଂ ଯୋ ନରୋନାରୀ ନ ସା ପ୍ରାକୃତ ମାନୁଷୀ । (ସ୍କନ୍ଧ/୩୪ ଅଧ୍ୟାୟ) ଅତ୍ର ସ୍ଥଳେ ନକ୍ତକାଳେ ଯେ ପଶ୍ୟନ୍ତି ସୁପୂଜିତାନ୍ ବୈକୁଣ୍ଠ ଭ୍ୱନେ ନିତ୍ୟଂ ତେ ବସନ୍ତି ନ ସଂଶୟଃ । (ବାମଦେବ ସଂହିତା, ୧୭ ଅଧ୍ୟାୟ) ଶାସ୍ତ୍ରାନୁଯାୟୀ ନବମୀ ଦିନ ମହାବେଦୀ ବା ଆଡ଼ପ ମଣ୍ଡପରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଦର୍ଶନ କଲେ ଅତ୍ୟନ୍ତ ପୁଣ୍ୟ ମିଳିଥାଏ । ନୀଳାଦ୍ରି ମହୋଦୟରେ ବର୍ଣ୍ଣିତ ହୋଇଛି ଯେ, ନୀଳାଚଳରେ ଶ୍ରୀବିଗ୍ରହମାନଙ୍କୁ ଦଶ ବର୍ଷ ପର୍ଯ୍ୟନ୍ତ ପୂଜା ବା ଦର୍ଶନ କଲେ ଯେଉଁ ଫଳ ମିଳିଥାଏ, ସେହି ଫଳ ମହାବେଦୀ ବା ଆଡ଼ପ ମଣ୍ଡପରେ ଗୋଟିଏ ଦିନ ଦର୍ଶନ କଲେ ପ୍ରାପ୍ତ ହୁଏ । ବିଶେଷତଃ ରାତ୍ରିକାଳୀନ ଏକ ଦିନର ଦର୍ଶନରେ ଉକ୍ତ ଫଳ ଦଶଗୁଣ ପରିବର୍ଦ୍ଧିତ ହୋଇଥାଏ । ଏଣୁ କୁହାଯାଇଛି: ' ନୀଳାଦ୍ରୌ ଶତବର୍ଷାଣି ଆଡ଼ପେ ମଣ୍ଡପେ ଦିନେ ' । ଏହି ଉକ୍ତିକୁ ସ୍ମରଣ କରି ସନ୍ଧ୍ୟା ଦର୍ଶନ ଦିନ ଭକ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ , ଦୀପ ପ୍ରଜ୍ୱଳନ , ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ସେବନରେ ଆପ୍ୟାୟିତ କରିଥିବା ଜଣାଯାଏ । ଏହି ପ୍ରଥା ବହୁ ପୁରାତନ ସମୟରୁ ପ୍ରଚଳିତ ହୋଇ ଆସୁଅଛି । ବିଶ୍ୱାସ ରହିଛି ଯେ ଉକ୍ତ ନବମୀ ତିଥିରେ ଭକ୍ତରାଜ ଶ୍ରୀହନୁମାନ ଏବଂ ଶ୍ରୀରାମଙ୍କ ପରମ ମିତ୍ର ଶ୍ରୀବିଭୀଷଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସନ୍ଧ୍ୟା ସମୟରେ ଆସିଥାନ୍ତି । ଉକ୍ତଦିନ ଠାକୁରମାନଙ୍କ ବଡ଼ ସିଂହାର ନୀତି ବଢିବାପରେ ଶ୍ରୀମୁଖରେ ଖଣ୍ଟୁଆ ପକାଯାଇ ପୁଷ୍ପାଳକମାନେ ବାହାରକୁ ଆସିଥାନ୍ତି । ଏହାପରେ କୋଠ ସୁଆଁସିଆ ସିଂହାସନଠାରେ ଚାରମାଳ ବନ୍ଧା କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଦଇତାପତିମାନେ ଗୁପ୍ତ ନୀତି ପାଇଁ ପ୍ରସ୍ତୁତ ହୋଇଥାନ୍ତି ।

*ଦର୍ଶନ ଅଧ୍ୟାପକ, ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ,କବିସୂର୍ଯ୍ୟ ନଗର, ଗଞ୍ଜାମ*

# ଗୁଣ୍ଡିଚା ମନ୍ଦିର



ମହାପ୍ରଭୁ ବର୍ଷ ତମାମ ନୀଳକନ୍ଦରରେ ବିଜେ ହୋଇଥାନ୍ତି । ସେଠି ତାଙ୍କର ସମସ୍ତ ଦୈନନ୍ଦିନ ରୀତିକାନ୍ତି ଚାଲିଥାଏ । ତେବେ ବର୍ଷକରେ ଥରେ ମାଉସୀ ମାଆ ଘର ଗୁଣ୍ଡିଚା ମନ୍ଦିର ବିଜେ ହୁଅନ୍ତି ରଥଯାତ୍ରାରେ । ତେଣୁ ଗୁଣ୍ଡିଚା ମନ୍ଦିରର ଗୁରୁତ୍ୱ ରଥଯାତ୍ରା ସମୟରେ ଅଧିକ ଆଲୋଚିତ ହୁଏ । ଗୁଣ୍ଡିଚା ମନ୍ଦିର ଗୁଣ୍ଡିଚା ମଣ୍ଡପ, ଜନକ ପୁରୀ, ମହାବେଦୀ, ଯଜ୍ଞ ମଣ୍ଡପ ଓ ଆଡ଼ପ ମଣ୍ଡପ ନାମରେ ପ୍ରସିଦ୍ଧ । ସ୍ୱପ୍ନାଦେଶ ଅନୁସାରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ମହୋଦଧି ତଟରେ ଦାରୁର ସନ୍ଧାନ ପାଇ, ତାହାକୁ ଆଣି ମୂର୍ତ୍ତି ନିର୍ମାଣ କରିଥିଲେ ଏବଂ ଗୁଣ୍ଡିଚା ମଣ୍ଡପରେ ହିଁ ସ୍ଥାପନ ହୋଇଥିଲେ ଚତୁର୍ଦ୍ଧାମୂର୍ତ୍ତି । ଏହା ସତ ଯେ ସର୍ବପ୍ରଥମେ ରଥଯାତ୍ରା ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ହୋଇଥିଲା । ତେବେ ଜନକ ପୁରୀକୁ ବର୍ଷକେ ଥରେ ଯାତ୍ରା କରିବା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରାର୍ଥନା କରିଥିଲେ ଏବଂ ତାହାକୁ ଗ୍ରହଣ କରିଥିଲେ ଭାବର ଠାକୁର । ଗୁଣ୍ଡିଚା ମନ୍ଦିର ସମ୍ପର୍କରେ ମାଦଳା ପାଞ୍ଜିରେ ଥିବା ସୂଚନା ଅନୁଯାୟୀ, ଏହା କାଠ ମଣ୍ଡପରେ ସୀମିତ ଥିଲା । ରାଜା ନରସିଂହଦେବ ଏହାକୁ ପଥର ମଣ୍ଡପ କରିଥିଲେ । ବଡ଼ ଦେଉଳ ଠାରୁ ଉତରକୁ ପ୍ରାୟ ୩ କି.ମି. ଦୂରରେ ଅବସ୍ଥିତ ଏଇ ଗୁଣ୍ଡିଚା ମନ୍ଦିର । ଏହାର ବେଢ଼ା ୪୩୦ ଫୁଟ ଲମ୍ୱା ଓ ୩୨୦ ଫୁଟ ଚଉଡ଼ା । ମନ୍ଦିରର ଚତୁର୍ଦ୍ଦିଗରେ ରହିଛି ୨୦ ଫୁଟ ଉଚ୍ଚ ଓ ୫ ଫୁଟ ୨ ଇଂଚ ବହଳର ଏକ ବିଶାଳ ପ୍ରାଚୀର । ଏହି ମନ୍ଦିର ଭିତରେ ୪ଫୁଟ ଉଚ୍ଚ ଓ ୧୯ ଫୁଟ ଲମ୍ୱର ଏକ ମଣ୍ଡପ ଉପରେ ଚତୁର୍ଦ୍ଧାମୂର୍ତ୍ତି ବର୍ଷକେ ଥରେ ବିଜେ ହୁଅନ୍ତି । ବିମାନ, ଜଗମୋହନ, ନାଟ୍ୟ ମଣ୍ଡପ ଓ ଭୋଗମଣ୍ଡପ, ଏହି ମନ୍ଦିରର ଚାରିଟି ପର୍ଯ୍ୟାୟ । ଏହାର ମୁଖ୍ୟ ବାହ୍ୟ ପ୍ରାଚୀରରେ ମୁଖ୍ୟତଃ ଦୁଇଟି ଦ୍ୱାର । ସିଂହଦ୍ୱାର ଦେଇ ପ୍ରଭୁ ମନ୍ଦିର ଭିତରକୁ ଯାଇଥାନ୍ତି । ବାହୁଡ଼ା ଯାତ୍ରାରେ ଫେରନ୍ତି ନାକଚଣା ଦ୍ୱାର ବାଟେ । ଏହା ବ୍ୟତୀତ ମନ୍ଦିରର ଉତର ପଟେ ରହିଛି ତୃତୀୟ ତଥା କ୍ଷୁଦ୍ର ଦ୍ୱାରଟିଏ । ପ୍ରଭୁ ଏଠାରେ ୭ଦିନ ଅବସ୍ଥାନ କରିଥାନ୍ତି ବର୍ଷକରେ ମାତ୍ର ୭ ଦିନ ପାଇଁ ଏହି ସମୟରେ ଏଠାରେ ଅବଢ଼ା ପ୍ରସ୍ତୁତ ହୁଏ, ଯାହାକି ଆଡ଼ପ ଅବଢ଼ା ନାମରେ ପ୍ରସିଦ୍ଧ । ଶ୍ରୀଜୀଉମାନେ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବା ସମୟରେ ପଂଚମୀଦିନ ହେରା ପଂଚମୀ ନୀତି ଓ ନବମୀ ତିଥିରେ ସଂଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଥାଏ । ହେରାପଂଚମୀରେ ମହାଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିର ଯାଇ ତାଙ୍କୁ ରଥ ଯାତ୍ରାରେ ଅଣାଯାଇ ନଥିବାରୁ ରାଗରେ ନନ୍ଦିଘୋଷ ରଥରେ ଭଙ୍ଗାରୁଜା କରନ୍ତି । ଠାକୁରେ ବାହୁଡ଼ା ଯାତ୍ରା କରି ଶ୍ରୀମନ୍ଦିରକୁ ଫେରି ଆସିବା ପରେ ଗୁଣ୍ଡିଚା ମନ୍ଦିର ପୁଣି ଥରେ ଅପେକ୍ଷାରେ ରହେ ଏକ ବର୍ଷ ।

# ଆଧ୍ୟାତ୍ମିକତାର ମହାମିଳନ ଓ ଗଣପର୍ବ ଶ୍ରୀଗୁଣ୍ଡିଚା ଯାତ୍ରା

ଓଡିଆ ଜାତିର ପ୍ରାଣକେନ୍ଦ୍ର, ସଂସ୍କୃତିର ମୂଳଦୁଆ ଏବଂ ଆଧ୍ୟାତ୍ମିକ ଚେତନାର ସର୍ବୋଚ୍ଚ ଅଭିବ୍ୟକ୍ତି ହେଉଛି ପବିତ୍ର ଘୋଷଯାତ୍ରା ବା ରଥଯାତ୍ରା, ଯାହା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ସାରା ବିଶ୍ୱରେ ଓଡିଆ ଅସ୍ମିତା ଓ ମାନବିକତାର ସବୁଠାରୁ ବଡ ପରିଚୟ ଅଟେ । ଚଳିତ ବର୍ଷ ୨୦୨୬ ମସିହାର ଏହି ମହାପାବନ ଅବସରରେ ଶ୍ରୀକ୍ଷେତ୍ର ପୁରୀଠାରୁ ଆରମ୍ଭ କରି ପୃଥିବୀର ପ୍ରତିଟି କୋଣ ଅନୁକୋଣରେ ଥିବା ଓଡିଆ ଭାଇଭଉଣୀଙ୍କ ହୃଦୟରେ ଜଗନ୍ନାଥ ସଂସ୍କୃତିର ସେହି ଅନାବିଳ ପ୍ରେମ ଓ ଭକ୍ତିର ଜୁଆର ଖେଳିଯାଇଛି, ଯାହା ସମଗ୍ର ମାନବ ସମାଜକୁ ଏକତାର ସୂତ୍ରରେ ବାନ୍ଧିବାର ମହାନ ବାର୍ତ୍ତା ପ୍ରଦାନ କରେ । ରଥଯାତ୍ରା ହେଉଛି ଜାତି, ଧର୍ମ, ବର୍ଣ୍ଣ ଏବଂ ସୀମାର ପ୍ରାଚୀରକୁ ଭାଙ୍ଗି ସମସ୍ତଙ୍କୁ ଆପଣେଇ ନେବାର ଏକ ଅଲୌକିକ ମାଧ୍ୟମ, ଯେଉଁଠାରେ ବଡଦେଉଳର ଅନ୍ଧାରୁଆ ଗର୍ଭଗୃହରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ରତ୍ନବେଦୀ ଛାଡି ପତିତପାବନ ରୂପରେ ଜନସାଧାରଣଙ୍କ ମଧ୍ୟକୁ ଓହ୍ଲାଇ ଆସନ୍ତି । ଏହି ମହାଯାତ୍ରାର ସବୁଠାରୁ ବଡ ବିଶେଷତ୍ୱ ହେଉଛି ଏହାର ଗଣତାନ୍ତ୍ରୀକ ଏବଂ ସାର୍ବଜନୀନ ସ୍ୱରୁପ, କାରଣ ଯେଉଁମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରନ୍ତି ନାହିଁ, ସେହି ଦୀନ, ଦୁଃଖୀ, ନିଷ୍ପେଷିତ ଓ ପତିତ ମାନଙ୍କୁ ଉଦ୍ଧାର କରିବା ପାଇଁ ଜଗତର ନାଥ ନିଜେ ବଡଦାଣ୍ଡକୁ ଆସିଥାନ୍ତି, ଯାହା ଜଗନ୍ନାଥ ସଂସ୍କୃତିର ସମାନତା ଓ ମାନବବାଦର ଶ୍ରେଷ୍ଠ ନିଦର୍ଶନ ଅଟେ । ଓଡିଶାର ଇତିହାସ, ପରମ୍ପରା, କଳା, ସ୍ଥାପତ୍ୟ ଏବଂ ସଙ୍ଗୀତ ସବୁକିଛି ଏହି ରଥଯାତ୍ରା ଚାରିପାଖରେ ଆବର୍ତ୍ତିତ ହୋଇଥାଏ, ଯାହା ପ୍ରତିଟି ଓଡିଆର ରକ୍ତ କଣିକାରେ ସ୍ପନ୍ଦିତ ହୁଏ । ରଥଯାତ୍ରାର ପ୍ରସ୍ତୁତି ପବିତ୍ର ଅକ୍ଷୟ ତୃତୀୟ ତିଥିରୁ ରଥ ଅନୁକୂଳ ସହିତ ଆରମ୍ଭ ହୋଇଥାଏ, ଯେଉଁଠାରେ ବଂଶାନୁକ୍ରମିକ ଭାବେ ଶ୍ରୀମନ୍ଦିରର ବିଶ୍ୱକର୍ମା ମହାରଣା, କରତିଆ, ଭୋଇ ଏବଂ ରୂପକାର ସେବକମାନେ କୌଣସି ଆଧୁନିକ ଯନ୍ତ୍ରପାତି କିମ୍ବା ବ୍ଲୁ-ପ୍ରିଂଟ ବିନା କେବଳ ନିଜର ପାରମ୍ପରିକ ପଦ୍ଧତି ଓ ଦୁଇ ହାତର ଯାଦୁରେ ତିନୋଟି ବିଶାଳକାୟ ରଥ- ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ-ନିର୍ମାଣ କରିଥାନ୍ତି, ଯାହା ଓଡିଆ କାରିଗରୀ କଳାର ସର୍ବଶ୍ରେଷ୍ଠ ପ୍ରମାଣ ଏବଂ ଆମର ଯୁବପିଢି ପାଇଁ ଏକ ଅଦ୍ଭୁତ ଶିକ୍ଷଣୀୟ କଳା ଅଟେ । ରଥଯାତ୍ରାର ପୂର୍ବରୁ ଅନୁଷ୍ଠିତ ଦେବସ୍ନାନ ପୂର୍ଣ୍ଣିମା, ଅଣସର ଘରର ରହସ୍ୟମୟ ଉପଚାର ଏବଂ ନବଯୌବନ ଦର୍ଶନ ପରେ ଯେତେବେଳେ ଶ୍ରୀବିଗ୍ରହମାନଙ୍କର ଧାଡି ପହଣ୍ଡି ଆରମ୍ଭ ହୁଏ, ସେତେବେଳେ ଘଂଟ, କାହାଳୀ, ମର୍ଦ୍ଦଳରେ



**ଓଡ଼ିଶାର ସାଂସ୍କୃତିକ ଗୌରବ ଏବଂ ବିଶ୍ୱଭାତୃତ୍ୱର ଅନନ୍ୟ ପ୍ରତୀକ**

ତାଳେ ତାଳେ ଓ ହରିବୋଲ ଏବଂ ହୁଳହୁଳି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ, ଯାହା ଭକ୍ତ ଭଗବାନଙ୍କ ମଧ୍ୟରେ ଥିବା ନିବିଡ ସମ୍ପର୍କର ପରିପ୍ରକାଶ କରେ । ଏହା ପରେ ଗଜପତି ମହାରାଜାଙ୍କର ଦ୍ୱାରା ଅନୁଷ୍ଠିତ ହେଉଥିବା 'ଛେରା ପହଁରା' ନୀତି ଏକ ଶ୍ରେଷ୍ଠ ସାମାଜିକ ବାର୍ତ୍ତା ବହନ କରେ, ଯେଉଁଠାରେ ରାଜ୍ୟର ସର୍ବୋଚ୍ଚ ଶାସକ ବା ରାଜା ନିଜକୁ ମହାପ୍ରଭୁଙ୍କର ଆଦ୍ୟ ସେବକ ଭାବରେ ସ୍ୱୀକାର କରି ରଥ ଉପରେ ସୁନା ଝାଡୁରେ ସମ୍ମାର୍ଜନୀ କରନ୍ତି, ଯାହା ପ୍ରମାଣିତ କରେ ଯେ ଈଶ୍ୱରଙ୍କ ଦରବାରରେ କେହି ବଡ କିମ୍ବା ସାନ ନୁହଁନ୍ତି ଏବଂ ଅହଂକାର ଶୂନ୍ୟ ହେବା ହିଁ ମାନବ ଜୀବନର ପରମ ଲକ୍ଷ୍ୟ ଅଟେ । ଯେତେବେଳେ ଲକ୍ଷ ଲକ୍ଷ ଭକ୍ତଙ୍କ ହାତ ରଥର ଦଉଡିକୁ ସ୍ପର୍ଶ କରେ ଏବଂ ରଥ ବଡଦାଣ୍ଡରେ ଗଡିବାକୁ ଆରମ୍ଭ କରେ, ସେତେବେଳେ ଜାତିର ସମସ୍ତ ବିଭେଦତା ଧୋଇଯାଏ ଓ କେବଳ ଆଧ୍ୟାତ୍ମିକତାର ଏକ ମହାସ୍ରୋତ ପ୍ରବାହିତ ହୁଏ । ଶ୍ରୀଗୁଣ୍ଡିଚା ମନ୍ଦିର ବା ମାଉସୀ ମା' ମନ୍ଦିରକୁ ଯାତ୍ରା କରି ମହାପ୍ରଭୁ ନଅ ଦିନ ପର୍ଯ୍ୟନ୍ତ ସେଠାରେ ରହନ୍ତି, ଯେଉଁଠାରେ ପୋଡପିଠା ଭୋଗର ପରମ୍ପରା ଆମର ପାରିବାରିବ ସ୍ନେହ ଓ ଅତିଥେୟତାର ପ୍ରତୀକ ଅଟେ । ବର୍ତ୍ତମାନର ଆଧୁନିକ ଯୁଗରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରସାର ଆମ ସାଂସ୍କୃତିକ ପର୍ଯ୍ୟଟନ ଓ ଅର୍ଥନୀତିକୁ ସମୃଦ୍ଧ କରିଛି, ମାତ୍ର ଏହା ସହିତ ଏହାର ମୂଳକ ଭାବଧାରା ଓ ପରମ୍ପରାର ଶୁଦ୍ଧତା ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଅଟେ । ଆଜି ବିଶ୍ୱର ବିଭିନ୍ନ ପ୍ରାନ୍ତରେ, ଆମେରିକାରୁ ଆରମ୍ଭ କରି ୟୁରୋପ, ଅଷ୍ଟ୍ରେଲିଆ ଓ ଏସିଆର ଅନେକ ଦେଶରେ ରଥଯାତ୍ରା ଅତି ଧୁମ୍‌ଧାମରେ ପାଳିତ ହେଉଛି, ଯାହା ଓଡିଶାର ଗୌରବକୁ ବିଶ୍ୱ ଦରବାରରେ ଶୀର୍ଷରେ ପହଂଚାଇଛି । ଏହି ଗଣପର୍ବର ଆମକୁ ସାମାଜିକ ସଂହତି, ପରିବେଶ ସୁରକ୍ଷା ଏବଂ ସମଗ୍ର ବିଶ୍ୱକୁ ଏକ ପରିବାର ଭାବେ ଗ୍ରହଣ କରିବାର (ବସୁଧୈବ କୁଟୁମ୍ବକମ୍) ଯେଉଁ ପ୍ରେରଣା ମିଳେ ତାହା ଆଜିର ଯୁଦ୍ଧଖୋର ଓ ବିଭାଜିତ ପୃଥିବୀ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ । ଆମେ ଏହା ଦୃଢ ଭାବରେ ଅନୁଭବ କରୁଛୁ ଯେ ରଥଯାତ୍ରା କେବଳ ଦିନକର ଉତ୍ସବ ନୁହେଁ, ବରଂ ଏହା ଓଡିଆ ଜୀବନଶୈଳୀର ଏକ ଚିରନ୍ତନ ଦର୍ଶନ, ଯାହା ଆମକୁ ସମସ୍ତଙ୍କ ସୁଖ ଓ ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ଶିକ୍ଷା ଦିଏ । ଆସନ୍ତୁ ଏହି ମହାଯାତ୍ରାର ପବିତ୍ର ଅବସରରେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ଯେ ସାରା ବିଶ୍ୱରେ ଶାନ୍ତି, ସମୃଦ୍ଧି ଓ ସଦ୍‌ଭାବନା ପ୍ରତିଷ୍ଠା ହେଉ ଏବଂ ଆମର ଏହି ପ୍ରିୟ ଓଡିଶା ମହାପ୍ରଭୁଙ୍କ କୃପାରୁ ପ୍ରଗତିର ଏକ ନୂଆ ଶିଖର ଛୁଇଁପାରୁ । ଜୟ ଜଗନ୍ନାଥ ! ଏହି ପରିପ୍ରେକ୍ଷୀରେ, ଯଦି ଆମେ ରଥଯାତ୍ରାର ସେହି ପାରମ୍ପରିକ ଓ ବାସ୍ତବବାଦୀ ଦିଗକୁ ଅତିନିଖୁଣ ଭାବରେ ଅନୁଧାନ କରିବା, ତେବେ ଜଣାପଡେ ଯେ ଏହି ମହାପର୍ବ କେବଳ ଭକ୍ତି ଭାବନାରେ ସୀମିତ ନୁହେଁ, ବରଂ ଏହା ଶତାବ୍ଦୀ ଧରି ଚାଲିଆସୁଥିବା ଏକ ଜୀବନ୍ତ ଇତିହାସ, ସମାଜ ବିଜ୍ଞାନ ଓ କଠୋର ନିୟମାନୁବର୍ତ୍ତିତାରେ ବାସ୍ତବ ପ୍ରତିଫଳନ ଅଟେ । ରଥଯାତ୍ରାର ପ୍ରତିଟି ରୀତିନୀତି ପଛରେ ରହିଛି ଓଡିଶାର ମୂଳ ମାଟିର ବାସ୍ନା ଏବଂ ପ୍ରକୃତି ସହିତ ମାନବର ନିବିଡ ସମ୍ପର୍କ, ଯାହା କୌଣସି କାଳ୍ପନିକ ଆଡମ୍ବର ଉପରେ ଆଧାରିତ ନୁହେଁ । ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ, ଶ୍ରୀମନ୍ଦିରର ଛତିଶା ନିଯୋଗ ଓ ସେବାୟତମାନଙ୍କର ଶୃଙ୍ଖଳିତ କାର୍ଯ୍ୟଶୈଳୀ ଏହି ବିଶାଳ ଯାତ୍ରାକୁ ବାସ୍ତବ ରୂପ ଦେଇଥାଏ, ଯେଉଁଥିରେ ପ୍ରତିଟି ସେବକ ନିଜ ପରିବାରର ସୁଖଦୁଃଖକୁ ପଛରେ ପକାଇ ମହାପ୍ରଭୁଙ୍କ ସେବାକୁ ହିଁ ଜୀବନର ପରମ ବ୍ରତ ଭାବେ ଗ୍ରହଣ କରିଥାନ୍ତି । ରଥ ନିର୍ମାଣ ପାଇଁ ବ୍ୟବହୃତ ହେଉଥିବା ଧଉଡା, ଫାସୀ, ଅସନ ଓ ଶାଳ ଗଛର କାଠ ଚୟନ ଠାରୁ ଆରମ୍ଭ କରି ଜଙ୍ଗଲ ସୁରକ୍ଷା ପାଇଁ ପ୍ରଣୀତ ହୋଇଥିବା ପାରମ୍ପରିକ ଶ୍ରୀଜଗନ୍ନାଥ ବନପ୍ରକଳ୍ପ ଆମ ପୂର୍ବପୁରୁଷଙ୍କ ପରିବେଶ ସନ୍ତୁଳନ ରକ୍ଷା କରିବାର ବାସ୍ତବ ଦୂରଦୃଷ୍ଟିକୁ ଦର୍ଶାଇଥାଏ । ସେହିପରି ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ପବିତ୍ର ମହାପ୍ରଭୁଙ୍କ ପବିତ୍ର ଅଣସର ସମୟରେ ପ୍ରଦାନ କରାଯାଉଥିବା ଦଶମୂଳ ମୋଦକ, ଫୁଲୁରୀ ତେଲ ଓ ପ୍ରାକୃତିକ ଜଡିବୁଟିର ଚିକିତ୍ସା ଏକ ସମ୍ପୂର୍ଣ୍ଣ ଆର୍ଯ୍ୟୁର୍ବୈଦିକ ତଥା ବୈଜ୍ଞାନିକ ପ୍ରଣାଳୀ ଅଟେ, ଯାହା ମାନବ ଶରୀରର ଋତୁ ପରିବର୍ତ୍ତନ ଜନିତ ଅସୁସ୍ଥତାକୁ ବାସ୍ତବ ଜୀବନରେ ପ୍ରତିଫଳିତ କରିଥାଏ । ବଡଦାଣ୍ଡରେ ଯେତେବେଳେ ପ୍ରବଳ ଗ୍ରୀଷ୍ମ କିମ୍ବା ବର୍ଷା ସତ୍ତ୍ୱେ ଲକ୍ଷ ଲକ୍ଷ ସାଧାରଣ ଜନତା ବିନା କୌଣସି ସାମାଜିକ ପ୍ରଭେଦରେ ରଥ ଦଉଡିକୁ ଟାଣନ୍ତି, ସେତେବେଳେ ଓଡିଶାର ସେହି ପାରମ୍ପରିକ ଗ୍ରାମୀଣ ଭାତୃଭାବ ଓ ଆତ୍ମିକ ସମ୍ପର୍କର ପ୍ରକୃତ ସ୍ୱରୁପ ଦେଖିବାକୁ ମିଳିଥାଏ, ଯେଉଁଠାରେ ଧନୀ-ଦରିଦ୍ର, ରାଜା-ପ୍ରଜା ସମସ୍ତେ ଧୂଳିମାଟିରେ ଏକାକାର ହୋଇଯାନ୍ତି । ତା' ସହିତ ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ ଅର୍ପଣ କରାଯାଉଥିବା ପୋଡପିଠା କେବଳ ଏକ ଭୋଗ ନୁହେଁ, ବରଂ ଓଡିଆ ଘରର ପାରମ୍ପରିକ ଖାଦ୍ୟ ସଂସ୍କୃତିର ସୁଆଦକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାର ଏକ ବାସ୍ତବ ମାଧ୍ୟମ ଅଟେ । ତେବେ ସମୟ ବଦଳିବା ସହିତ ଆଜିର ବାସ୍ତବତା ହେଉଛି, ପାରମ୍ପରିକ ଜ୍ଞାନକୌଶଳ ଓ ଆଧୁନିକ ଗଣମାଧ୍ୟମର ପ୍ରସାର ଭିତରେ ରଥଯାତ୍ରାର ସେହି ମୂଳ ଶୁଦ୍ଧତା ଓ ସେବାୟତ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ଏକ ବଡ ଦାୟିତ୍ୱ ହୋଇପଡିଛି । ରାଜ୍ୟର ନବୀନ ପିଢି କିଭଳି ଭାବେ ରଥ ନିର୍ମାଣର ପାରମ୍ପରିକ ଶିଳ୍ପକଳା, ଗୀତଗୋବିନ୍ଦ ଗାନ ଏବଂ ଓଡିଶୀ ସଂସ୍କୃତିର ଏହି ବାସ୍ତବ ମୂଲ୍ୟବୋଧକୁ ଶିଖିବେ ଓ ବଂଚାଇ ରଖିବେ, ତାହା ହିଁ ଆଜିର ସମୟର ସବୁଠାରୁ ବଡ ଆବଶ୍ୟକତା ଅଟେ । ତେଣୁ ରଥଯାତ୍ରା କେବଳ ଧାର୍ମିକ ଭାବପ୍ରବଣତାର ପର୍ବ ନୁହେଁ, ବରଂ ଓଡିଆ ଜାତିର ସାମାଜିକ ଶୃଙ୍ଖଳା, ପାରମ୍ପରିକ ବିଜ୍ଞାନ ଓ ବାସ୍ତବ ଜୀବନ ବଂଚିବାର ଏକ ମହାନ କଳା ଅଟେ, ଯାହା ଯୁଗେ ଯୁଗେ ପ୍ରତିଟି ଓଡିଆଙ୍କୁ ନିଜ ମାଟି ଓ ପରମ୍ପରା ସହିତ ଦୃଢ ଭାବରେ ଯୋଡି ରଖିବାରେ ସଫଳ ହୋଇଛି ।

◆ *ସୌଭାଗ୍ୟ ରଂଜନ ମହାନ୍ତି*

# ରଥ ଭୋଗ



ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କର ଲୀଳା ବଡ଼ ବିଚିତ୍ର । ଶ୍ରୀମନ୍ଦିରରେ ଥିବାବେଳେ ପ୍ରତିଦିନ ଷାଠିଏ ପଉଟି ଭୋଗ ଯେଉଁ ଠାକୁରଙ୍କ ପାଖରେ ଲାଗି କରାଯାଉ ଥିଲା ଘୋଷଯାତ୍ରା ବେଳେ ତାଙ୍କ ପାଖରେକେବଳ ଶୁଖିଲା ଭୋଗ ଅର୍ପଣ କରାଯିବ । ରଥ ଉପରେ ତିନିଠାକୁର ଅବସ୍ଥାନ ସମୟରେ ଅନ୍ନଭୋଗ ନହୋଇ କେବଳ ଶୁଖିଲା ଭୋଗ ହେବାର ବିଧି ରହିଛି । ଗୋପାଳବଲ୍ଲଭଠାରୁ ଆରମ୍ଭ କରି ସମସ୍ତ ଧୂପ ଯଥା- ସକାଳ, ମଧ୍ୟାହ୍ନ, ସନ୍ଧ୍ୟା ଓ ବଡ଼ସିଂହାର ଧୂପରେ ମୁଖ୍ୟତଃ ବଲ୍ଲଭ ଖଇ, କୋରା, ଶର୍କରା ଜାତୀୟ ଦ୍ରବ୍ୟ ଭୋଗ ହୁଏ । ସ୍ୱତନ୍ତ୍ର ଆକାରର ରଥ କୋରା ଶ୍ରୀମନ୍ଦିରରେ ତିଆରି ହୋଇ ବଡ଼ ଦାଣ୍ଡରେ ରଥ ଯେଉଁ ସ୍ଥାନରେ ରହି ନୀତି ଆରମ୍ଭ ହୋଇଥାଏ ସେଠାରେ ଏହି ଭୋଗ କରାଯାଏ । ମହାସୁଆର ମାନେ ଭୋଗ ଆଣି ରଥ ଉପରେ ପନ୍ତିରେ ବାଢ଼ନ୍ତି । ପୂଜାପଣ୍ଡା ପଂଚୋପଚାରରେ ଏହି ଧୂପ ପୂଜା ସମାପନ କରନ୍ତି ।

***ମଠସେବା:*** ରଥଯାତ୍ରା ଉତ୍ସବ ଅବସରରେ ପୁରୀର ବିଭିନ୍ନ ମଠ ତରଫରୁ ଭିନ୍ନ ଭିନ୍ନ ଦ୍ରବ୍ୟ ଯୋଗାଣ, ପନ୍ତି ଭୋଗ, ମଠାଧୀଶମାନଙ୍କ ଉପଚାର, ଚାମର ଓ ଆଲଟ ସେବା କରିବା ବିଷୟ ନିର୍ଦ୍ଧାରିତ ଅଛି । ଯେଉଁ ମଠର ମହନ୍ତମାନେ ଏହି ପ୍ରକାରର ସେବା ପାଇଛନ୍ତି ତନ୍ମଧ୍ୟରେ ଅଛନ୍ତି ବଡ଼ ଓଡ଼ିଆ, ପାପୁଡ଼ିଆ, ଚାଉଳିଆ, ରାଧାକାନ୍ତ, ଗଙ୍ଗାମାତା, ଜଗନ୍ନାଥ ବଲ୍ଲଭ, ରେବସା, ଏମାର, ଛାଉଣୀ, ତ୍ରିମାଳୀ, ରାଧାବଲ୍ଲଭ, ରାମଜୀ, ସାନଛତା, ଭେଙ୍କଟାଚାରୀ, ନୂଆମଠ, ବଳରାମକୋଟ, ଶ୍ରୀରାମଦାସ, ରାଘବ ଦାସ ଇତ୍ୟାଦି ମଠ ଅନ୍ତର୍ଭୁକ୍ତ ।

## ସାଇବାଣୀ




✦ ସତ୍‌ସଙ୍ଗ ମହିମା ହେଉଛି- ଦୁଃଖ ଦୂର କରେ, ପାପ ନାଶକରେ ଏବଂ ଜୀବନକୁ ସତ୍ ପଥରେ ଚଳାଏ ।

✦ କର୍ମହୀନ ବ୍ୟକ୍ତି କିଛି ପାଏ ନାହିଁ ।

✦ ବ୍ୟର୍ଥ ସମୟ ନଷ୍ଟ କର ନାହିଁ, ଅଳସୁଆ ହୁଅ ନାହିଁ, କାମ କର, ପ୍ରଭୁଙ୍କ ନାମ କର ଓ ଶାସ୍ତ୍ର ଅଧ୍ୟୟନ କର ।

✦ କର୍ମହୀନ ବ୍ୟକ୍ତି କିଛି ପାଏ ନାହିଁ ।

✦ ବ୍ୟର୍ଥ ସମୟ ନଷ୍ଟ କର ନାହିଁ, ଅଳସୁଆ ହୁଅ ନାହିଁ, କାମ, କର, ପ୍ରଭୁଙ୍କ ନାମ କର ଓ ଶାସ୍ତ୍ର ଅଧ୍ୟୟନ କର ।

✦ ପୂର୍ବ ଜନ୍ମର ଫଳ ଭୋଗ ନିମନ୍ତେ ମନୁଷ୍ୟ ଜନ୍ମ ନେଇଥାଏ

✦ ପ୍ରାରବ୍ଧ କର୍ମର ଫଳ ଭୋଗିବା ପରେ ହିଁ ମନୁଷ୍ୟ ମୁକ୍ତି ପାଇଥାଏ ।

✦ ସୁଖୀ ହେବାକୁ ହେଲେ ସମସ୍ତ କର୍ମ ନିଷ୍କାମ ଭାବରେ କରି ସ୍ୱଇଛାରେ, ଭକ୍ତି ସହକାରେ ସବୁକିଛି ଭଗବାନଙ୍କ ଉପରେ ଛାଡ଼ିଦେବା ଉଚିତ ।

✦ ମୁକ୍ତି କେବଳ ଭଗବାନଙ୍କ ହାତରେ ଓ ଗୁରୁଙ୍କ ଚରଣରେ ରହିଥାଏ ।

✦ ଗୁରୁ ଏହି ଏକ ଶବ୍ଦର ଉଚ୍ଚାରଣ କୋଟିଏ କର୍ମକୁ ନଷ୍ଟ କରିଥାଏ ।

✦ ଦୀନ ଦୁଃଖୀମାନଙ୍କ ନିମନ୍ତେ ସହାନୁଭୂତି ଭାବ ରଖ, ତାକୁ କଷ୍ଟ ଦିଅ ନାହିଁ ଏବଂ ତାକୁ ଘୃଣା କର ନାହିଁ ।

✦ ସର୍ବଦା ଚିନ୍ତାକର, ମୁଁ କିଏ ?

✦ ଯଶ- ଅପଯଶ, ହାନୀ- ଲାଭ, ଜନ୍ମ-ମୃତ୍ୟୁ ଏସବୁ ଭଗବାନଙ୍କ ଲୀଳା ଅଟେ ।

✦ ସୁଖ ଓ ଦୁଃଖ କେବଳ ବ୍ୟକ୍ତିଗତ ମୂଲ୍ୟାଙ୍କନ ଅଟେ- ଭ୍ରମମାତ୍ର ଅଟେ ଏବଂ ବିନାଶ କରେ

## ଦିଗ୍‌ଦର୍ଶନ

◆ ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ

ଶ୍ରୀ ଶ୍ରୀ ଠାକୁର ପ୍ରାତଃରେ ବଡ଼ାଲ ବାଂଲାର ବାରଣ୍ଡାରେ ତକ୍ତପୋଷ ଉପରେ ବିଛଣାରେ ବସିଛନ୍ତି । ଆକାଶରେ ମେଘ ଅଛି । ଶ୍ରୀ ଶ୍ରୀ ଠାକୁର ଥରେ ସେଇ ଆଡ଼କୁ ଅନାଇ ଦେଖିଲେ । କେଷ୍ଟଦା ଆଉ ଛୋଟଦା ଆସିଲେ । ଶ୍ରୀ ଶ୍ରୀ ଠାକୁର ଖୁସି ମନରେ ସେମାନଙ୍କ ସହିତ କଥା କହିବାକୁ ଲାଗିଲେ । କଥା ପ୍ରସଙ୍ଗରେ କହିଲେ - କାର୍ଯ୍ୟ କରିବା ବାଟରେ ଅନେକ ନିନ୍ଦା, ମନ୍ଦ, ସମାଲୋଚନା ଇତ୍ୟାଦି ଆସେ । ସେହି ଦିଗକୁ ଭୃକ୍ଷେପ କରିବା ଅନୁଚିତ । ଇଷ୍ଟପ୍ରତି ନିଷ୍ଠା ନେଇ କରଣୀୟ ଯାହା ନିଖୁଣ ଭାବେ କରି ଯିବାକୁ ହୁଏ ପରିବେଶର ସହିତ ଶୁଭ ସଙ୍ଗତି ନେଇ । ଆତ୍ମ ବିଶ୍ଳେଷଣ କରିବାକୁ ହୁଏ, ନିଜର ଭୁଲ ତ୍ରୁଟି ଯେଉଁ ଗୁଡିକ ଅଛି, ସେ ଗୁଡ଼ିକୁ କ୍ରମାଗତ ସୁଧାରି ଚାଲିବାକୁ ହୁଏ । କାହାରି ବି ଅହଂକୁ ଅଯଥା ଆଘାତ କରିବା ଉଚିତ ନୁହେଁ । ମଣିଷର ଦୋଷ ତ୍ରୁଟି ଦିନ କରେ ଯାଏନି, ସେ ସମ୍ବନ୍ଧରେ କଠୋର ହେବା ଠିକ ନୁହେଁ । ସହନ-ବହନ କରି ଭଲ ପାଇ ପ୍ରତ୍ୟେକଙ୍କୁ ଆତ୍ମ-ସଂଶୋଧନରେ ପ୍ରବୁଦ୍ଧ କରି ତୋଳିବାକୁ ହୁଏ । ତେବେ ନିଜ ପ୍ରତି କଠୋର ନିରୀଖ ଠିକ୍ ରଖି ଚଳିବାକୁ ହୁଏ । ଅମୁକ କଣ ଗୋଟେ କଥା କରିଲା, ତମୁକ ଜଣ ଗୋଟେ କଥା କରିଲା - ତାହାଦ୍ୱାରା ରଙ୍ଗିଲ ହେଲେ କାମ କରିବା ମୁସ୍କିଲ । ମୁଁ ସମସ୍ତଙ୍କର କଥା ଶୁଣେ, କିନ୍ତୁ କାହାରି ମଧ୍ୟ କଥାରେ ରଙ୍ଗିଲ ହୁଏ ନାହିଁ ବରଂ ଭୁଲ ଥିଲେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରେ । ଅପରର



ସମ୍ବନ୍ଧରେ ଦୋଷ ଦୃଷ୍ଟି ରଖିବା ଭଲ ନୁହେଁ । ତହିଁରେ ଚଲାପଥରେ ଅଯଥା ଗୋଟେ ଅନ୍ତରାୟ ସୃଷ୍ଟ କରାହୁଏ । ନିଜର ବି ଲାଭ ହୁଏନି । ଅନ୍ୟର ମଧ୍ୟ ଭଲ ହୁଏନି । ଦୋଷ ଦୃଷ୍ଟି ଓ ନିନ୍ଦାର ପ୍ରବୃ□ ଗୋଟେ ବାସ୍ତବ ଅବଗୁଣ । ମୁଁ କୁହେ ଅନ୍ୟର ସମାଲୋଚନା ଦ୍ୱାରା କାମ କଣ ? ତୁମେ ନିଜ ଇଷ୍ଟଙ୍କ ପଥରେ ଅଟୁଟ ହୋଇଚାଲ ଏବଂ ଅନ୍ୟକୁ ମଧ୍ୟ ସେଇ ପଥରେ ଚାଲିବାକୁ ସାହାଯ୍ୟ କର । ତାହାଦ୍ୱାରା ହେବ ତୁମର କ୍ଷମତାର ବିଚାର । ପରିବେଶ ଯଦି ଖରାପ ବି ହୁଏ ସେଠାରେ ତୁମର କରଣୀୟ ହେଉଛି ନିଜର ଦୃଷ୍ଟାନ୍ତ ଦେଇ, ଚେଷ୍ଟା ଦେଇ, ଭଲ ପାଇବା ଦେଇ, ସେମାନଙ୍କୁ ନିୟନ୍ତ୍ରଣ କରି ତୋଳିବା । ଏହା କରିଲେ ହିଁ ମଣିଷ ସପରିବେଶ ଅଗ୍ରସର ହୋଇ ଉଠେ । ଶୁଣିଛି, ବୁଦ୍ଧଦେବଙ୍କୁ ସୁଜାତା ହାତରୁ କ୍ଷିରୀ ଖାଇବାର ଦେଖି ତାଙ୍କ ପା□ଜଣ ଶିଷ୍ୟ ତାଙ୍କ ଉପରେ ରାଗିଗଲେ । ସେମାନଙ୍କର ମନରେ ସନ୍ଦେହ ଆସିଲା ଏବଂ ସେମାନେ ତାଙ୍କୁ ଛାଡ଼ି ଚାଲିଗଲେ । ବୁଦ୍ଧଦେବଙ୍କୁ ଏତେ ଘନଷ୍ଠ ଭାବରେ ଜାଣିବା ସ□ େ ମଧ୍ୟ ଯେଉଁମାନଙ୍କର ତାଙ୍କ ଉପରେ ସନ୍ଦେହ ଆସିଲା, ବୁଝି ଦେଖ, ସେମାନେ କିପରି ମେକ୍‌ଦାର (କୃତ୍ରିମ, ନକଲି) ଲୋକ । ବୁଦ୍ଧଦେବ କିନ୍ତୁ ଏହା ଦେଖି ନିରାଶ ହେଲେନି । ସେ ସାରନାଥ ଯାଇ ତାଙ୍କୁ ଧରିଲେ ଏବଂ ତାଙ୍କ ଆଡ଼କୁ ହିଁ ପ୍ରବୃଦ୍ଧ କରି ସେମାନଙ୍କ ଦ୍ୱାରା କେତେ କାମ କରାଇଲେ । ମଣିଷ ପଛରେ ଏହି ପ୍ରକାରରେ ଲାଗି ରହିବାକୁ ହୁଏ । ବଡ଼ଖୋକା ଆଉ ମଣିର ଏହି ପ୍ରକାରର ଗୁଣ ଅଛି । କାଜଲ ମଧ୍ୟ ବେଶ ପାରେ । ଜଣେ ଲୋକ ତାକୁ ଖୁବ୍ ଘୃଣା କରୁଥାଏ । ତାହା ସେ କେଉଁ ଭାବରେ ସହଜ ଜ୍ଞାନରେ ଯେପରି ବୁଝିଥିଲା; କିପରି ଭାବରେ ତା ସହିତ ମିଶୁଥିଲା, ତାକୁ ଆମ୍ବ ସହିତ ଏଇଟା ସେଇଟା ଖାଇବାକୁ ଦିଏ, ପାଚିଲା ବାଳ ଉପାଡି ଦିଏ । ସେ ଯେତେ ଆପ୍ୟାୟିତ କରୁଥାଏ, ସେ ସେତେ ଲଜ୍ଜା ଭୟରେ ସଂକୁଚିତ ହୋଇ ଯାଉଥାଏ । ଏହି ଭାବରେ ତାକୁ ଧୀରେ ଧୀରେ କବ୍‌ଜାରେ ଆଣି ପାରିଥିଲା । ଏହାପରେ ଦେଶର ବ□ମାନ ଅବସ୍ଥା ସମ୍ବନ୍ଧରେ କଥା ଉଠିଲା । ଶ୍ରୀ ଶ୍ରୀ ଠାକୁର କହିଲେ - ପରମପିତାଙ୍କ ଇଛା ପୂରଣ ପାଇଁ ଯଦି ମଣିଷ ଅର୍ଥ ଓ ସମ୍ପଦ ବିପୁଳ ଭାବରେ ସଂହତ କରି ତୋଳିପାର ତେବେ ତା' ମାଧ୍ୟମରେ ସାରା ଦେଶକୁ ଏକ ଅଙ୍ଗ କରି ତୋଳିବା ଶକ୍ତ କଠିନ ହେବନି । ଗୋଟେ ଭାଗବତ ଐକ୍ୟବିଧାୟନୀ ମ□ ସୃଷ୍ଟି କରିବା ଛଡ଼ା ବାଟ ନାହିଁ । ଆପଣ ମାନଙ୍କର ଏଇ ଯେଉଁ ମ□ ଏଥିରେ କାହାରି ମଧ୍ୟ ସ□ା ପୋଷଣୀ ସ୍ୱାର୍ଥ ଓ ବୈଶିଷ୍ଟ୍ୟ କ୍ଷୁର୍ଣ୍ଣ ହେବାର ନାହିଁ । ମଣିଷକୁ ମାରିବାକୁ ଶିଖାଇବା ବା ମରିବାକୁ ଶିଖାଇବାରେ ଲାଭ ନାହିଁ । ମଣିଷକୁ ଶିଖାଇବାକୁ ହେବ, ସେ ଯେପରି ବ□ିପାରେ ଏବଂ ତାର ପରିପନ୍ଥୀ ଯାହା ତାକୁ ବୀରତ୍ୱର ସହିତ ପ୍ରତିରୋଧ କରିପାରେ । ଏହି ଜୀବନୀୟ ଶିକ୍ଷା ହିଁ ଧର୍ମ । ଧର୍ମର ବ୍ୟତ୍ୟୟ ଯେଉଁଠି ଯାହା ହୋଇଛି ତାହା ଅପସାରଣ କରି ପ୍ରକୃତ ଧର୍ମର ପ୍ରତିଷ୍ଠା କରିବାକୁ ହେବ ଏବଂ ତାହା ସବୁ ସମ୍ପ୍ରଦାୟ ମଧ୍ୟରେ, ସବୁ ଦେଶ ମଧ୍ୟରେ, ସବୁ ଜାତି ମଧ୍ୟରେ । ଆଗ ଭାରତ ଭିତରେ ଏହି ଜିନିଷଟାର ରୂପ ଦେବାକୁ ହେବ, ତାପରେ ସାରା ଜଗତରେ ତାହା ଖେଳାଇ ଦେବାକୁ ହେବ ।

*ବିଭାଗୀୟ ମୁଖ୍ୟ, ପିଆରଏମ୍ ମେଡ଼ିକାଲ କଲେଜ, ବାରିପଦା, : ୯୩୩୮୧୦୦୮୩୭*

## ଶୁଦ୍ଧ ଭାବନା

◆ ବିନୟ କୁମାର ଦାସ



ମଣିଷ ସବୁବେଳେ ତା ଭାବନା ଆଉ କ୍ରିୟା ଅନୁସାରେ ଭବିଷ୍ୟତରେ ଫଳ ପ୍ରାପ୍ତି ହୋଇ ଥାଏ । ଯଦିଓ ଏହା ଶତ ପ୍ରତିଶତ ସତ, ତଥାପି ମଣିଷ ଏହା ଉପରେ ସେତେ ଗୁରୁତ୍ୱ ପ୍ରଦାନ କରି ନଥାଏ ॥ ଭାବନା ଶୁଦ୍ଧ ହେଲେ ଫଳ ମଧ୍ୟ ଶୁଦ୍ଧ ହୋଇଥାଏ । ପକ୍ଷାନ୍ତରେ ଫଳ ଠିକ୍ ବୀପରିତ ହେବା ସ୍ୱାଭାବିକ । ଯେଉଁମାନେ ନିଜର ପ୍ରଚାର ପ୍ରସାର ପାଇଁ ଗରିବଙ୍କୁ କିଛି ଦାନ କରୁଥାନ୍ତି , ସେମାନେ ଯେ ସତକୁ ସତ ଭଗବତ୍ କୃପାରୁ ବଂଚିତ ହୁଅନ୍ତି, ସେତକ ସେମାନେ ବୁଝି ପାରନ୍ତି ନାହିଁ । କିନ୍ତୁ ଯେଉଁମାନେ ସତ୍ ପଥରେ ଅର୍ଜିତ ଧନକୁ ଗରିବ ଅସହାୟ ପାଇଁ ଦାନ କରୁଥାନ୍ତି, ସେମାନେ ଈଶ୍ୱରଙ୍କ ନିକଟତର ହୋଇଯାନ୍ତି । ଜଣେ ପୂରୋହିତ ଖବର ପାଇଲେ ଯେ ତିନି ବର୍ଷ ଧରି ବେଲପତ୍ରରେ ଯଜ୍ଞ ଆଉ ହୋମାଦି କଲେ ତିନୋଟି ସୁବର୍ଣ୍ଣ ପରେ ଲୋକଟି ତିନୋଟି ସୁବର୍ଣ୍ଣ ବେଲ ପାଇଗଲା । ଅନ୍ୟ ପକ୍ଷରେ ପୂରୋହିତଙ୍କ ପୂଜାପାଠ ସେମିତି ଚାଲୁ ରହିଥିଲା । ଲୋକଟି କୃତଜ୍ଞତା ଜଣାଇବା ସକାଶେ ପୂରୋହିତଙ୍କୁ ସାକ୍ଷାତ କଲା । କହିଲା , ଆପଣଙ୍କ ଦୟା ଆଉ ପରାମର୍ଶ ଯୋଗୁଁ ମୋତେ ତିନିଟି ସୁବର୍ଣ୍ଣ ବେଲ ମିଳିଯାଇଛି । ମୁଁ ଆପଣଙ୍କ ଠାରେ ଚିର କୃତଜ୍ଞ ହୋଇରହିଲି । ଆଶ୍ଚର୍ଯ୍ୟ ହୋଇ ଗଲେ ପୂରୋହିତ । ଏହା କେମିତି ସମ୍ଭବ ହେବ ? ତାଙ୍କ ପୂଜାପାଠ ର ଫଳ ଭୁଲରେ ଆଉ ଏ ଲୋକଟି ପାଇଗଲା କି ? ସେ କିଛି ବୁଝି ପାରୁ ନଥିଲେ । ଲୋକଟି କହିଲା , ଏ ତିନି ଗୋଟି ସୁବର୍ଣ୍ଣ ବେଲକୁ ମୁଁ ଜନ ହିତକର କାର୍ଯ୍ୟରେ ଲଗାଇବି । ପୂଜା ପୂର୍ବରୁ ମୁଁ ଏହି କାମନା କରି ଥିଲି । ମୋର ଅସଲ ଉଦ୍ଦେଶ୍ୟ ମୁଁ ପ୍ରଥମରୁ ହିଁ ଈଶ୍ୱରଙ୍କୁ ଜଣାଇ ଦେଇ ଥିଲି । ଶୁଦ୍ଧ ଭାବନା ର ଫଳ ନିଶ୍ଚିତ ଭାବରେ ଯେ ଶୁଦ୍ଧ ହୁଏ , ତାହା ଏଥରୁ ଅନୁମାନ କରିହୁଏ ।

## ଈଶ୍ୱର ସର୍ବଜ୍ଞ ଓ ସର୍ବଶକ୍ତିମାନ



ଥରେ ଗଙ୍ଗା ତଟକୁ ଜଣେ ତତ୍ତ୍ୱଦର୍ଶୀ ମହର୍ଷିଙ୍କର ଆଗମନ ହେଲା । ତାଙ୍କ ଉପଦେଶ ଶୁଣିବା ନିମିତ□ ବହୁ ସଂଖ୍ୟାରେ ଲୋକ ସେଠାରେ ଏକାଠି ହେଲେ । ଜନସମୁଦାୟ ସମ୍ମୁଖରେ ଜୀବ ଓ ବ୍ରହ୍ମର ଏକତାର ବିଶ୍ଳେଷଣ କରି ମହର୍ଷି ବୁଝାଉଥିଲେ, 'ଜୀବ ଈଶ୍ୱରଙ୍କର ଏକ ଅଂଶ । ଯେଉଁ ଗୁଣ ଈଶ୍ୱରଙ୍କ ଠାରେ ଅଛି, ତାହା ଜୀବଙ୍କଠାରେ ବି ରହିଛି ।' ଏହା ଶୁଣି ଶ୍ରୋତାଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଉଠିଲା ଏବଂ କହିଲା, 'ମହାତ୍ମା, ଆପଣଙ୍କର ଏ କଥା ମୁଁ ବୁଝିପାରିଲି ନାହିଁ । ଈଶ୍ୱର ସର୍ବଜ୍ଞ ଓ ସର୍ବଶକ୍ତିମାନ । କିନ୍ତୁ ଜୀବ ତ ଅଳ୍ପ ଜ୍ଞାନୀ ଓ ଅଳ୍ପ ସାମର୍ଥ୍ୟ ବିଶିଷ୍ଟ । ଏତେ ଭିନ୍ନତା ଥାଇ ଏକତା କିପରି ?' ମହର୍ଷି ବ୍ୟକ୍ତିକୁ ପାଖକୁ ଡାକିଲେ ଏବଂ କହିଲେ, 'ମୁଁ ତୁମର ଶଙ୍କା ଏବେ ଦୂର କରିଦେଉଛି । ପ୍ରଥମେ ଯାଅ ଏ ଲୋଟାରେ ଗଙ୍ଗାଜଳ ଭର୍ତି କରି ଆଣ ।' ସେ ଗଙ୍ଗାରୁ ଗୋଟିଏ ଲୋଟା ଜଳ ଭର୍ତି କରି ଆଣିଲା । ଏହା ପରେ ମହର୍ଷି ତାଙ୍କୁ ପଚାରିଲେ, 'ଆଚ୍ଛା କହିଲ, ପ୍ରବାହିତ ଗଙ୍ଗା ଓ ଲୋଟାରେ ଥିବା ଜଳ ମଧ୍ୟରେ କୌଣସି ଅନ୍ତର ନାହିଁ ତ ?' ବ୍ୟକ୍ତି କହିଲା, 'ବିଲକୁଲ୍ ନୁହେଁ ମହାତ୍ମା । ମୁଁ ଏ ଜଳ ସେଇ ଗଙ୍ଗାରୁ ଆଣିଛି । ଉଭୟ ଜଳରେ ଅନ୍ତର ଭଲା କେମିତି ହେବ ।'ଏହା ଶୁଣିବା ପରେ ମହର୍ଷି କହିଲେ, 'ସାମ୍ନାରେ ତୁମେ ଦେଖୁଛ ଗଙ୍ଗା ନଦୀରେ କେତେ ଡଙ୍ଗା ଚାଲୁଛି । ଏହି ଲୋଟାରେ ଗୋଟିଏ ଡଙ୍ଗା ଚଲାଇ ଦେଖାଅ ତ ।' ଏହା ଶୁଣି ବ୍ୟକ୍ତି ଆଶ୍ଚର୍ଯ୍ୟ ହୋଇ କହିଲା, 'ଏ ଆପଣ କ'ଣ କହୁଛନ୍ତି ମହାତ୍ମା ! ଲୋଟା ଖୁବ୍ ଛୋଟ ଆଉ ଏଥିରେ ଅଳ୍ପ ଜଳ ଅଛି । ଲୋଟାରେ ଭଲା ଡଙ୍ଗା କେମିତି ଚାଲିବ ।' ମହର୍ଷି ଗମ୍ଭୀର ହୋଇ କହିଲେ, 'ଜୀବ ବି ଏକ ଛୋଟ ସୀମାରେ ଆବଦ୍ଧ ହେବା କାରଣରୁ ଲୋଟା ଜଳ ଭଳି ଅଳ୍ପ ବୁଦ୍ଧି ଓ ଶକ୍ତିହୀନ ହୋଇଛି । ଏ ଜଳ ଯଦି ପୁନଃ ଗଙ୍ଗାରେ ଢାଳି ଦିଆଯାଏ, ତେବେ ସେଥିରେ ଡଙ୍ଗା ଚାଲିବ । ସେହିଭଳି ଯଦି ଜୀବ ନିଜ ସଂକୀର୍ଣ୍ଣତାର ବନ୍ଧନକୁ ଫିଟାଇ ମହାନ ହୋଇଯାଏ, ତେବେ ସେ ଈଶ୍ୱରଙ୍କ ଭଳି ସର୍ବଜ୍ଞ ଓ ସର୍ବଶକ୍ତିସମ୍ପନ୍ନ ସହଜରେ ହୋଇପାରିବ ।' ଏହା ଶୁଣି ବ୍ୟକ୍ତିର ଶଙ୍କା ଦୂର ହୋଇଗଲା । ଈଶ୍ୱର ଓ ଜୀବର ସ୍ଥିତି ମଧ୍ୟରେ ଅନ୍ତର ସେ ବୁଝିପାରିଲା । ସଂକୀର୍ଣ୍ଣତାର ସୀମା ହଟାଇ ଯେ କୌଣସି ଜୀବ ଈଶ୍ୱରତ୍ୱ ପ୍ରାପ୍ତ କରିପାରେ, ଏହା ମଧ୍ୟ ସେ

## ପୁଷ୍ପକ ବିମାନ

ଦେବତାମାନଙ୍କ ଉତମ ବିମାନ ମଧ୍ୟରେ ସବୁଠୁ ଅଧିକ ଆଦର ପୁଷ୍ପକ ବିମାନର ହେଉଥିଲା । ଏହି ବିମାନର ଗଠନ ଏବଂ ଉଡ଼ିବାର ଶୈଳୀ ଅତ୍ୟନ୍ତ ଚମତ୍କାର ଥିଲା । ହୀରା, ମୋତି, ମାଣିକରେ ଖଚିତ ପୁଷ୍ପକ ବିମାନର ମହିମା ଆଜି ମଧ୍ୟ ଅନେକଙ୍କୁ ରୋମାଂଚିତ କରିଥାଏ । ଦେବଶିଳ୍ପୀ ବିଶ୍ୱକର୍ମା ପୁଷ୍ପକ ବିମାନର ନିର୍ମାଣ କରିଥିଲେ । ଲଙ୍କାଧୀଶ ରାବଣର ସାବତ ଭ୍ରାତା ଧନପତି କୁବେରଙ୍କ ପାଇଁ ସେ ଏହି ବିମାନ ଗଢ଼ିଥିଲେ । ହେଲେ କୁବେରଙ୍କୁ ଯୁଦ୍ଧରେ ପରାସ୍ତ କରି ରାବଣ ପୁଷ୍ପକ ବିମାନ ହାତେଇ ନେଇଥିଲା । ବାଲ୍ମିକୀ ରାମାୟଣରେ ତିନୋଟି ସ୍ଥାନରେ ପୁଷ୍ପକ ବିମାନ ସମ୍ପର୍କରେ ଉଲ୍ଲେଖ ରହିଛି । ପ୍ରଥମତଃ ରାବଣ ସନ୍ନ୍ୟାସୀ ବେଶ ଧାରଣ କରିବା ସମୟରେ ଏହି ବିମାନରେ ଦେବୀ ସୀତାଙ୍କୁ ହରଣ କରି ନେଇଥିଲା । ଦ୍ୱିତୀୟତଃ ସମୁଦ୍ର ଲଙ୍ଘନ



କରି ବୀର ହନୁମାନ ଲଙ୍କାରେ ପ୍ରବେଶ କରିବା ପରେ ପୁଷ୍ପକ ବିମାନ ଦେଖିବାକୁ ପାଇଥିଲେ । ବିଭିନ୍ନ ପ୍ରକାରର ମୂଲ୍ୟବାନ ରତ୍ନରେ ଖଚିତ ପୁଷ୍ପକ ବିମାନର ପ୍ରଶଂସାରେ ମହାକବି ହନୁମାନ ଅତି ଉଚ୍ଚକୋଟୀର ଶ୍ଳୋକ ରଚନା କରିଥିଲେ । ତୃତୀୟତଃ ରାବଣର ବଧ କରିବା ପରେ ରାମ, ଲକ୍ଷ୍ମଣ ଏବଂ ମାତା ସୀତାଙ୍କୁ ପୁଷ୍ପକ ବିମାନରେ ବସାଇ ବିଭୀଷଣ ଅଯୋଧ୍ୟାରେ ପହଂଚାଇଥିଲେ । ଏହି ସମୟରେ ପୁଷ୍ପକ ବିମାନର ଅଦ୍ୱିତୀୟତା ସମ୍ପର୍କରେ ବିଭୀଷଣ ଭଗବାନ ରାମଚନ୍ଦ୍ରଙ୍କ ଆଗରେ ବଖାଣି ଥିଲେ । ଏହି ବିମାନରେ ବୈଦୁର୍ଯ୍ୟ ନାମକ ଅତି ମୂଲ୍ୟବାନ ମଣି ଖଚିତ ହୋଇଥିଲା । ସୁବର୍ଣ୍ଣ ଏବଂ ରୁପାରେ ନିର୍ମିତ ପୁଷ୍ପକ ବିମାନରେ ଗୁପ୍ତ ଗୁହ ସବୁ ରହିଥିଲା । ଯାହା ନକ୍ଷତ୍ର ସମାନ ଉଜ୍ଜ୍ୱଳ ଦିଶୁଥିଲା । ସୁମେରୁ ପର୍ବତ ଭଳି ଉଚ୍ଚ ପୁଷ୍ପକ ବିମାନରେ ସୁସଜ୍ଜିତ କୋଠରୀ ସବୁ ମଧ୍ୟ ରହିଥିଲା ।

## ଗୀତାର ସାରାଂଶ

◆ ସୌରଚନ୍ଦ୍ର ମହାପାତ୍ର

*ପ୍ରଥମ ଅଧ୍ୟାୟ (ଅର୍ଜୁନବିଷାଦ ଯୋଗ)* : ସାଂସାରିକ ମୋହ ହେତୁ ମନୁଷ୍ୟ 'ମୁଁ କଣ କରିବି ଆଉ କ'ଣ ନ କରିବି' ଏଭଳି ଦ୍ୱନ୍ଦ୍ୱରେ ପଡ଼ି କର୍ତବ୍ୟଚ୍ୟୁତ ହୋଇଯାଏ । ଏଣୁ ମୋହ ବା ସୁଖଶକ୍ତିର ବଶବର୍ତୀ ହେବା ଅନୁଚିତ । *ଦ୍ୱିତୀୟ ଅଧ୍ୟାୟ (ସାଂଖ୍ୟ ଯୋଗ)* : ଶରୀର ନାଶବାନ ଏବଂ ତାକୁ ଜାଣୁଥିବା ଶରୀରୀ ଅବିନାଶୀ - ଏହି ବିବେକକୁ ମହତ୍ୱ ଦେବା ଅଥଚ ସ୍ୱକ□ବ୍ୟ ପାଳନ କରିବା, କୌଣସି ଗୋଟିଏ ଉପାୟ ଅବଲମ୍ବନ କଲେ ମନୁଷ୍ୟର ଶୋକ ଓ ଚିନ୍ତା ଦୂରୀଭୂତ ହୋଇଯାଏ । *ତୃତୀୟ ଅଧ୍ୟାୟ (କର୍ମ ଯୋଗ)* : ନିଷ୍କାମ ଭାବରେ କେବଳ ଅନ୍ୟମାନଙ୍କ ହିତ ନିମନ୍ତେ ତତ୍ପର ହୋଇ ସ୍ୱକ□ବ୍ୟ ପାଳନ କରିବା ଦ୍ୱାରା ଉଦ୍ଧାର ହୋଇଯାଏ । *ଚତୁର୍ଥ ଅଧ୍ୟାୟ (ଜ୍ଞାନକର୍ମ ସନ୍ନ୍ୟାସ ଯୋଗ)* : କର୍ମ ବନ୍ଧନରୁ ମୁକ୍ତ ହେବାର ଦୁଇଟି ଉପାୟ ଅଛି । ତାହା ହେଲା କର୍ମର ତ□ ୍ୱକୁ ଜାଣି ନିଃସ୍ୱାର୍ଥ ଭାବରେ କର୍ମ କରିବା ଏବଂ ତ□ ୍ୱଜ୍ଞାନକୁ ଅନୁଭବ କରିବା । ପ□ମ ଅଧ୍ୟାୟ (କର୍ମସନ୍ନ୍ୟାସ ଯୋଗ) : ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ସୁଖୀ-ଦୁଃଖୀ ହେବା ଉଚିତ ନୁହେଁ; କାରଣ ଏଥିରେ ସୁଖୀ-ଦୁଃଖୀ ହେଉଥିବା ମନୁଷ୍ୟ ସଂସାରରୁ ଉର୍ଦ୍ଧ୍ୱକୁ ଉଠି ପରମ ଆନନ୍ଦ ଅନୁଭବ କରିପାରେନାହିଁ । *ଷଷ୍ଠ ଅଧ୍ୟାୟ (ଆତ୍ମସଂଯମ ଯୋଗ)* : ଯେକୌଣସି ସାଧନ ଅବଲମ୍ବନ କଲେ ମଧ୍ୟ ଅନ୍ତଃକରଣରେ ସମତା ଆସିବା ନିତାନ୍ତ ଆବଶ୍ୟକ । ସମତା ନ ଆସିବା ପର୍ଯ୍ୟନ୍ତ ମନୁଷ୍ୟ ସମ୍ପୂର୍ଣ୍ଣ ନିର୍ବିକାର ହେବା ଅସମ୍ଭବ । *ସପ୍ତମ ଅଧ୍ୟାୟ (ଜ୍ଞାନବିଜ୍ଞାନ ଯୋଗ)* : ସବୁକିଛି ଭଗବାନ ହୃଦୟର ସହ ଏତିକି ସ୍ୱୀକାର କରିବା ସର୍ବଶ୍ରେଷ୍ଠ ସାଧନା । *ଅଷ୍ଟମ ଅଧ୍ୟାୟ (ଅକ୍ଷରବହ୍ମ ଯୋଗ)* : ଅନ୍ତକାଳୀନ ଚିନ୍ତନ ଅନୁସାରେ ମନୁଷ୍ୟର ଆଗାମୀ ଗତି ହୋଇଥାଏ । ତେଣୁ ମନୁଷ୍ୟ ସଦାସର୍ବଦା ଭଗବାନଙ୍କୁ ସ୍ମରଣ କରି ସ୍ୱକର୍ତବ୍ୟ ପାଳନ କରିବା ଉଚିତ, ଯାହାଫଳରେ ଅନ୍ତକାଳରେ ଭଗବତ୍ ସ୍ମୃତି ଜାଗ୍ରତ ରହିପାରିବ ।
*ନବମ ଅଧ୍ୟାୟ (ରାଜବିଦ୍ୟାରାଜଗୁହ୍ୟ ଯୋଗ)* : ବର୍ଣ୍ଣ, ଆଶ୍ରମ, ସମ୍ପ୍ରଦାୟ, ଦେଶ, ବେଶ ଇତ୍ୟାଦି ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟ ଭଗବତ୍ ପ୍ରାପ୍ତିର ଅଧିକାରୀ । *ଦଶମ ଅଧ୍ୟାୟ (ବିଭୂତି ଯୋଗ)* : ସଂସାରରେ ଯେଉଁ ସବୁ ସ୍ଥାନରେ କୌଣସି ମହ□ ୍ୱ, ବିଶେଷତ୍ୱ, ବୈଚିତ୍ର୍ୟ, ସୌନ୍ଦର୍ଯ୍ୟ, ବିଦ୍ୱ□ା, ବଳବ□ା ଇତ୍ୟାଦି ଦୃଷ୍ଟିଗୋଚର ହୁଏ, ତାହା ଭଗବାନଙ୍କର ବୋଲି ଭାବି ସେଥିରେ ଭଗବାନଙ୍କୁ ଚିନ୍ତନ କରିବା ବିଧେୟ । *ଏକାଦଶ ଅଧ୍ୟାୟ (ବିଶ୍ୱରୂପଦର୍ଶନ ଯୋଗ)* : ସମଗ୍ର ଜଗତକୁ ଭଗବାନଙ୍କର ସ୍ୱରୂପ ମନେ କରି ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ବିରାଟରୂପ ଦର୍ଶନ କରି ପାରିବ । *ଦ୍ୱାଦଶ ଅଧ୍ୟାୟ (ଭକ୍ତି ଯୋଗ)* : ଯେଉଁ ଭକ୍ତ ଶରୀର, ଇନ୍ଦ୍ରୀୟ, ମନ, ବୁଦ୍ଧି ସମେତ ନିଜକୁ ସର୍ବତୋଭାବେ ଭଗବାନଙ୍କୁ ଅର୍ପିତ କରିଦିଏ, ସେ ଭଗବାନଙ୍କର ପ୍ରିୟ ହୋଇଥାଏ । ତ୍ରୟୋଦଶ ଅଧ୍ୟାୟ (କ୍ଷେତ୍ରକ୍ଷେତ୍ରଜ୍ଞବିଭାଗ ଯୋଗ) : ସଂସାରରେ ଏକମାତ୍ର ପରମାତ୍ମତତ୍ତ୍ୱ ହିଁ ଜାଣିବାର ଯୋଗ୍ୟ । ତାହାକୁ ଜାଣିଗଲେ ଅମରତ୍ୱ ପ୍ରାପ୍ତି ହୋଇଯାଏ । ଚତୁର୍ଦ୍ଦଶ ଅଧ୍ୟାୟ (ଗୁଣତ୍ରୟବିଭାଗ ଯୋଗ) : ସଂସାର ବନ୍ଧନରୁ ମୁକ୍ତି ପାଇବା ନିମନ୍ତେ ସତ୍ତ୍ୱ, ରଜ ଓ ତମ ଗୁଣରୁ ଅତୀତ ହେବା ପରମ ଆବଶ୍ୟକ । ଅନନ୍ୟ ଭକ୍ତି ବଳରେ ମନୁଷ୍ୟ ଉକ୍ତ ତ୍ରିଗୁଣରୁ ଅତୀତ ହୋଇପାରିବ ।
*ପଂଚଦଶ ଅଧ୍ୟାୟ (ପୁରୁଷୋ□ମ ଯୋଗ)* : ଏ ସଂସାରର ମୂଳ ଆଧାର ତଥା ସର୍ବୋପରି ପରମ ପୁରୁଷ କେବଳ ଭଗବାନ ଏଭଳି ବିଶ୍ୱାସ କରି ଅନନ୍ୟ ଭାବରେ ଭଗବାନଙ୍କୁ ଭଜିବା ବାଞ୍ଛନୀୟ । ଷୋଡ଼ଶ ଅଧ୍ୟାୟ (ଦୈବାସୁରସମ୍ପଦ୍‌ବିଭାଗ ଯୋଗ) : ଦୁର୍ଗୁଣ ଓ ଦୁରାଚାର ହେତୁ ମନୁଷ୍ୟ ନରକକୁ ଯାଇଥାଏ ଏବଂ ଦୁଃଖ ଭୋଗିଥାଏ । ତେଣୁ ଜନ୍ମମୃତ୍ୟୁ ଆବ□ରୁ ମୁକ୍ତି ପାଇବା ନିମନ୍ତେ ଦୁର୍ଗୁଣ ଓ ଦୁରାଚାର ବର୍ଜନ କରିବା ଅତ୍ୟନ୍ତ ଆବଶ୍ୟକ ।
*ସପ୍ତଦଶ ଅଧ୍ୟାୟ (ଶ୍ରଦ୍ଧାତ୍ରୟବିଭାଗ ଯୋଗ)* : ମନୁଷ୍ୟ ଶ୍ରଦ୍ଧାପୂର୍ବକ କୌଣସି ଶୁଭକାର୍ଯ୍ୟ କରିବାକୁ ଗଲାବେଳେ ତାହାକୁ ଭଗବତ୍ ସ୍ମରଣ ତଥା ଭଗବାନ୍ନାମ ଉଚ୍ଚାରଣପୂର୍ବକ ଆରମ୍ଭ କରିବା ବାଞ୍ଛନୀୟ । *ଅଷ୍ଟାଦଶ ଅଧ୍ୟାୟ (ମୋକ୍ଷସନ୍ନ୍ୟାସ ଯୋଗ)* : ସକଳ ଗ୍ରନ୍ଥର ସାର ବେଦ, ବେଦର ସାର ଉପନିଷଦ, ଉପନିଷଦର ସାର ଗୀତା ଏବଂ ଗୀତାର ସାର ଭଗବତ ଶରଣାଗତି । ଯେ ମନରେ ପ୍ରଶ୍ନ ନରଖି ଭଗବାନଙ୍କ ଶରଣ ଗ୍ରହଣ କରେ, ଭଗବାନ ତାକୁ ସମସ୍ତ ପାପରୁ ମୁକ୍ତି କରି ଦିଅନ୍ତି ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬*

## ଭଗବତ୍ ସାନ୍ନିଧ ପାଇଁ ପ୍ରାର୍ଥନା

ପ୍ରାର୍ଥନା ଏକ ପୁନର୍ଜୀବନ ଏବଂ ପୁନର୍ଜନ୍ମ । ପ୍ରାର୍ଥନା ହେଉଛି ଭଗବତ୍ ସାନ୍ନିଧ । ଭଗବାନଙ୍କଠାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ହିଁ ପ୍ରାର୍ଥନା । ମନୁଷ୍ୟର ମନ, ପ୍ରାଣ ଓ ଅନ୍ତର ଦେଇ ଯେଉଁ ଆଧ୍ୟାତ୍ମିକ ଶକ୍ତି ପ୍ରବାହିତ ହୋଇ ଚାଲିଛି ସେହି ଶକ୍ତିକୁ ଆବାହନ କରିବାର ନାମ ପ୍ରାର୍ଥନା । ମାଧ୍ୟାକର୍ଷଣ ଶକ୍ତି ପରି ଏହା ଏକ ବାସ୍ତବ ଶକ୍ତି । ଉଚ୍ଚତର ଜୀବଙ୍କ ଜୀଇଁ ରହିବାର କଳାର ନାମ ପ୍ରାର୍ଥନା । ଜଣେ ଚବିଶ ପ୍ରହର ପ୍ରାର୍ଥନାରେ ବାସ କରିପାରେ, ତାର ଖାଦ୍ୟ ଗ୍ରହଣ, ନିଃଶ୍ୱାସ ନେବା, ନିଦ୍ରାଯିବା ସବୁକିଛି କାର୍ଯ୍ୟ ପ୍ରାର୍ଥନା ଭିତରେ ରହିପାରେ, ସେ ତାଙ୍କ ସହିତ ପଦଚାରଣ କରେ । ତାଙ୍କ ସହ ନିଃଶ୍ୱାସ-ପ୍ରଶ୍ୱାସ ନିଏ, ଅବିଚ୍ଛିନ୍ନ ଭାବେ ପ୍ରାର୍ଥନା ହୋଇ ଚାଲିଥାଏ ଯେମିତି ତୁମେ ଯାହା କର ନା କାହିଁକି ଦୁଃଖର ପୃଷ୍ଠଭୂମିରେ ପ୍ରାର୍ଥନାର ସଙ୍ଗୀତ ଅବିରତ ବାଜି ଚାଲିଥାଏ । ପ୍ରାର୍ଥନା କିଛି ଦାବି କରେ ନାହିଁ । ଥରେ ଏକ ଶିଶୁର କଣ୍ଢେଇଟି ପଡି ଭାଙ୍ଗିଗଲା । ସେଥିପାଇଁ ସେ ଲୁହ ଗଡାଉଥିଲା । ତା'ର ଭାଇକୁ ଦେଖାଇ କହିଲା- ଭାଇ, ମୁଁ ଯାଉଛି ଭଗବାନଙ୍କୁ ପ୍ରାର୍ଥନା କରିବି, ସେ ମୋ କଣ୍ଢେଇଟି ଯୋଡିଦେବେ । ଭାଇ କହିଲା- ତୁ ଆଶା କରୁଛୁ ଯେ ଭଗବାନ ତୋ ପ୍ରାର୍ଥନା ଶୁଣିବେ ? ତୁ ଦେଖିବୁ ଭଗବାନ ନିଶ୍ଚିତ ଉ□ର ଦେବେ, ଭଉଣୀଟି କହିଲା । ତା ପରଦିନ ଭୋରରୁ ଯେତେବେଳେ ଭାଇ ପଡିଥିବା ଭଙ୍ଗା କଣ୍ଢେଇଟିକୁ ଚାହିଁ ତା ପାଖକୁ ଆସି ପଚାରିଲା-କ'ଣ ଭଗବାନ ତୋ କଥା ଶୁଣିଲେ ? ଭଉଣୀ କହିଲା- ହଁ ଭଗବାନ ଶୁଣିଲେ । ସେ କହିଲେ କଣ୍ଢେଇଟିକୁ ନେଇ ଖେଳିବା ଆଉ ତୋ'ର ଆବଶ୍ୟକ ନାହିଁ, ଏହାହିଁ ହେଉଛି ପ୍ରାର୍ଥନା । ସେ କିଛି ଦାବି କରେ ନାହିଁ । ଯଦି ସେ ନା' କରନ୍ତି ତାହା ବି ପୂରାପୂରି ଠିକ୍ । କାରଣ ନିଷ୍ପତି ହିଁ ସେ ନେବେ । ପ୍ରାର୍ଥନା ଏକ ଭାବ, ଏକ ଅବସ୍ଥା, ଏକ କ୍ରିୟା ନୁହେଁ । "ଭାବକୁ ନିକଟ, ଅଭାବକୁ ଦୂର । ଏ



ଜଗତ ଭାବର ଜଗତ୍, ଭାବରେ ବନ୍ଧା ସ୍ୱୟଂ ନିରାକାର, ଭାବ ହିଁ ଏକମାତ୍ର ପଥ ଉପଲବ୍ଧିର, ଭାବ ବିନା ସବୁ ଅର୍ଥହୀନ । ଅଭାବରେ ଦୁନିଆର ଭାବ ଉପେକ୍ଷିତ, ଏଠି ସବୁ ହିସାବ-ନିକାଶର ଗଣିତ, ସବୁ ଅଭ୍ୟାସଗତ, ଚିରାଚରିତ ପ୍ରବତିର ପୁନରାବୃତି ମାତ୍ର ଯାହା ଆମର ସାମଗ୍ରିକ ସ□ାକୁ ନିରବିଚ୍ଛିନ୍ନ ଭାବେ ଆଚ୍ଛନ୍ନ କରି ରଖେ ନାହିଁ । କବିରଙ୍କୁ କେହି ଜଣେ ପଚାରିଲା ଆପଣ ପ୍ରାର୍ଥନା କେତେବେଳେ କରୁଛନ୍ତି ? ଭଗବାନଙ୍କ ସେବା କେତେବେଳେ କରୁଛନ୍ତି ? ମନ୍ଦିର ପରିକ୍ରମା ପାଇଁ କେତେବେଳେ ଯାଆନ୍ତି ? ଉ□ରରେ କବିର କହିଲେ ମୁଁ ଉଠୁଛି, ବସୁଛି ଏଥିରେ ତା'ର ପରିକ୍ରମା ଚାଲୁଛି । ମୁଁ ଖାଉଛି, ପାଉଛି ଓ ଯାହା କରୁଛି ତା'ର ହିଁ ସେବା ଚାଲିଛି, ତା'ନହେଲେ ଆଉ କାହା ପାଖରେ ମୁଁ ପ୍ରସାଦ ଅର୍ପଣ କରିବି ? କାହା ସାମନାରେ ମୁଁ ପୂଜାଥାଳି ସଜାଡ଼ିବି ? ଥରେ ଜଣେ ଶିଷ୍ୟ ଯୀଶୁଙ୍କୁ ପଚାରିଲେ, 'ପ୍ରାର୍ଥନା କ'ଣ ? ଯୀଶୁ ଆଣ୍ଠୁ ଭାଙ୍ଗି ବସି ପଡ଼ିଲେ ଏବଂ ପ୍ରାର୍ଥନା କରିବାକୁ ଆରମ୍ଭ କଲେ, ଶିଷ୍ୟ କହିଲେ, ମୁଁ କେବଳ ପ୍ରାର୍ଥନା କ'ଣ ବୋଲି ପଚାରୁଛି, ପ୍ରାର୍ଥନା କରିବା ପାଇଁ ଆପଣଙ୍କୁ କହିନାହିଁ, ମୁଁ ପ୍ରାର୍ଥନା କରିପାରେ, ତୁମେ ଏଥିରେ ଅଂଶ ଗ୍ରହଣ କରିପାର, ମୁଁ ତୁମକୁ ନିମନ୍ତ୍ରଣ କରୁଛି, ତୁମେ ମୋର ଏହି ପ୍ରାର୍ଥନାର ଅଂଶ ହୋଇପାର । ପ୍ରାର୍ଥନା କ'ଣ ତୁମକୁ କହିପାରିବି ନାହିଁ । କିନ୍ତୁ ଏହା ମଧ୍ୟକୁ ମୁଁ ଯାଇପାରେ ।' ଏହି ପରିପ୍ରେକ୍ଷୀରେ ବହୁ ବର୍ଷ ତଳେ ଲିଓ ଟଲଷ୍ଟୟ ଏକ କାହାଣୀ ଲେଖିଥିଲେ । ତାର ନାଁ '**Three Hermits**' । ରୁଷିଆର କୌଣସି ଏକ କ୍ଷୁଦ୍ର ଦ୍ୱୀପରେ ତିନି ଜଣ ସନ୍ନ୍ୟାସୀ ରହୁଥିଲେ । ସେମାନଙ୍କ ମଧ୍ୟରୁ ସବୁଠାରୁ ବୟସ୍କ ସନ୍ନ୍ୟାସୀଙ୍କ ବୟସ ଶହେ ବର୍ଷରୁ ଅଧିକ ବୋଲି ଅନୁମାନ କରାଯାଉଥିଲା । ସେ ସର୍ବଦା ପ୍ରସନ୍ନ ରହୁଥିଲେ । ଦ୍ୱିତୀୟ ସାଧୁ ବୃଦ୍ଧ, ତାଙ୍କର ଦାଢି ଥିଲା ହଳଦିଆ । ସେ ଥିଲେ ବଳିଷ୍ଠ, ଚେହେରାବନ୍ତ, ତୃତୀୟଜଣକ ଡେଙ୍ଗା ଥିଲେ । ସେ ଗମ୍ଭୀର ଦେଖାଯାଉଥିଲେ । ତିନିଜଣଯାକ ନିରକ୍ଷର, ସରଳ, ନିଷ୍କପଟ, ଧର୍ମ ବିଷୟରେ କିଛି ଜଣା ନଥିଲା । ସବୁବେଳେ ନିରବ ରହୁଥିଲେ । ସେମାନଙ୍କ ଗୁଣ ପାଇଁ ଶହଶହ ଲୋକ ସେମାନଙ୍କୁ ଭକ୍ତି କରୁଥିଲେ ଓ ପ୍ରତିଦିନ ଦର୍ଶନ ନିମନ୍ତେ ଆସୁଥିଲେ । ଏ ସମ୍ବାଦ ସେ ଦେଶର ମୁଖ୍ୟ ଧର୍ମାଧ୍ୟକ୍ଷ ବିଶପ୍‌ଙ୍କ କାନରେ ପଡ଼ିଲା । ବିଶପ୍ ଖୁବ୍ ଆଶ୍ଚର୍ଯ୍ୟ ହେଲେ । କାରଣ ଚର୍ଚ୍ଚର ବିନା ଅନୁମୋଦନରେ କାହାରିକୁ 'ସନ୍ଥ' ବୋଲି ଘୋଷଣା କରାଯାଏ ନାହିଁ । ଚର୍ଚ୍ଚ ଯେତେବେଳେ ଘୋଷଣା କରିନାହିଁ ସେତେ ବେଳେ ଏତେ ସଂଖ୍ୟକ ଲୋକ ଏହି ତିନି ଜଣକୁ ସନ୍ଥ ଭାବେ କାହିଁକି ଭକ୍ତି ଓ ସମ୍ମାନ କରୁଛନ୍ତି ? ସେଥିପାଇଁ ବିଶପ୍ ସେହି ଦ୍ୱୀପକୁ ଯାଇ ସେମାନଙ୍କୁ ଭେଟିବା ପାଇଁ ଇଚ୍ଛାକଲେ । ମୁଖ୍ୟ ବିଶପ୍ ନୌକାରେ ବସି ସେହି କ୍ଷୁଦ୍ର ଦ୍ୱୀପ ଅଭିମୁଖେ ଯାତ୍ରା କଲେ । ସନ୍ନ୍ୟାସୀ ତିନିହେଁ ଖୁବ୍ ସାଦାସିଧା, ସରଳ, ଗାଉଁଲି ଭଳି ଦିଶୁଥିଲେ । ନୌକାଟି କୂଳରେ ଲାଗିଲା । ଦେଖିବା ମାତ୍ରେ ତିନିଜଣ ସନ୍ନ୍ୟାସୀ ବିଶପ୍‌ଙ୍କ ପାଦ ଛୁଇଁ ପ୍ରଣାମ କଲେ । ବିଶପ୍ ସେମାନଙ୍କୁ ଆଶୀର୍ବାଦ କଲେ । କହିଲେ- ମୁଁ ଶୁଣିଛି, ଆପଣ ମାନେ ନିଜ ନିଜ ଆତ୍ମାର ମୋକ୍ଷାର୍ଥେ ତଥା ସଂସାରର ମଙ୍ଗଳ କାମନା କରି ଯୀଶୁଖ୍ରୀଷ୍ଟଙ୍କୁ ପ୍ରତ୍ୟହ ପ୍ରାର୍ଥନା କରୁଛନ୍ତି । ମୁଁ ହେଉଛି ଯୀଶୁଖ୍ରୀଷ୍ଟଙ୍କର ଜଣେ ଦାସ, ଆପଣମାନେ ଈଶ୍ୱରଙ୍କ ଦାସ ଓ ଭକ୍ତ, ଆପଣମାନଙ୍କୁ ଦେଖିବା ପାଇଁ ମୁଁ ଆସିଛି ଏବଂ ଯୀଶୁଙ୍କ ବିଷୟରେ କିଛି କହିବାକୁ ଇଚ୍ଛା କରୁଛି । ବିଶପ୍ ପଚାରିଲେ- ନିଜ ନିଜ ଆତ୍ମାର ମୋକ୍ଷ ନିମନ୍ତେ ଆପଣମାନେ କ'ଣ କରୁଛନ୍ତି ? ଏଠାରେ ରହି ଈଶ୍ୱରଙ୍କ ସେବା କିପରି କରୁଛନ୍ତି ? ଦୟାକରି ଜଣାନ୍ତୁ, ବୟୋଜ୍ୟୋଷ୍ଠ ସନ୍ନ୍ୟାସୀ ଟିକିଏ ହସି କହିଲେ-ଈଶ୍ୱରଙ୍କ ସେବା କିପରି କରିବାକୁ ହେବ ଆମେ ତାହା ଜାଣିନାହୁଁ । ଈଶ୍ୱରଙ୍କ ଦାସ ହିସାବରେ ଆମେ ନିଜ କର୍ମ କରି ବଂଚ୍ି ରହିଛୁ । ସେମାନେ ନିରକ୍ଷର । ବାଇବେଲ ପଢିବା ପ୍ରଶ୍ନ ନାହିଁ । ଆମେ ଶୁଣିଛୁ ପରମାତ୍ମା ହେଲେ ତ୍ରିମୂର୍ତି, ପରମ ପିତା(**Father**), ତାଙ୍କ ପୁତ୍ର (**The Son**) ପବିତ୍ର ଆତ୍ମା (**Holy Ghost**) । ତେଣୁ ଆମେ ପ୍ରାର୍ଥନା କରୁ-ତୁମେ ତିନି ଜଣ, ଆମେ ତିନି ଜଣ- ଆମ ଉପରେ କୃପା କର ।'




# ଓଡିଶା ଗ୍ରାମୀଣ ବ୍ୟାଙ୍କ ତରଫରୁ ଋଣ ମେଳା ଅନୁଷ୍ଠିତ

ବୋରିଗୁମ୍ମା(ନି.ପ୍ର.)-- ବୋରିଗୁମ୍ମା ବ୍ଲକ ସମ୍ମିଳନୀ କକ୍ଷରେ ଓଡିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଋଣ ପ୍ରଦାନ କରାଯାଇଛି ।ଓଡିଶା ଗ୍ରାମୀଣ ବ୍ୟାଙ୍କ ବୋରିଗୁମ୍ମା ଏରିଆ ମ୍ୟାନେଜର ପ୍ରତୀକ୍ଷା ଦାସ ଙ୍କ ପ୍ରତକ୍ଷ ତତ୍ୱାବଧାନରେ ଆୟୋଜିତ ଋଣ ମେଳା ରେ ।ମୁଖ୍ୟ ଅତିଥି ଭାବେ ବ୍ଲକ ଏବିଡ଼ିଓ ମାଧୁରୀ ଆଚାରୀ ଯୋଗ ଦେଇଥିଲେ ।ବ୍ଲକ ର ୩୦ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ଦୁଇ କୋଟି ପଚାଶ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ମହିଳା ସବୃଦ୍ଧି ରେ ୧୪ ଲକ୍ଷ ଟଙ୍କା, ମୁଦ୍ରା ଲୋନ ରେ ୧୭ ଲକ୍ଷ ଟଙ୍କା, କିଷାନ କାର୍ଡ ରେ




୧୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ।ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ, ଆଜିର ଋଣ ମେଳା ର ମୁଖ୍ୟ ଲକ୍ଷ୍ୟ ବୋଲି ଏରିଆ ମ୍ୟାନେଜର ପ୍ରତୀକ୍ଷା ଦାସ କହିଥିଲେ ।କିଛି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ବ୍ୟାଙ୍କ ରୁ ଋଣ ନେଇ କିପରି ଭାବରେ ବ୍ୟବହାର କରି ଲାଭବାନ ହେଉଛନ୍ତି, ସେ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିପିଟିଏ ସ୍ୱାଗତିକା ଗୋପାଲ, ଓଏଲଏମ ବ୍ଲକ କୋର୍ଡିନେଟର ଦେବେନ୍ଦ୍ର ପଣ୍ଡା,ଓଡିଶା ଗ୍ରାମୀଣ ବ୍ୟାଙ୍କ ର ଚାଲାଣଗୁଡା ଶାଖା ପରିଚାଳକ ଶୁଭଜିତ ଖିଲାର,କାଠରଗଡା ବିଏମ ଦେବୀ ପ୍ରସାଦ ପୃଷ୍ଟି, କୁମୁଲି ବିଏମ ଶୋଭିତ କୁମାର ରାଉତ, ସସାହାଣ୍ଡି ବିଏମ ପ୍ରମୋଦ କୁମାର ସାମଲ, ବିସିଂପୁର ବିଏମ ରାଜେନ୍ଦ୍ର ଦାସ ଙ୍କ ସହ ବ୍ଲକ ବିଭିନ୍ନ ପଂଚାୟତ ରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା ମାନେ ଯୋଗ ଦେଇଥିଲେ ।

# ଆନ୍ତଃରାଜ୍ୟ ଲୁହାପଥର ତସ୍କରଙ୍କୁ ମାଡ଼ି ବସିଲା ବନ ବିଭାଗ

### ଗୋଟିଏ ଟିପର, ଗୋଟିଏ ଜେସିବି ସହ ଏକ ମୋଟର ସାଇକେଲ ସହ ୪ ଅଟକ

ରାୟଗଡା (ନି.ପ୍ର) ରାୟଗଡା ଜିଲ୍ଲାରେ ପୁଣି ସାମ୍ନାକୁ ଆସିଛି ଆନ୍ତଃରାଜ୍ୟ ଚୋରା ଲୁହାପଥର କାରବାର । ଶିରିପାଇ ପଂଚାୟତର ଭାଲୁମସ୍କା ଅଂଚଳରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଚୋରା ଲୁହାପଥର ସହ ଏକ ଟିପର ନଂ ଓଡ଼ି ୧୮ସି ୮୨୭୮ ଏକ ଜେସିବି ନଂ ଓଡ଼ି ୧୮ କେ ୫୭୩୯ ଓ ଏକ ମୋଟର ସାଇକେଲ ନଂ ଓଡ଼ି ୧୮ ପି ୭୨୨୩ ଜବତ କରିଛି ଟିକିରି ବନ ବିଭାଗ । ଏହି ଘଟଣାରେ ୪ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି । ଗତକାଲି ରାତି ରେ ଖବର ପାଇ ଆଜି ପାହାନ୍ତିଆ ସମୟରେ ଟିକିରି ରେଞ୍ଜ ଅଧୀନ ଶିରିପାଇ ପଂଚାୟତର ଭାଲୁମସ୍କା ଅଂଚଳରେ ବନ ବିଭାଗ ଚଢ଼ାଉ କରି ଚୋରା ଭାବେ ଉତୋଳନ



ହୋଇଥିବା ପ୍ରାୟ ୪ରୁ ୫ ଟନ ଲୁହାପଥର ଜବତ କରିଛି । ଏହା ସହ ଘଟଣାସ୍ଥଳରୁ ଗୋଟିଏ ଟିପର, ଗୋଟିଏ ଜେସିବି ଓ ଏକ ମୋଟର ସାଇକେଲକୁ ମଧ ଜବତ କରାଯାଇଛି । ସୂଚନା ଅନୁସାରେ, ଦୀର୍ଘ ଦିନ ଧରି ଏହି ଅଂଚଳରେ ଚୋରା ଲୁହାପଥର କାରବାର ଚାଲିଆସୁଥିଲା । ପଡ଼ୋଶୀ ଆନ୍ଧ୍ର ପ୍ରଦେଶର କିଛି ଲୁହାପଥର ମାଫିଆ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି । ଟିପର ମାଲିକ ଦେବଦତ ମିଶ୍ରଙ୍କ ସମେତ ଜେସିବି ଓ ଟିପର ଚାଳକଙ୍କୁ ମିଶାଇ ମୋଟ ୪ ଜଣଙ୍କୁ ଅଟକ ରଖାଯାଇଛି । ଅଟକ ବ୍ୟକ୍ତିମାନଙ୍କ ମଧ୍ୟରେ କଲ୍ୟାଣସିଂହପୁରର ବିଦୁର ବାଗ, ରାୟଗଡା ରାଣୀଗୁଡା ଫାର୍ମର ଦେବଦତ ମିଶ୍ର, ଜଗଦୀଶ ନିଆଲିବଂଶ ଏବଂ ପ୍ରଶାନ୍ତ ନାଏକ ରହିଛନ୍ତି । ତେବେ ଏହି ଘଟଣାରେ ଆହୁରି କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି । ରାୟଗଡା ଜିଲ୍ଲାରେ ଦିନକୁ ଦିନ ବଢୁଥିବା ଚୋରା ଖଣିଜ କାରବାରକୁ ନେଇ ପ୍ରଶାସନର ଚିନ୍ତା ବଢ଼ିଥିବା ବେଳେ, ଟିକିରି ବନ ବିଭାଗର ଏହି ଚଢ଼ାଉ ଆନ୍ତଃରାଜ୍ୟ ଲୁହାପଥର ମାଫିଆଙ୍କ ବିରୋଧରେ ଏକ ବଡ଼ ସଫଳତା ବୋଲି କୁହାଯାଉଛି ।

# ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତମ ଦେବଙ୍କ ପବିତ୍ର ଘୋଷ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ

ଖୋର୍ଦ୍ଧା :ଆଜି ଜାଗୁଳି ପାଟଣା ସ୍ଥିତ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତମ ଦେବ ଙ୍କ ଘୋଷ ଯାତ୍ରା ଅତି ଆନନ୍ଦ ଉଲ୍ଲାସ ଏବଂ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ସମାପନ ହୋଇଯାଇଅଛି କ୍ଷ ପ୍ରତ୍ୟୁଷ ୪ ଘଟିକା ସମୟରେ ମହାପ୍ରଭୁଙ୍କ ପହଡ଼ ଖୋଲା ହୋଇଥିବା ବେଳେ ପ୍ରାତଃ ୫ ଘଟିକାରେ ମଙ୍ଗଳ ଆଳତି, ପୂର୍ବାହ୍ନ ୧୧ ଘଟିକାରେ ଶଙ୍ଖୁଡ଼ି ଭୋଗ, ମଧ୍ୟାହ୍ନ ୧୨ ଘଟିକାରେ ସୂର୍ଯ୍ୟ ପୂଜା, ଅପରାହ୍ନ ୨ ଘଟିକାରେ ପହଣ୍ଡି ବିଜେ, ଅପରାହ୍ନ ୩ ଘଟିକାରେ ଛେରା ପହଁରା ଏବଂ ଅପରାହ୍ନ ୪ ଘଟିକାରେ ରଥ ଟଣା କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହୋଇଥିଲା କ୍ଷ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ, ଖୋର୍ଦ୍ଧା ,ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ ଙ୍କ ପ୍ରତ୍ୟେକ ତତ୍ୱାବଧାନରେ ଏବଂ ମନ୍ଦିର ସେବାୟତ ମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇଥିଲା କ୍ଷ ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂର୍ବତନ ସାଂସଦ ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ମହାପ୍ରଭୁଙ୍କ ଛେରା ପହଁରା କରିଥିଲେ କ୍ଷ ତିନିଠାକୁର ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତମ ଦେବ, ବଡ଼ଭାଇ ହଳାୟୁଧ ଏବଂ ମା' ସୁଭଦ୍ରା ରଥାରୂଢ଼ ହେଲା ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା କ୍ଷ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି, ଶ୍ରୀ ଶ୍ରୀ ବଳଭଦ୍ର ଏବଂ ମା ସୁଭଦ୍ରା ଙ୍କୁ ମାନ୍ୟବର ବିଧାୟକ, ଖୋର୍ଦ୍ଧା ଏବଂ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ମାନ୍ୟବର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଙ୍କ ପ୍ରତିନିଧି ଶ୍ରୀ ଦିଲ୍ଲିପ କୁମାର ହୋତା ଦର୍ଶନ କରି ବିଭୁକୃପା ଲାଭକାରୀ ଜିଲ୍ଲାର ଉନ୍ନତି ଏବଂ ଜିଲ୍ଲାବାସୀଙ୍କ ସୁଖ ସମୃଦ୍ଧି କାମନା କରି ସେବାୟତ ମାନଙ୍କ ସହ ଆଲୋଚନା କରିଥିଲେ କ୍ଷ ସେହିପରି ମାନ୍ୟବର ବିଧାୟକ, ଜଟଣୀ ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ ପ୍ରବାହ୍ନରେ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତମ ଦେବଙ୍କ ଦର୍ଶନ କରି ବିଭିକୃପା ଲାଭ କରିଥିଲେ କ୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ସେବା, ସ୍ୱାସ୍ଥ୍ୟ ସେବା, ଆଇନ ଶୃଙ୍ଖଳା ସେବା, ବିଶୁଦ୍ଧ ପାନୀୟ ଜଳ ସେବା,ଟି ପି ସି ଓ ଡି ଏଲ ପକ୍ଷରୁ ବିଜୁଳି ସେବା, ଅଗ୍ନିଶମ ସେବା ସହ ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯାଇଥିଲା କ୍ଷ ରଥାରୂଢ଼ ବିଗ୍ରହ ମାନଙ୍କୁ ଭକ୍ତ ଶ୍ରଦ୍ଧାଳୁ ମାନେ ଆନନ୍ଦରେ ଆଇ ଆଇ ସି, ସଦର ଆଦର୍ଶ ଥାନା ଶ୍ରୀ ସଞ୍ଜୟ କୁମାର ନାୟକ ଙ୍କ ତତ୍ୱାବଧାନରେ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ଭକ୍ତ ଶ୍ରଦ୍ଧାଳୁ ମାନେ ହରିବୋଲ ହୁଳହୁଳି ମଧ୍ୟରେ ରଥ ମାଉସୀ'ମା ଜାଗେଶ୍ୱରୀ ମନ୍ଦିରରେ ପହଂଚି ଥିଲା କ୍ଷ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ତତ୍ୱାବଧାନରେ ସୂଚନା କେନ୍ଦ୍ର ଖୋଲାଯାଇ ମହାପ୍ରଭୁଙ୍କ ରଥଟଣା କାର୍ଯ୍ୟ ସୂଚୀ ତଥା ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ, ଶ୍ରୀ ଜଗନ୍ନାଥ ଜଣାଣ ବିକ୍ରୟ କରାଯିବା ସହ ସଫଳ କାହାଣୀ ନିୟୁକ୍ତ ବୁଲେଟିନ ପୁସ୍ତିକା 'ପ୍ରଗତି ପ୍ରବାହ 'ବ[ନ କରାଯାଇଥିଲା କ୍ଷ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶହଶହ ଭକ୍ତ ଶ୍ରଦ୍ଧାଳୁ, ସହରର ମାନ୍ୟ ଗଣ୍ୟ ବ୍ୟକ୍ତି, ବହୁ ବୁଦ୍ଧିଜୀବୀ,ତ୍ରିସ୍ତରୀୟ ପଂଚାୟତିରାଜ ପ୍ରତିନିଧି, ଗଣ ମାଧ୍ୟମ ପ୍ରତିନିଧି ସମେତ ବହୁ ସଂଖ୍ୟାରେ ଜନ ସମାବେଶ ହୋଇଥିଲା ।

# ମାନ୍ଧାତା ଭକ୍ତି କ୍ଷେତ୍ରରେ ଘୋଷ ଯାତ୍ରା

ଲଙ୍ଗଳେଶ୍ୱର (ନି.ପ୍ର )ବାଲିଆପାଳ ବ୍ଲକ ମାନ୍ଧାତା ବଜାର ସ୍ଥିତ ଭକ୍ତି କ୍ଷେତ୍ରରେ ଗୁରୁବାର ପବିତ୍ର ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରଥ ଯାତ୍ରା ପାଇଁ ଆଜି ପ୍ରତ୍ୟୁଷ ରୁ ଶ୍ରୀ ଜୀଉ ମାନଙ୍କର ସମସ୍ତ ନୀତି କାନ୍ତି ଅନୁଷ୍ଠିତ ହୋଇଛି । ଅପରାହ୍ନ କୁ ଚକ୍ରରାଜ ସୁଦର୍ଶନ, ବଳଭଦ୍ର , ସୁଭଦ୍ରା, ଜଗନ୍ନାଥ ଚତୁର୍ଦ୍ଧାମୂର୍ତିଙ୍କୁ ମନ୍ଦିରରୁ ଗୋଟି ପହଣ୍ଡିରେ ବିଜେ କରି ରଥାରୋଢ଼ ହୋଇ ଥିଲେ । ଶ୍ରୀ ଜଗନ୍ନାଥ ଜୀଉ ନିଯୋଗର ସଭାପତି ଗୋପାଳ କୃଷ୍ଣ ପାତ୍ର ତାଳ ଧ୍ୱଜ, ଦେବ ଦଳନ , ନନ୍ଦିଘୋଷ



ଆଦି ତିନି ରଥରେ ଛେରା ପହଁରା କଲା ପରେ ରଥ ଟଣା ହୋଇ ଥିଲା । ସନ୍ଧ୍ୟାରେ ତିନି ରଥ ମହାବଳା ମାଉସୀବାଡିରେ ପହଂଚି ଥିଲା । ଏଠାରେ ଦେବଦଳନ ରଥକୁ କେବଳ ମହିଳାମାନେ ଟାଣି ଥାନ୍ତି । ମନ୍ଦିରର ମୁଖ୍ୟ ପୂଜକ ମାଧବାନନ୍ଦ ପାଣିଗ୍ରାହୀ, ରାଜଗୁରୁ ଶୁକଦେବ ପାଣିଗ୍ରାହୀ,ପୂଜକ ଜୟା ନନ୍ଦ ଶତପଥୀ, ହରି ହର ସନ୍ଧି ବିଗ୍ରହ, ରଘୁନାଥ ତ୍ରିପାଠୀ, ଶ୍ରୀଜଗନ୍ନାଥ ଜୀଉ ସେବକ ନିଯୋଗ ର ସମ୍ପାଦକ ସନାତନ ପାତ୍ର, ସରୋଜ କୁମାର ତୋଳା, ବ୍ରଜବନ୍ଧୁ ପାତ୍ର, ଅନାଦି ଚରଣ ଗିରି, ମନୁରଞ୍ଜନ ଦାସ, ଡ଼ଃ ବ୍ରଜରାଜ ଦାସ, ଅକ୍ଷୟ କୁମାର ପଣ୍ଡା, ସର୍ବେଶ୍ୱର ପାତ୍ର, ସୁକୁମାର ଦାସ, ଦେବେନ୍ଦ୍ର ଗିରି, ବୈକୁଣ୍ଠ ରାଉତ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବାଲିଆପାଳ ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରା ଯାଇଥିଲା । ମଧ୍ୟାହ୍ନରେ ଭଜନ ଓ ପ୍ରସାଦ ସେବନ ସକାଶେ ଭକ୍ତଙ୍କ ଭିଡ଼ ହୋଇ ଥିଲା ।

# ତୃତୀୟ ଶ୍ରୀକ୍ଷେତ୍ରରେ ରଥାରୁଢ଼ ହେଲେ ଚତୁର୍ଦ୍ଧାମୂର୍ତି: ଆଜି ରଥ ଟଣା

ନୀଳଗିରି(ନି.ପ୍ର) ଆଷାଢ ଦ୍ୱିତୀୟା ହେଉଛି କୋଟିଓଡ଼ିଆଙ୍କ ମଉଡମଣି ଜଗତରନାଥ ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ । ଏହି ପବିତ୍ର ଘୋଷଯାତ୍ରା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଅପରାହ୍ନ ପ୍ରାୟ ୪ଟା ସମୟରେ ଝିପିଝିପି ବର୍ଷାରେ ଚତୁର୍ଦ୍ଧାମୂର୍ତୀଙ୍କ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ ନୀତିକାନ୍ତି ସମାପନ ପରେ ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ହୋଇଥିଲା । ପରେ ଧାଡ଼ିପହଣ୍ଡିରେ ବଡ଼ଭାଇ ବଳଭଦ୍ର , ଭଉଣୀ ସୁଭଦ୍ରାଙ୍କ ପହଣ୍ଡିବିଜେ ନୀତି ସମ୍ପନ୍ନପରେ ଶେଷରେ ବିଶ୍ୱବ୍ରହ୍ମାଣ୍ଡର ଅଧିପତି, କୋଟିକୈବଲ୍ୟନାଥ କଳାସାଆନ୍ତ ଘ[ଘ[।, କାହାଳୀ,ଖୋଳତାଳ, ହରିବୋଲ ଧ୍ୱନୀରେ ରଥାରୁଢ଼ ହୋଇଥିଲେ । ଝିପିଝିପି ବର୍ଷାରେ ଭିଜି ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ପହଣ୍ଡିବିଜେ




ନୀତି ଦର୍ଶନ କରିଥିଲେ । ତେବେ ସ୍ଥାନୀୟ ପରମ୍ପରା ଅନୁଯାୟୀ ନୀଳଗିରି ରଥଯାତ୍ରା ତିନିଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମଦିବସରେ ଚତୁର୍ଦ୍ଧାମୂର୍ତୀ ପହଣ୍ଡିରେ ଯାଇ ରଥଉପରେ ଉପବେଶନ ପୂର୍ବକ ରାତ୍ରିଯାପନ କରିବେ । ଆଜି ପ୍ରଥମଦିବସର ରଥଟଣା କାର୍ଯ୍ୟକ୍ରମ ସମାପନପରେ ଚତୁର୍ଦ୍ଧାମୂର୍ତୀ ଅଧାରାସ୍ତାରେ ଅଟକିବେ । ଆଜିର ଏହି ପହଣ୍ଡିବିଜେ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ,ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ, ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ବିଡ଼ିଓ ବିକ୍ରମକେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ବାଲେଶ୍ୱର ଆଡିସନାଲ ଏସପି ପ୍ରମୋଦ ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବହୁସଂଖ୍ୟାରେ ପୋଲିସଫୋର୍ସ ମୁତୟନରହି ଶାନ୍ତିଶୃଙ୍ଖଳା ରକ୍ଷାକରିଥିବା ଦେଖିବାକୁ ମିଳିଥିଲା ।

# ଧାମନଗର ରେ ମା' ବାସନ୍ତୀ ଦୁର୍ଗା ଟ୍ରଷ୍ଟ ଓ ଗୃହ ନିର୍ମାଣ କାର୍ଯ୍ୟକୁ ନେଇ ପ୍ରଶାସନିକ ସ୍ୱଷ୍ଟୀକରଣ

ଧାମନଗର (ନି.ପ୍ର.): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନ ଶ୍ୟାମପୁର ମୌଜାର ଖାତା ନଂ-୯୮୪, ପ୍ଲଟ ନଂ-୨୫୬୮ ଓ ୨୬୮୨ ଜମିକୁ ନେଇ ଚାଲିଥିବା ବିବାଦ ଉପରେ ପ୍ରଶାସନ ପକ୍ଷରୁ ସ୍ୱଷ୍ଟୀକରଣ ପ୍ରକାଶ ପାଇଛି । ଉକ୍ତ ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ କେତେକ ବ୍ୟକ୍ତି ବେଆଇନ ଦର୍ଶାଇ ଅଭିଯୋଗ ଆଣିଥିଲେ, ଯାହାକୁ ଭିତି କରି ପୂର୍ବରୁ ପ୍ରଶାସନ ପକ୍ଷରୁ ଏକ ରିପୋର୍ଟ ଦାଖଲ କରାଯାଇଥିଲା । ଏ ନେଇ ବାସନ୍ତୀ ଦୁର୍ଗା ଟ୍ରଷ୍ଟ ପକ୍ଷରୁ ସଭାପତି କୈଳାଶ ମହାପାତ୍ର ଓ ସମ୍ପାଦକ ନାରାୟଣ ଚନ୍ଦ୍ର ମହାପାତ୍ର ଅଭିଯୋଗ କରିଥିଲେ ।ତେବେ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ରାଜସ୍ୱ ନିରୀକ୍ଷକ ଏବଂ ରାଜସ୍ୱ ସୁପରଭାଇଜର ଙ୍କ ଦ୍ୱାରା ମିଳିତ ତଦନ୍ତ କରାଯାଇଥିଲା । ତଦନ୍ତ ରିପୋର୍ଟ ରୁ ଜଣାପଡିଛି ଯେ, ଉକ୍ତ ଜମି 'ବାସନ୍ତୀ ଠାକୁରାଣୀ ବିଜେ ନିଜଗଡ଼' ନାମରେ ରେକର୍ଡଭୁକ୍ତ । ଏହି ଜମିର ମାର୍ଫତଦାର ଭାବେ 'ମା' ବାସନ୍ତୀ ଦୁର୍ଗା ଟ୍ରଷ୍ଟ' କାର୍ଯ୍ୟ କରୁଛି । ଟ୍ରଷ୍ଟର ସଭାପତି ଓ ସମ୍ପାଦକଙ୍କ ଅନୁଯାୟୀ, କମିଟିର ସମସ୍ତ ସଦସ୍ୟଙ୍କ ମିଳିତ ନିଷ୍ପତି କ୍ରମେ ହିଁ ଏହି ନିର୍ମାଣ କାର୍ଯ୍ୟ କରାଯାଉଛି ।ଅନ୍ୟପକ୍ଷରେ, ଧର୍ମେନ୍ଦ୍ର ଦାସ ନାମକ ଜଣେ ବ୍ୟକ୍ତି ଏହି ନିର୍ମାଣକୁ ବଳପୂର୍ବକ ଓ ବେଆଇନ ଦର୍ଶାଇ ଅଭିଯୋଗ କରିଥିଲେ । କିନ୍ତୁ, ପ୍ରଶାସନିକ ତଦନ୍ତ ଓ ଟ୍ରଷ୍ଟ କର୍ମକର୍ତାଙ୍କ ସହ ଆଲୋଚନା ପରେ ଏହା ସ୍ୱଷ୍ଟ ହୋଇଛି ଯେ, ନିର୍ମାଣ କାର୍ଯ୍ୟ ମାର୍ଫତଦାର ମାନଙ୍କ ମଧ୍ୟରେ ବୁଝାମଣା ଅନୁଯାୟୀ ଚାଲିଛି । ତେଣୁ, ଏହାକୁ ବେଆଇନ କହିବା ଯଥାର୍ଥ ନୁହେଁ ବୋଲି ରିପୋର୍ଟ ତହସିଲଦାର ଙ୍କୁ ପ୍ରଦାନ ପରେ ଏହି ଘଟଣା କ୍ରମକୁ ନେଇ ଧାମନଗର ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର୍ ୩୬୪୪/୨୬ ତା ୧୩/୭/ ୨୬ ରିଖରେ ଭଦ୍ରକ ଉପ-ଜିଲ୍ଲାପାଳଙ୍କୁ ଏକ ସବିଶେଷ ରିପୋର୍ଟ ପ୍ରଦାନ କରାଯାଇଛି । ପୂର୍ବରୁ ଦାଖଲ କରାଯାଇଥିବା ରିପୋର୍ଟକୁ ପ୍ରତ୍ୟାହାର କରି ନୂତନ ତଥ୍ୟ ଆଧାରିତ ମିଳିତ ତଦନ୍ତ ରିପୋର୍ଟ ଦାଖଲ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଫଳରେ, ଶାନ୍ତିଶୃଙ୍ଖଳା ଭଙ୍ଗ ହେବାର ଆଶଙ୍କା ନଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ସମସ୍ତ ଙ୍କ ସହଯୋଗରେ ମା ବାସନ୍ତୀ ଦୁର୍ଗା ଙ୍କ ଉନ୍ନୟନ କାର୍ଯ୍ୟ ଚାଲିଛି ବୋଲି ଟ୍ରଷ୍ଟ ର ସମ୍ପାଦକ ନାରାୟଣ ଚନ୍ଦ୍ର ମହାପାତ୍ର କହିଛନ୍ତି ।

# ଧାମନଗର ଅଂଚଳର ବିଭିନ୍ନ ସ୍ଥାନରେ ଘୋଷଯାତ୍ରା

ଧାମନଗର (ନି.ପ୍ର.) :ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଙ୍କ ଘୋଷଯାତ୍ରା ଗୁରବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକର ଧାମନଗର, ଗୋହିରାଟିକିରି, ଆନନ୍ଦପୁରସ୍ଥିତ ଜଗନ୍ନାଥ ମନ୍ଦିର, ଦୋବଲ ବଜାର, ଜାହାଙ୍ଗୀର, ଅସୁରାଳି ,କୋଠାର, କୋଳେଇପଦା, ସୋଧ, ଚୁଡାକୁଟି, ଗୋବିନ୍ଦପୁର, ନଦୀଗାଁ, ରାଧାବଲ୍ଲଭପୁର, ଗୁହାଳିଆ ,ଇଛଦା ଆଦି ସ୍ଥାନ ମାନଙ୍କରେ ମହାପ୍ରଭୁ ଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି । ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପୂଜାର୍ଚ୍ଚନା କରାଯିବା ପରେ ପହଣ୍ଡି ବିଜେ କରି ତିନି ଦିଅ ରଥା ରୁଢ ହୋଇଥିଲେ । ରଥରେ ତିନି ଠାକୁରଙ୍କୁ ରିତିନିତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ଶ୍ରଦ୍ଧାଳୁ ମାନେ ରଥଟାଣି ମାଉସୀ ମା ବାଡ଼ି କୁ ନେଇଥିଲେ ।ସେହିପରି ରଥଯାତ୍ରା ପାଇଁ ବିଭିନ୍ନ ସ୍ଥାନରେ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ଅବସରରେ ବିଭିନ୍ନ ସ୍ଥାନରେ ଭଜନ କୀର୍ତନ, ସାଂସ୍କୃତିକ



କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଛି ।ପ୍ରକାଶ ଥାଉକି ଲଘୁଚାପ ଜନିତ ବର୍ଷା ଦିନ ତମାମ ହେଉଥିବା ବେଳେ ବିଭିନ୍ନ ସ୍ଥାନ ରେ ଭକ୍ତ ମାନେ ବର୍ଷା କୁ ଖାତିରି ନ କରି ଭକ୍ତି ଭାବରେ ରଥ କୁ ଟାଣି ଟାଣି ନେଇଥିଲେ ।

# ବାଲିଆପାଳ ଶ୍ରଦ୍ଧା କ୍ଷେତ୍ରରେ ରଥଯାତ୍ରା ଅନୁଷ୍ଠିତ

ବାଲିଆପାଳ,(ନି.ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ଶ୍ରଦ୍ଧା କ୍ଷେତ୍ରରେ ଗୁରୁବାର ରଥଯାତ୍ରା ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ସକାଳ ପାଗ ପ୍ରତିକୂଳ ଓ ଓପର ବେଳା ରଥ ଟଣା ବେଳକୁ ପାଗ ଅନୁକୂଳ ଥିବାରୁ ବାଲିଆପାଳ ବଡ଼ ଦାଣ୍ଡରେ ଭକ୍ତଙ୍କ ପ୍ରବଳ ଭିଡ଼ ପ୍ରାୟ ୫୦ ହଜାରରୁ ଅଧିକ ଭକ୍ତଙ୍କ ଗହଳି ହୋଇଥିଲା ।ରାତ୍ର ୮ ଟାରେ ବାଲିଆପାଳ ବସଷ୍ଟାଣ୍ଡ ସ୍ଥିତ ମାଉସୀ ମା ମନ୍ଦିରରେ ପହଂଚିଥିଲା ।ଏଠାରେ ମାତା ସୁଭଦ୍ରାଙ୍କ ରଥକୁ କେବଳ ମହିଳା ମାନେ ସବୁ ବର୍ଷ ପରି ଚଳିତ ବର୍ଷ ମଧ ଟାଣିଥିଲେ । ଆଜି ବ୍ରାହ୍ମ ମୁହୂର୍ତରୁ ମନ୍ଦିରର ପୂଜା ପଣ୍ଡା ମାନେ ଶ୍ରୀ ଜୀଉ ମାନଙ୍କର ନୀତି କାନ୍ତି ସମାପନ ପରେ ଅପରାହ୍ନ ୫ଟାରେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ବଡ଼ ଭାଇ ବଳଭଦ୍ର,ଭଉଣୀ ସୁଭଦ୍ରା ଓ ଶେଷରେ । ବଡ଼ ଠାକୁର ଜଗନ୍ନାଥଙ୍କୁ ଗୋଟି ପହଣ୍ଡିରେ



ରଥାରୂଢ କରାଯାଇଥିଲା । ମନ୍ଦିର ବଡ ପଣ୍ଡା ବିଷ୍ଣୁ ଦାସ ରଥରେ ତିନି ଠାକୁରଙ୍କ ଛେରା ପହଁରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଭାପତି ବ୍ରଜମୋହନ ଭୂୟାଁ, ସମ୍ପାଦକ ପ୍ରଫୁଲ୍ଲ ସାହୁ,ମନ୍ଦିର ପରିଚାଳନା କମିଟି ସଦସ୍ୟ ସୁଶାନ୍ତ ଚକ୍ରବର୍ତୀ, ପୂର୍ବତନ ସରପଂଚ ମଧୁସୂଦନ ବାରିକ,ମୁରଲୀ ମୋହନ ସାହୁ ,ପ୍ରିୟନାଥ ସେଠୀ, ମଧୁସୂଦନ ସାହୁ,ସୁଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରଥ ଟଣା କାର୍ଯ୍ୟକୁ ପରିଚାଳନା କରିଥିଲେ ।ବିଧାୟିକା ସୁବାସିନୀ ଜେନା ମଧ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଅନୁଧାନ କରିଥିଲେ । ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ବେଳେ ବସ୍ତା ଏସଡିପିଓ ସମର୍ଥ କୁମାର ବେହେରା , ଆଇ ଆଇସି ସାଲଖାନ ମୁର୍ମୁ ,ଏସ ଆଇ ସସ୍ମିତା ପାଲଙ୍କ ସହିତ ପାଂଚ ପ୍ଲାଟୁନ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ହୋଇଥିଲେ ।ପୂର୍ବାହ୍ନରେ ସତ୍ୟସାଇ ସେବା ସଂଗଠନର କର୍ମକର୍ତା ଓ ବାଲିଆପାଳ ଲାୟନ୍ସ କ୍ଲବର ସଦସ୍ୟ ମାନେ ଶ୍ରଦ୍ଧା କ୍ଷେତ୍ର ଜଗନ୍ନାଥ ମନ୍ଦିର ଠାରୁ ବାଲିଆପାଳ ବସ ଷ୍ଟାଣ୍ଡ ସ୍ଥିତ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ସଫେଇ କରି ପରିଷ୍କାର କରିଥିଲେ ।ସନ୍ଧ୍ୟାରେ ବିଭିନ୍ନ ସଂଗଠନ ପକ୍ଷରୁ ଖେଚୁଡ଼ି, ଦହି ସରବତ ଆଦି ବ[ନ କରିଥିଲେ ।

# ଖଡିଆଳ ସହରରେ ତିନି ମନ୍ଦିରରୁ ପବିତ୍ର ଶ୍ରୀ ଗୁଣ୍ଡିଚା ଯାତ୍ରା ପାଇଁ ଖଡ଼ିଆଳ ରାଜା ଦେବ ଦେବ ସିଂ ଦେଓଙ୍କ ରଥଯାତ୍ରାରେ ଛେରା ପହରା

ନୂଆପଡ଼ା,(ନି.ପ୍ର) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଜଗତର ନାଥ ଜଗନ୍ନାଥ ଙ୍କ ପବିତ୍ର ଶ୍ରୀ ଗୁଣ୍ଡିଚା ଯାତ୍ରା ପାଇଁ ଖଡିଆଳ ସହରେ ତିନି ମନ୍ଦିରରୁ ପବିତ୍ର ଶ୍ରୀ ଗୁଣ୍ଡିଚା ଯାତ୍ରା ପାଇଁ ଖଡ଼ିଆଳ ରାଜା ଦେବ ଦେବ ସିଂ ଦେଓ ରଥଯାତ୍ରା ରେ ଛେରା ପହରା ତିନି ରଥରେ ସାରିଲା ପରେ ରଥଯାତ୍ରା ଆରମ୍ଭ ହେଲା । ତିନି ମନ୍ଦିର ପରିଚାଳନା କମିଟି ବଡ଼ ପଣ୍ଡା, ସେବାୟତ ଗହଣ ରେ ରାଜା ସାହେବ ଦେବେ ସିଂ ଦେଓ ପ୍ରଥମେ ବଡ ଦଧିବାମନ ମନ୍ଦିର ରେ ପହଂଚି ଛେରା ପହରା ସାରି ଜଗନ୍ନାଥ ମହାପ୍ରଭୁ ଙ୍କୁ ରଥାରୂଢ଼ ସାରି । ପତିତପାବନ ମନ୍ଦିର ରେ ଛେରା ପହରା, ପତିତପାବନ ଜଗନ୍ନାଥ ମହାପ୍ରଭୁଙ୍କ ରଥାରୂଢ଼ ଭକ୍ତଙ୍କ ଦର୍ଶନ ନିମନ୍ତେ ପ୍ରଭୁଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ । ଖଡ଼ିଆଳ ରେ ଅନନ୍ୟା ଜଗନ୍ନାଥ ସଂସ୍କୃତି । ତିନି ଗୋଟି ମନ୍ଦିର ରୁ ତିନି ଠାକୁର ତିନି ଅବତାର ରେ ରଥାରୂଢ଼ ହୋଇଥାନ୍ତି । ଦଧିବାମନ ମନ୍ଦିର ରେ ବାମନ ଅବତାର ରେ ପୂଜା ପାଉଥିବା ବେଳେ ସାନ ଗୁଡ଼ି ରେ ପତିତପାବନ ଅବତାର ଏବଂ ମଝିଆ ଗୁଡି ରେ ଚତୁର୍ଦ୍ଧା ମୂର୍ତି ମାଁ ସୁଭଦ୍ରା ବିଜେ କରିଥାନ୍ତି ତେଣୁ ସୁଭଦ୍ରା ରଥ କୁ ବିଶେଷ ଭାବରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ମହିଳା ଭକ୍ତ ମାନେ ରଥ ଟାଣିକି ମାଉସୀ ମନ୍ଦିର ଯାଏ ଆଣିଥିଲେ । ମଝିଆ ଗୁଡି ଠାରେ ଚତୁର୍ଦ୍ଧା ମୂର୍ତି ଙ୍କ ପୂଜା, ଯୋଡ଼ା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥାରୂଢ଼ ପାଇଁ ରାଜା ଦେବ ଦେବ ସିଂ ଦେଓ ଛେରା ପହରା ପରେ ଖଡିଆଳ ବଡ଼ଦାଣ୍ଡରେ ରଥଟାଣ ଯାଉଅଛି । ନୂଆପଡ଼ା ଜିଲ୍ଲା ର ଖଡ଼ିଆଳ ରେ ଅନନ୍ୟା ଜଗନ୍ନାଥ ସଂସ୍କୃତି । ତିନି ଗୋଟି ମନ୍ଦିର ରୁ ତିନି ଠାକୁର ତିନି ଅବତାର ରେ ରଥାରୂଢ଼ ହୋଇଥାନ୍ତି । ଏଣୁ ଚଳିତ ବର୍ଷ ହଜାର ହଜାର ଭକ୍ତ ସମାଗମ ହୋଇଥିଲା । ପ୍ରବଳ ଭିଡ଼ରେ ଅନେକ ସ୍ତାଷ୍ଟ ମାନେ ଭକ୍ତ ମାନଙ୍କୁ ପାନୀୟ ଜଳ ସହିତ ଭୋଗ ଓ ଜଳଖିଆ ର ସୁ ବ୍ୟବସ୍ଥା କରାଯାଇଥିଲା । ଖଡିଆଳ ପୋଲିସ ପ୍ରଶାସନ ମଧ ଭଲ ପ୍ରହରା ଦେବା ସହ ଏସ ଡି ପିଓ , ଆଇ ଆଇ ସି ନିଜେ ରଥ ପାଖରେ ନିରୀକ୍ଷଣ କରୁଥିବାର ଦେଖିବାକୁ ମିଳିଛି । ବିପଦକୁ ଆଶଙ୍କା ରଖି ଲାଇନ୍ କଟ କରାଯାଇ ସୁରୁଖୁରୁରେ ପ୍ରଭୁ ଜଗନ୍ନାଥ ଙ୍କ ରଥଯାତ୍ରା ସମାପନ ହୋଇଛି ।

# ଦିଲ୍ଲୀରେ ରଥଯାତ୍ରାରେ ଯୋଗ ଦେଲେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ



ନୂଆଦିଲ୍ଲୀ : ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ଦିଲ୍ଲୀରେ ଆୟୋଜିତ ରଥଯାତ୍ରାରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗଦେଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଏହି ଅବସରକୁ ସେ ନିଜ ପାଇଁ ତାଙ୍କ ପାଇଁ ଏକ ମହାନ ସୌଭାଗ୍ୟ ବୋଲି ବର୍ଣ୍ଣନା କରିଛନ୍ତି । ରାଜନାଥ ସିଂହ କହିଛନ୍ତି ଯେ, ମହାପ୍ରଭୁଙ୍କ କୃପା ସମସ୍ତ ଭକ୍ତଙ୍କ ଉପରେ ସଦା ବର୍ଷିତ ହେଉ । ସେ ରଥଯାତ୍ରାକୁ ଏକ ଅନନ୍ୟ, ଅଦ୍ଭୁତ ଓ ବିଲକ୍ଷଣ ପର୍ବ ବୋଲି ଉଲ୍ଲେଖ କରିଥିଲେ । ସେ କହିଛନ୍ତି ଯେ, ଏହି ପବିତ୍ର ଦିନରେ ଭଗବାନ ସ୍ୱୟଂ ନିଜ ମନ୍ଦିରରୁ ବାହାରି ଭକ୍ତମାନଙ୍କ ମଧ୍ୟରେ, ସାଧାରଣ ଲୋକଙ୍କ ମଧ୍ୟରେ ବିଚରଣ କରନ୍ତି । ଏହା ଭକ୍ତଙ୍କ ପ୍ରତି ଭଗବାନଙ୍କ ଅପାର ପ୍ରେମର ପ୍ରତୀକ ଓ ଏପରି ଦୃଶ୍ୟ ଅନ୍ୟ କୌଣସି ସଂସ୍କୃତିରେ ଦେଖିବାକୁ ମିଳିବା କଠିନ । ରଥଯାତ୍ରା ବେଳେ "ଜୟ ଜଗନ୍ନାଥ" ଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଯାଇଥିଲା । ରାଜଧାନୀ ଦିଲ୍ଲୀରେ ମଧ୍ୟ ରଥଯାତ୍ରା ପ୍ରତି ଭକ୍ତମାନଙ୍କ ଅପାର ଆସ୍ଥା ଓ ଉତ୍ସାହ ପ୍ରକାଶ ପାଇଥିଲା ।

# ଦଶରେ ୧୦୦ଟି ଜଳବାୟୁ ଅନୁକୂଳ ଗ୍ରାମ ବିକଶିତ କରିବ କୃଷି ମନ୍ତ୍ରଣାଳୟ : ମନ୍ତ୍ରୀ ଶିବରାଜ ସିଂ ଚୌହାନ



ନୂଆଦିଲ୍ଲୀ : କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ଯେ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଦେଶରେ ୧୦୦ ଟି ଜଳବାୟୁ ସ୍ମାର୍ଟ ଗ୍ରାମ ବିକଶିତ କରାଯିବ । ଏହି ଗ୍ରାମଗୁଡ଼ିକରେ ଜଳବାୟୁ-ସ୍ମାର୍ଟ ଚାଷ, ସମନ୍ୱିତ କୃଷି ମଡେଲ, ଜଳ ଏବଂ ମୃତିକା ସଂରକ୍ଷଣ ଏବଂ ବିପଦ ହ୍ରାସ କରାଯିବ ଯାହା ଦ୍ୱାରା କୃଷକମାନେ ପରିବର୍ତ୍ତିତ ଜଳବାୟୁରେ ମଧ୍ୟ ନିରାପଦ ଏବଂ ଲାଭଦାୟକ ଚାଷ ଅଭ୍ୟାସ କରିପାରିବେ । ଆଇସିଏଆର ପ୍ରତିଷ୍ଠାର ୧୦୦ତମ ବାର୍ଷିକୀ ଅବସରରେ ଗୁରୁବାର ଦିନ ପୁସାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଚୌହାନ ମନ୍ତ୍ରଣାଳୟର ରୋଡମ୍ୟାପ ସେୟାର କରିଥିଲେ । ସେ କହିଥିଲେ ଯେ ଆଗାମୀ ଦୁଇ ବର୍ଷ ମଧ୍ୟରେ 'ୱାନ୍ ଇନଷ୍ଟିଚ୍ୟୁଟ୍-ୱାନ୍ ଗ୍ରାଂଟ ଇନୋଭେସନ୍ 'ଅଧୀନରେ ଅତିକମ୍ରେ ଗୋଟିଏ ପରିବର୍ତ୍ତନକାରୀ ପ୍ରଯୁକ୍ତି କିମ୍ବା ସମାଧାନ ଦେବାକୁ ପଡ଼ିବ, ଯାହାର ଜାତୀୟ ସ୍ତରରେ ବ୍ୟାପକ ପ୍ରଭାବ ପଡ଼ିବ । ଏହି ନବସୃଜନ କୃଷକମାନଙ୍କ ଜୀବନରେ ପ୍ରକୃତ ପରିବର୍ତ୍ତନ ଆଣିବ-ତାହା ନୂତନ ପ୍ରକାରର ଫସଲ ହେଉ, ଟିକା ହେଉ, ଡିଜିଟାଲ ଉପକରଣ ହେଉ, କିମ୍ବା ଜଳବାୟୁ-ସ୍ମାର୍ଟ କୃଷି ମଡେଲ ହେଉ । ସେ କହିଥିଲେ ଯେ ୧୦୦ତମ ପ୍ରତିଷ୍ଠା ବର୍ଷ ସୁଦ୍ଧା ଆଇସିଏଆର ନିଜର ବୈଜ୍ଞାନିକ କୌଶଳ, ନବସୃଜନ ଏବଂ ଆଧୁନିକ କୃଷି ସମାଧାନ ଜରିଆରେ ଅତିକମ୍ରେ ୧୦ କୋଟି କୃଷକଙ୍କ ନିକଟରେ ପହଂଚିବାର ଲକ୍ଷ୍ୟ ରଖିବା ଉଚିତ । ସେ ଏହାକୁ ଏକ ବିକଶିତ ଭାରତ ୨୦୪୭ ପାଇଁ ଏକ ବିକଶିତ କୃଷି ଏବଂ ସମୃଦ୍ଧ କୃଷକ ଦିଗରେ ସବୁଠାରୁ ବଡ଼ ଏବଂ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ । କୃଷକମାନଙ୍କ ମଧ୍ୟରେ ଆଇସିଏଆର ପ୍ରତିଷ୍ଠା ଦିବସ ପାଳନ କରିବା ପାଇଁ ଏକ ପନ୍ଦର ଦିନ ଯୋଜନା କରାଯିବା ଉଚିତ ଯେଉଁଥିରେ ପ୍ରତ୍ୟେକ କୃଷକ ବିକାଶ କେନ୍ଦ୍ର ଅତି କମରେ ୧୦୦ ଟି ଗାଁକୁ ଯାଇ ଏହାର ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟାପକ ସ୍ତରରେ ପ୍ରଦର୍ଶନ କରିବା ଉଚିତ୍ ।



# ଜଗନ୍ନାଥ ସର୍ଭିସ୍ ଷ୍ଟେସନର ଘୋଷଯାତ୍ରା ଅନୁଷ୍ଠିତ ମାଉସୀମା ମନ୍ଦିରରେ ତିନି ଠାକୁର





ବାଲେଶ୍ୱର : ଭକ୍ତିମୟ ପରିବେଶରେ ବାଲେଶ୍ୱର ସହର ଠାରୁ ସମଗ୍ର ପୁରପଲ୍ଲୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ପାଳନ କରାଯାଇଛି । ସେହିପରି ଶେରଗଡ଼ ଠାରେ ଥିବା ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ ପକ୍ଷରୁ ଚଳିତ ବର୍ଷ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପାଳନ କରାଯାଇଛି । ଆଜିକୁ ଦୀର୍ଘ ୨୨ ବର୍ଷ ଧରି ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ କର୍ତ୍ତୃପକ୍ଷ ଆଡ଼ମ୍ବର ସହକାରେ ମହାପ୍ରଭୁଙ୍କ ରଥଯାତ୍ରା ପାଳନ କରି ଆସୁଛନ୍ତି । ଚଳିତ ବର୍ଷ ଏଠାରେ ଶ୍ରୀ ଶ୍ରୀ ପତିତପାବନ ଜଗନ୍ନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହେବା ପରେ ମହାପ୍ରଭୁଙ୍କର ନେତ୍ରଉତ୍ସବ, ନବ ଯୌବନ ବେଶ ଦର୍ଶନ ଅନୁଷ୍ଠିତ ହୋଇଥିଲା । ଭକ୍ତମାନେ ମହାପ୍ରଭୁଙ୍କ ନବ ଯୌବନ ବେଶ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ । ପୂର୍ବ ପରମ୍ପରା ଏବଂ ନିର୍ଘଂଟ ଅନୁସାରେ ମନ୍ଦିରରେ ସୁଦର୍ଶନ, ବଡ଼ ଠାକୁର ଶ୍ରୀ ବଳଭଦ୍ର, ଦେବୀ ଶୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କର ନୀତିକାନ୍ତି ପୂଜା କରାଯାଇଥିଲା । ଅପରାହ୍ନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରାଯାଇଥିଲା । ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ବଳଭଦ୍ର ଓ ଶେଷରେ କାଳିଆ ସାଆନ୍ତଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା । ସେହପରି ମହିଳା ଭକ୍ତ ମାନେ ଦେବୀ ସୁଭଦ୍ରାଙ୍କୁ ପହଣ୍ଡି କରି ରଥ ନିକଟକୁ ଆଣିଥିଲେ । ସେବାୟତ ମାନେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନଚାଇ ନଚାଇ ରଥକୁ ନେବା ଦୃଶ୍ୟ ବେଶ୍ ମନୋରମ ଥିଲା । ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍‌ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଲକ୍ଷ୍ମୀ ନାରାୟଣ ମହାନ୍ତି ଛେରା ପହଁରା କରିବା ସହ ସମସ୍ତଙ୍କର ସୁଖ, ସମୃଦ୍ଧି କାମନା କରିଥିଲେ । ଘଂଟ, ଘଂଟା, ଢୋଲ, ମହୁରୀ ଏବଂ ଭଜନ, କୀର୍ତ୍ତନ ସମଗ୍ର ଅଂଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ପରେ ଡକ୍ଟର ମହାନ୍ତି ରଥ ଅନୁକୂଳ କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ୬ଚକ ବିଶିଷ୍ଟ ୧୬ ଫୁଟ୍ ରଥରେ ବିରାଜମାନ ଠାକୁରଙ୍କୁ ଭକ୍ତମାନେ ଟାଣି ଟାଣି ନେଇଥିଲେ ଗଉଡୁଣୀ ପୋଖରୀ ନିକଟରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିରରେ ହୋଇଥିବା ମାଉସୀ ମା'ଙ୍କ ଘରକୁ । ସୁସଜ୍ଜିତ ବେଶରେ ତିନି ଠାକୁରଙ୍କୁ ଦେଖିବା ସହ ରଥ ଟାଣିବା ପାଇଁ ଆଖପାଖ ଅଂଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା ଜାତୀୟ ରାଜପଥରେ । ଡକ୍ଟର ମହାନ୍ତିଙ୍କ ସହଧର୍ମିଣି ନିର୍ଦ୍ଦେଶିକା ରଶ୍ମିତା ମହାନ୍ତି, ଦୁଇପୁତ୍ର ଦିବ୍ୟଜ୍ୟୋତି ମହାନ୍ତି ଓ ଜ୍ୟୋତିରାଦିତ୍ୟ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସଂପାଦିତ ହୋଇଥିଲା । ରଥ ଗୁଣ୍ଡିଚା ଘରେ ପହଂଚିବା ପରେ ପୁନର୍ବାର ଛେରାପହଁରା କରାଯାଇ ଠାକୁରଙ୍କୁ ମନ୍ଦିରକୁ ନିଆଯାଇଥିଲା । ମାଉସୀ ବାଡ଼ିରେ ଶ୍ରୀଜୀଉଙ୍କର ୯ଦିନ ପର୍ଯ୍ୟନ୍ତ ବିଭିନ୍ନ ଅବତାର କରାଯିବ । ସେଠାରେ ଭକ୍ତ ମାନଙ୍କୁ ଦର୍ଶନ ଦେଇ ବାହୁଡ଼ା ଦିନ ମହାପ୍ରଭୁ ଫେରି ଆସିବେ ନିଜ ମନ୍ଦିରକୁ । ଫେରିବା ପରେ ସେଠାରେ ସୁନାବେଶ ବେଶ, ଭଜନ ସନ୍ଧ୍ୟା, କୀର୍ତ୍ତନ ସାଂଗକୁ ସାମୁହିକ ପ୍ରସାଦ ସେବନ ଆୟୋଜନ କରାଯିବ ବୋଲି ଡକ୍ଟର ମହାନ୍ତି ସୂଚନା ଦେଇଛନ୍ତି ।

# ନୂଆଦିଲ୍ଲୀ ହାଉଜଖାସ ମନ୍ଦିରରେ ରଥଯାତ୍ରା ଆୟୋଜିତ



ନୂଆଦିଲ୍ଲୀ : ନୂଆଦିଲ୍ଲୀର ହାଉଜଖାସ ଭିଲେଜ ସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ସବୁଠୁ ବୃହତ ଜଗନ୍ନାଥ ମନ୍ଦିରରେ ଅଠଚାଳିଶ ତମ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି । ଏହି ପବିତ୍ର ପର୍ବ ଉପଲକ୍ଷେ ସମଗ୍ର ମନ୍ଦିର ପରିସରକୁ ଭବ୍ୟ ଢଙ୍ଗରେ ସଜାଯାଇଥିବା ଦେଖାଯାଇଥିଲା । ମନ୍ଦିରରେ ବଡ଼ି ଭୋରରୁ ମଙ୍ଗଳ ଆଳତି କରାଯିବା ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏବଂ ନୀତିକାନ୍ତି ବିଧି ମୁତାବକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଏହି ମହାପାର୍ବଣରେ ଦିଲ୍ଲୀ ଓ ଏହାର ଆଖପାଖ ଅଂଚଳର ପାଖାପାଖି ଦେଢ ଲକ୍ଷ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ ସେମାନଙ୍କ ପରିବାର ଓ ପରିଜନଙ୍କ ସହ ଆସି ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । ଏଠାରେ ଦିନ ଦୁଇପହରରେ ଚାରି ଠାକୁରଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନ, ତା'ପରେ ବଡ଼ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ସର୍ବଶେଷରେ ଜଗତର ନାଥ ଜଗନ୍ନାଥଙ୍କୁ ସାହି ରୋଷଣି କରାଯାଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା । ଉପସ୍ଥିତ ଦର୍ଶକମାନଙ୍କ ଦ୍ୱାରା ଘଂଟ, ଶଙ୍ଖ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହଗହ ନାଦ ତଥା ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା ।ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘ ତରଫରୁ ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନଙ୍କର ସକ୍ରୀୟ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼କୁ ନିୟନ୍ତ୍ରଣ କରାଯିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଥିଲା । ଏଠାରେ ମୁଖ୍ୟ ଅତିଥି ଦିଲ୍ଲୀର ଉପରାଜ୍ୟପାଳ ତରଣଜିତ୍ ସିଂହ ସାନ୍ଧୁ ପାରମ୍ପରିକ ଢଙ୍ଗରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ସାଂସଦ ବାଂଶୁରୀ ସ୍ୱରାଜ, ବିଧାୟକ ସତୀଶ ଉପାଧ୍ୟାୟ, ଅନୀଲ ଶର୍ମା, ପୂର୍ବତନ ବିଧାୟକ ସୋମନାଥ ଭାରତୀ,କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ପତ୍ନୀ ମୃଦୁଳା ପ୍ରଧାନଏବଂ ବରିଷ୍ଠ ସାମ୍ବାଦିକ ତଥା ବଡଖବରର ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ କୁମାର ଦାସ ଯୋଗ ଦେଇଥିଲେ । ଅପରାହ୍ନ ଅଢ଼େଇଟାରେ ରଥଟଣା ଆରମ୍ଭ ହୋଇଥିଲା । ୧୮ ଫୁଟ ଉଚ୍ଚତା ବିଶିଷ୍ଟ ରଙ୍ଗାରଙ୍ଗ ରଥ ଉପରେ ରାଜକୀୟ ଠାଣିରେ ଚାରି ଠାକୁରଙ୍କ ବିରାଜମାନର ଦୃଶ୍ୟ ଅଲୌକିକ ଥିଲା । ମହାପ୍ରଭୁଙ୍କ ରଥକୁ ଆନସାରୀ ନଗରକୁ ନିଆଯାଇ ପୁଣି ସନ୍ଧ୍ୟା ସୁଦ୍ଧା ମନ୍ଦିର ବେଢାକୁ ଫେରାଇ ଅଣାଯାଇଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ଭକ୍ତମାନେ ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଦର୍ଶନ କରି , ରଥ ଆଡ଼କୁ ପୁଷ୍ପ ବର୍ଷଣ ଏବଂ ରଥ ବାଡ଼ରେ ନଡ଼ିଆ ଭାଙ୍ଗି ନିଜକୁ ଧନ୍ୟ ଧନ୍ୟ ମନେ କରୁଥିବା ଓ ଭକ୍ତି ଭାବରେ ବିହ୍ୱଳିତ ହେଉଥିବାର ଦୃଶ୍ୟ ମର୍ମସ୍ପର୍ଶୀ ଥିଲା । ରଥ ମନ୍ଦିର ପ୍ରାଙ୍ଗଣକୁ ଫେରିବା ପରେ ସର୍ବସାଧାରଣ ରଥାରୂଢ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଦର୍ଶନ କରିଥିଲେ । ରାତ୍ରିର ବିଳମ୍ବିତ ପ୍ରହରରେ ଠାକୁରମାନଙ୍କୁ ପହଣ୍ଡି କରାଯାଇ ମନ୍ଦିର ବେସମେଂଟରେ ଥିବା ମାଉସୀମା ଘରକୁ ନିଆଯାଇ ସେଠାକାର ସିଂହାସନରେ ଆସୀନ କରାଯାଇଥିଲା । ଆସନ୍ତା ୨୪ ତାରିଖର ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଦିଅଁମାନେ ଏଠାକାର ଆଡ଼ପ ମଣ୍ଡପରେ ପୂଜା ପାଇବେ ବୋଲି ଜଣାଯାଇଛି ।ରଥଯାତ୍ରାର ଜୀବନ୍ତ ଧାରା ବିବରଣୀ ଭଗିରଥ ଝା ଓ ଲକ୍ଷ୍ମୀ ନାରାୟଣ ବେବର୍ତ୍ତା ପ୍ରଦାନ କରିଥିଲେ । ରଥଯାତ୍ରାକୁ ସକ୍ଷମତାର ସହିତ ଆୟୋଜନ ଏବଂ ସଫଳତାର ସହିତ ସମାପନ କରିବାରେ ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଙ୍ଘର ସୁଦକ୍ଷ ସଙ୍ଗଠକ ବୃନ୍ଦ ଯଥା: ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ, କର୍ମକର୍ତ୍ତା ଯଥା: ରବି ପାଣି, ଗଜେନ୍ଦ୍ର ପ୍ରସାଦ ସାମନ୍ତ, ପଙ୍କଜ ମହାନ୍ତି ,ଅଜୟ ପ୍ରଧାନ, କ୍ଷୀରୋଦ ପାତ୍ର, ଅଭୟ ପ୍ରଧାନ, ଅଶୋକ ପ୍ରଧାନ (କ), ଅଶୋକ ପ୍ରଧାନ (ଖ), ଜୀତେନ୍ଦ୍ର ମହାପାତ୍ର,, ନିଷିଦ୍ଧ କୁମାର ଦାସ, ରଙ୍କନିଧି ସାହୁ, ବିଜୟ ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ, ଅମୂଲ୍ୟ ଓଝା, ସୁକାନ୍ତ ସାହୁ, ଉପେନ୍ଦ୍ର ବେହେରା,ଦିଲ୍ଲୀପ ରାଉତ, ବିଧାନ ଜେନା, ଗିରିଧାରୀ ମହାନ୍ତି ଏବଂ ମନ୍ଦିରର ମୁଖ୍ୟ ପରିଚାଳକ ରଶ୍ମିରଞ୍ଜନ ବେହେରା, ସହ-ପରିଚାଳକ ଶଶୀକାନ୍ତ ସାହୁ, ସଞ୍ଜୀବ ଜେନା ତଥା ମନ୍ଦିରର ପୂଜକ ବୃନ୍ଦ ଯଥା: ସନାତନ ପାଢ଼ୀ, ଦେବବ୍ରତ ମିଶ୍ର, ଜଗବନ୍ଧୁ ଦାସ, ପ୍ରେମାନନ୍ଦ ଶତପଥୀ, ସନ୍ତୋଷ ପଣ୍ଡା, କାଳନ୍ଦୀ ଚରଣ ବଡୁ ଓ ପ୍ରଶାନ୍ତ ଦାଶ ପ୍ରମୁଖଙ୍କର ଭୂମିକା ଉଲ୍ଲେଖନୀୟ ଥିଲା ।

# ନୋଏଡ଼ା ସେକ୍ଟର ୬୧ର ସ୍ୱର୍ଣ୍ଣ କ୍ଷେତ୍ରରେ ରଥଯାତ୍ରା ଆୟୋଜିତ





ନୋଏଡା : ନୋଏଡାର ସେକ୍ଟର ୬୧ ସ୍ଥିତ ରୟାଲ ଗାର୍ଡେନ ଇଷ୍ଟେଟ ପରିସରରେ ଅବସ୍ଥିତ ଶ୍ରୀ ସ୍ୱର୍ଣ୍ଣ କ୍ଷେତ୍ର ଠାରେ ମହାସମାରୋହରେ ରଥଯାତ୍ରା ଉତ୍ସବ ପାଳନ କରାଯାଇଥିବା ଜଣାଯାଇଛି । ଏହି ପବିତ୍ର ପାର୍ବଣ ଉପଲକ୍ଷେ ବଡ଼ି ଭୋରରୁ ମନ୍ଦିର ମଧ୍ୟରେ ହୀନ୍ଦୁ ରୀତିନୀତି ଅନୁଯାୟୀ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ସକାଳ ୮ ଟା ସମୟରେ ଠାକୁରମାନଙ୍କର ଘୋଡ଼ାଗାଡ଼ି ରଥକୁ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ପ୍ରଥମ ଥର ପାଇଁ ଏଠାରେ ଆୟୋଜିତ ହେଉଥିବା ରଥଯାତ୍ରାରେ ନୋଏଡାର ସେକ୍ଟର ୬୧, ୫୨, ୫୩ ଓ ୩୩ ରେ ବସବାସ କରୁଥିବା ଓଡ଼ିଆ ଏବଂ ଅଣ-ଓଡ଼ିଆ ପ୍ରାୟ ୨୦୦୦ ଭକ୍ତଙ୍କର ସମାଗମ ଘଟିଥିବା ଦେଖାଯାଇଥିଲା । ହୀନ୍ଦୁ ସମ୍ମିଳନୀ ସମିତି, ରୟାଲ ଗାର୍ଡେନ ଇଷ୍ଟେଟ ମନ୍ଦିର ସମିତି ଓ ସାମୁଦାୟିକ ବିକାଶ ସମିତିର ମିଳିତ ସହଯୋଗରେ ଆୟୋଜିତ ଏହି ଘୋଷଯାତ୍ରାକୁ କେନ୍ଦ୍ର କରି ଉପସ୍ଥିତ ଶ୍ରଦ୍ଧାଳୁ ଓ ସଙ୍ଗଠକ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ ଓ ଉତ୍ସାହ ଦେଖିବାକୁ ମିଳିଥିଲା । ମୁଖ୍ୟ ଆୟୋଜକ ବିଶିଷ୍ଟ ସମାଜସେବୀ ତଥା ପ୍ରସିଦ୍ଧ ଚାଟାର୍ଡ଼ ଆକାଉଂଟାଂଟ ଡକ୍ଟର ମନୋରଞ୍ଜନ ମହାନ୍ତିଙ୍କର ସକ୍ରୀୟ ତତ୍ତ୍ୱାବଧାନରେ ୨୦୦ ସ୍ୱେଚ୍ଛାସେବକଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ କରାଯାଇଥିଲା । ଏଠାରେ ଭାରତ ସରକାରଙ୍କ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛେରା ପହଁରା କାର୍ଯ୍ୟ ବିଧିମୁତାବକ ସମ୍ପନ୍ନ କରିଥିଲେ । ଏହାପରେ ସକାଳ ୮:୩୦ ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଚାରି ଠାକୁର ବିଦ୍ୟମାନ ଥିବା ସୁନ୍ଦର, ସୁଶୋଭିତ ଓ ସୁସଜ୍ଜିତ ଘୋଡ଼ାଗାଡ଼ିଟିକୁ ସେକ୍ଟର ୬୧ ସ୍ଥିତ କମ୍ୟୁନିଟି ସେଂଟର ପର୍ଯ୍ୟନ୍ତ ନିଆଯାଇ ଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଭକ୍ତ ଛିଡ଼ା ହୋଇ ଜଗତର ନାଥ ଜଗନ୍ନାଥଙ୍କର ଦର୍ଶନର ସାନ୍ନିଧ ଲାଭ କରି ନିଜକୁ କୃତକୃତ୍ୟ ମଣୁଥିବାର ଦୃଶ୍ୟ ହୃଦୟସ୍ପର୍ଶୀ ଥିଲା । ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀ ଜଗନ୍ନାଥ, ଶ୍ରୀ ବାଲଭଦ୍ର , ମାତା ସୁଭଦ୍ରା ଓ ଶ୍ରୀ ସୁଦର୍ଶନ ୧୬ ଜୁଲାଇରୁ ୨୪ ଜୁଲାଇ ପର୍ଯ୍ୟନ୍ତ ୯ ଦିନ ଧରି କମ୍ୟୁନିଟି ସେଂଟର ସ୍ଥିତ ମାଉସୀ ମା ଘରେ ରହି ୨୪ ଜୁଲାଇକୁ ବାହୁଡ଼ା ଯାତ୍ରା କରି ରୟାଲ ଗାର୍ଡେନ ସ୍ଥିତ ଶ୍ରୀ ସ୍ୱର୍ଣ୍ଣ କ୍ଷେତ୍ର ମନ୍ଦିରକୁ ଫେରିବେ ବୋଲି ଜଣାଯାଇଛି ।

# ବିଶାଖାପାଟଣାଠାରେ ରଥଯାତ୍ରା ଆୟୋଜନ





ବିଶାଖାପାଟଣା : ବିଶାଖାପାଟଣାର ଡସପଲ୍ଲା ପାହାଡ଼ିରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ପର୍ବ ମହାସମାରୋହରେ ପାଳନ କରାଯାଇଥିବା ଜଣାଯାଇଛି । ମନ୍ଦିର ପରିଚାଳନା କମିଟି ଉତ୍କଳ ସାଂସ୍କୃତିକ ସମାଜ ଦ୍ୱାରା ଆୟୋଜିତ ଏହି ଭବ୍ୟ ମହୋତ୍ସବକୁ କେନ୍ଦ୍ରକରି ଉପସ୍ଥିତ ଶ୍ରଦ୍ଧାଳୁ ଓ ସଙ୍ଗଠକମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ, ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା । ଏଠାରେ ବଡ଼ି ଭୋରରୁ ମୁଖ୍ୟ ମନ୍ଦିରରେ ଠାକୁରମାନଙ୍କର ଯଥାରୀତି ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ସମାଜସେବୀ, ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡର ଉପ-ସଭାପତି ତଥା ଉତ୍କଳ ସାଂସ୍କୃତିକ ସମାଜର ସଭାପତି ଜୀତେନ୍ଦ୍ର କୁମାର ନାୟକଙ୍କ ସକ୍ରୀୟ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଭିଡ଼କୁ ନିୟନ୍ତ୍ରଣ କରାଯିବା ଦିଗରେ ବିଶେଷ ବ୍ୟବସ୍ଥା କରାଯାଇଥିଲା । ଅପରାହ୍ନ ୩ଟା ବେଳେ ଚାରି ଠାକୁରମାନଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ପ୍ରଥମେ ଠାକୁର ସୁଦର୍ଶନ, ତା'ପରେ ବଡ଼ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ଶେଷରେ ଜଗତରନାଥ ଶ୍ରୀ ଜଗନ୍ନାଥଙ୍କର ସାହି ରୋଷଣୀ କରାଯାଇ ମନ୍ଦିର ସମ୍ମୁଖସ୍ଥ ବଡ଼ଦାଣ୍ଡରେ ଦଣ୍ଡାୟମାନ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା । ଉପସ୍ଥିତ ସେବାୟତ ଓ ଭକ୍ତମାନଙ୍କ ଦ୍ୱାରା ଶଙ୍ଖ, ଘଂଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଦନର ଗହଗହ ନାଦ ତଥା ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେବାର ଦୃଶ୍ୟ ଖୁବ୍ ମର୍ମସ୍ପର୍ଶୀ ଥିଲା । ମନ୍ଦିର ପରିଚାଳନା କମିଟିର ସଭାପତି ଜୀତେନ୍ଦ୍ର କୁମାର ନାୟକ ରାଜା ପୋଷାକ ପରିଧାନ କରି ପାରମ୍ପରିକ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ ।

# ଦିନିକିଆରେ ସଚିନଙ୍କୁ ପଛରେ ପକାଇ ଐତିହାସିକ ରେକର୍ଡ଼ କଲେ ବିରାଟ କୋହଲି



ନୂଆଦିଲ୍ଲୀ : ବିରାଟ କୋହଲି ଏକଦିବସୀୟ କ୍ରିକେଟରେ ଆଉ ଏକ ବଡ଼ ରେକର୍ଡ ହାସଲ କରିଛନ୍ତି । ସେ ବର୍ମିଂହାମରେ ତାଙ୍କ ଏକଦିବସୀୟ କ୍ୟାରିୟରର ୩୦୦ତମ ଇନିଂସରେ ବ୍ୟାଟିଂ କରିଥିଲେ । ଯଦିଓ ବିରାଟ ସେହି ମ୍ୟାଚରେ କେବଳ ୫ ରନ କରିପାରିଥିଲେ, କିନ୍ତୁ ୩୦୦ ଇନିଂସ ପରେ ସର୍ବାଧିକ ରନ କରିବାରେ ସେ ବହୁତ ଆଗକୁ ବଢ଼ିଯାଇଥିଲେ । ବିରାଟ ଏବେ ସଚିନ ତେନ୍ଦୁଲକରଙ୍କଠାରୁ ୨,୭୮୭ ରନ ଆଗରେ ଅଛନ୍ତି । ପ୍ରକୃତରେ, ବିରାଟ କୋହଲି ତାଙ୍କ ଏକଦିବସୀୟ କ୍ୟାରିୟରର ପ୍ରଥମ ୩୦୦ ଇନିଂସରେ ୧୪,୮୦୨ ରନ କରିଥିଲେ । ଅନ୍ୟପକ୍ଷରେ, ସଚିନ ତେନ୍ଦୁଲକର, ଯାହାଙ୍କୁ 'କ୍ରିକେଟର ଭଗବାନ' କୁହାଯାଏ, ସମାନ ସଂଖ୍ୟକ ଇନିଂସରେ ୧୨,୦୧୫ ରନ କରିଥିଲେ । ଏହିପରି, ବିରାଟ ୩୦୦ ଇନିଂସ ପରେ ସଚିନଙ୍କଠାରୁ ୨,୭୮୭ ରନ ଆଗରେ ଅଛନ୍ତି । ୩୦୦ ଇନିଂସ ପରେ ୧୧,୦୦୦ ରୁ ଅଧିକ ରନ କରିଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ସୌରଭ ଗାଙ୍ଗୁଲି, ରିକି ପଂଟିଂ ଏବଂ ଜ୍ୟାକ କାଲିସ ଥିଲେ; ତଥାପି, ବିରାଟ ସେମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନରେ ପଛରେ ପକାଇ ଦେଇଛନ୍ତି । ଶତକ କଥା ଆସିଲେ, ବିରାଟ ତାଙ୍କର ୩୦୦ତମ ଇନିଂସ ପୂରଣ କରିବା ସମୟରେ ୫୪ ସତକ କରିସାରିଥିଲେ, ଯେତେବେଳେ ସଚିନ ସେହି ମାଇଲଖୁଂଟରେ ପହଂଚିବା ସମୟରେ ୩୪ ଶତକ ହାସଲ କରିଥିଲେ । ହାରାହାରି ଦୃଷ୍ଟିରୁ ବିରାଟ କୋହଲି ମଧ୍ୟ ଆଗରେ ଅଛନ୍ତି । ୩୦୦ ଇନିଂସ ମଧ୍ୟରେ ୧୧,୦୦୦ ରୁ ଅଧିକ ଦିନିକିଆ ରନ କରିଥିବା ସମସ୍ତ ବ୍ୟାଟସମ୍ୟାନଙ୍କ ମଧ୍ୟରେ ବିରାଟ ହେଉଛନ୍ତି ଏକମାତ୍ର ଯିଏକି ୫୦ ରୁ ଅଧିକ ହାରାହାରି ସ୍କୋର କରିଛନ୍ତି । ୩୦୦ ଇନିଂସ ପରେ, ବିରାଟଙ୍କ ହାରାହାରି ୫୮.୫ ରହିଛି, ଯେତେବେଳେ ସଚିନ ତେନ୍ଦୁଲକରଙ୍କ ହାରାହାରି ୪୪.୫୦ ଥିଲା । ମୋଟ ଦିନିକିଆ ରନ ମାମଲାରେ ସଚିନ ତେନ୍ଦୁଲକର ବିରାଟଙ୍କଠାରୁ ବହୁତ ଆଗରେ ଅଛନ୍ତି । ଏହି ସମୟରେ, ବିରାଟ ୧୫,୦୦୦ ରନ ପାଖାପାଖି ପହଂଚିଛନ୍ତି । ଅନ୍ୟପକ୍ଷରେ, ସଚିନ ତେନ୍ଦୁଲକର ତାଙ୍କର ଐତିହାସିକ ଢଉଓ କ୍ୟାରିୟରରେ ୪୬୩ ମ୍ୟାଚ ବିସ୍ତାର କରି ୧୮,୪୨୬ ରନ କରିଥିଲେ । ସେ ଆଜି ପର୍ଯ୍ୟନ୍ତ ଢଉଓ କ୍ରିକେଟରେ ସର୍ବାଧିକ ରନ ସ୍କୋରର ରହିଛନ୍ତି ।

# ଦ୍ୱିତୀୟ ଦିନିକିଆରେ ଖେଳି ନ ପାରନ୍ତି ଶୁଭମନ ଗିଲ୍



ନୂଆଦିଲ୍ଲୀ: ଶୁଭମନ ଗିଲଙ୍କ ନେତୃତ୍ୱରେ ଭାରତ ପ୍ରଥମ ଦିନିକିଆରେ ଇଂଲଣ୍ଡକୁ ସହଜରେ ପରାସ୍ତ କରି ସିରିଜରେ ୧-୦ର ଅଗ୍ରଣୀ ହାସଲ କରିଛି । ଦ୍ୱିତୀୟ ଦିନିକିଆ କାର୍ଡିଫରେ ଖେଳାଯିବ । ଏହି ମ୍ୟାଚରେ ଗିଲଙ୍କ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ପ୍ରଥମ ଦିନିକିଆରେ ବ୍ୟକ୍ତିଗତ ଭାବେ ୮୦ ରନ କରିଥିବା ବେଳେ ଗିଲ ରିଟାୟର ହର୍ଟ ହୋଇଥିଲେ । ଯଦି ଗିଲ ଏହି ମ୍ୟାଚରେ ନ ଖେଳିବେ ତେବେ ଶ୍ରେୟାଶ ଆୟାର ଦଳର ନେତୃତ୍ୱ ନେଇପାରନ୍ତି । ଈଶାନ କିଶାନ ଓପନିଂ କରିବେ । ଗିଲ ଭଲ ଫର୍ମରେ ଥିବାରୁ ଏହା ଟିମ ଇଣ୍ଡିଆକୁ ଅସୁବିଧାରେ ପକାଇପାରେ । ରୋହିତ ଶର୍ମା ଓ ବିରାଟ କୋହଲି ପୂର୍ବ ଭଳି ଲୟରେ ରହିଲେ ଭାରତ ନିଶ୍ଚିତ ଭାବେ ଘରୋଇ ଦଳକୁ ଚାପରେ ପକାଇ ପାରିବ । କାର୍ଡିଫରେ ପେସ ବୋଲର ଫାଇଦାରେ ରହିବେ ବୋଲି ଆଶା କରାଯାଉଛି । ଈଶାନଙ୍କ ପାଇଁ ଏହା ବଡ ସମସ୍ୟା ସୃଷ୍ଟି କରିପାରେ । ଟି୨୦ ସିରିଜ ହାରିବା ପରେ ଦିନିକିଆରେ ବିଜୟ ହାସଲ କରି ଭାରତ ମଧୁର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି ।

# ଜାଡେଜାଙ୍କ ୨୦୨୭ ଦିନିକିଆ ବିଶ୍ୱକପ ଖେଳିବା ଆଶା କ୍ଷୀଣ



ନୂଆଦିଲ୍ଲୀ: ରବୀନ୍ଦ୍ର ଜାଡେଜା ୨୦୨୭ ଦିନିକିଆ ବିଶ୍ୱକପ ଖେଳିବା ଆଶା ଏବେ ବି ରଖିଛନ୍ତି । ତେବେ ତାଙ୍କର ଏହି ଆଶା ପୂରଣ ହେଲା ପରି ଲାଗୁନି । ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟ ଅନୁସାରେ ଚୟନ କମିଟି ଧୀରେ ଧୀରେ ତାଙ୍କୁ ଅଣଦେଖା କରିବା ଆରମ୍ଭ କରିଛନ୍ତି । ଜାଡେଜାଙ୍କ ସ୍ଥାନରେ ଅକ୍ଷର ପଟେଲ ସେମାନଙ୍କ ପସନ୍ଦ ରହିଛନ୍ତି । ଚୟନ କମିଟି ତାଙ୍କ ରଣନୀତିରେ ୭ ପର୍ଯ୍ୟନ୍ତ ବ୍ୟାଟିଂ ଲାଇନଅପ ମଜଭୁତ କରିବାକୁ ଚାହୁଁଛନ୍ତି । ଅଲରାଉଣ୍ଡର ଭାବେ ଅକ୍ଷର ଭଲ ଫର୍ମରେ ଥିବାରୁ ସେ ପ୍ରଥମ ପସନ୍ଦ ରହିଛନ୍ତି । ଜାଡେଜା କିଛି ଦିନ ହେବ ଧଳାବଲ କ୍ରିକେଟରେ ସେଭଳି ଆଖିଦୃଶିଆ ପ୍ରଦର୍ଶନ କରିପାରି ନାହାନ୍ତି । ଟିମ ଇଣ୍ଡିଆ ମ୍ୟାନେଜମେଂଟ ଦକ୍ଷିଣ ଆଫ୍ରିକାରେ ଚୂଡାନ୍ତ ଏକାଦଶରେ ଜଣେ ସ୍ପିନର ରଖିବାକୁ ଚାହୁଁଛନ୍ତି । ଅକ୍ଷର ଏବଂ ହର୍ଷ ଦୁବେ ଏହି ଦୌଡରେ ଆଗରେ ରହିଛନ୍ତି । ଅନ୍ୟ ଅର୍ଥରେ ଜାଡେଜାଙ୍କ କ୍ୟାରିୟର ପ୍ରାୟ ଶେଷ ହେବାକୁ ଯାଉଛି । ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ଶେଷ ଥର ଖେଳିଥିଲେ । ଜାଡେଜା ୨୧୦ ଦିନିକିଆରେ ୨୩୨ ୱିକେଟ ଅକ୍ତିଆର କରିଛନ୍ତି । ଅପରପକ୍ଷରେ ଅକ୍ଷର ୭୨ ମ୍ୟାଚରେ ୭୯ ୱିକେଟ ହାସଲ କରିଛନ୍ତି । ସେ ୯୧୫ ରନ ମଧ୍ୟ ସଂଗ୍ରହ କରିଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**